

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ


❋ ଦ୍ୱିତୀୟ ପୁଷ୍ପ ❋ ପ୍ରଥମ ପାଖୁଡ଼ା ❋ ଚତୁର୍ଥ ସଂଖ୍ୟା ❋

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ଷଡ଼ଚତ୍ୱାରିଂଶତ୍ ❋ ଅଗ୍ନ୍ୟୁତ୍ସବ ମାସ ❋ ମାଘ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି


❋ ଦ୍ୱିତୀୟ ପୁଷ୍ପ ❋

ପ୍ରଥମ ପାଖୁଡ଼ା

ଚତୁର୍ଥ ସଂଖ୍ୟା


❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈ ।
ବସୁନ୍ଧରା ବାରି ବିମାନ ବହ୍ନିଃ-
ର୍ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


୨ୟ ମହକ, କେଶବାବ୍ଦ - ୫୪



| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଗୁରୁ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଶ୍ରୀ ସୁକାନ୍ତି ସୁତାଷ୍ଟକମ୍ | ୨ |
| ଉଦ୍‌ବୋଧନୀ ସଂଗୀତ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ପ୍ରାର୍ଥନା | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୭ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୮ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୨ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି | ୧୬ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୩ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୮ |
| ଉତିଷ୍ଠତଃ ! ଜାଗ୍ରତଃ !! | ୩୦ |
| ଜିଜ୍ଞାସା : ଜିଜ୍ଞାସୁ : | ୩୩ |
| ମହାବିବେକ ଗ୍ରନ୍ଥ: ଷଷ୍ଠଖଣ୍ଡରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୩୫ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୮ |
| କଲ୍ୟାଣ ଦେଲି ତୋତେ | ୪୧ |
| କେଶବ କୈବଲ୍ୟ କଣିକା | ୪୫ |
| ଆଧାତ୍ମିକ ପ୍ରବନ୍ଧ : ଅକର୍ମେ ବାସୁଦେବ ପ୍ରୀତି | ୪୭ |
| ଚରମ ପ୍ରଚ୍ଛଦପଟ ସମ୍ପର୍କରେ | ୫୧ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୫୪ |
| ଆଶ୍ରମ ସନ୍ଦେଶ | ୫୬ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।

୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।

୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।

୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।

୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅର୍ଘ୍ୟମ୍



## ମଙ୍ଗଳାଚରଣ

ଆନନ୍ଦଚିଦ୍ ସତ୍ୟମରୂପମାଦ୍ୟଂ ।
ନିରଞ୍ଜନଂ ନିତ୍ୟମନନ୍ତମୀଶମ୍ ।୧।
ଲୀଳାମୟଂ ବ୍ରହ୍ମପରମ୍ ପୁରାଣଂ ।
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୨।
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।
କେଶବଚନ୍ଦ୍ରଂ ପୁରୁଷଂ ଭଜାମଃ ।୩।
କେଶବଚନ୍ଦ୍ରଂ ପୁରୁଷଂ ସ୍ମରାମଃ ।
କେଶବଚନ୍ଦ୍ରଂ ପୁରୁଷଂ ବିଶାମଃ ।୪।
ତଂ କେଶବଚନ୍ଦ୍ରଂ ପଦଂ ନମାମଃ ।
ଶ୍ରୀ କେଶବଚନ୍ଦ୍ରଂ ଗୁରୁଂ ନମାମଃ ।୫।
ତଂ ପୂର୍ଣ୍ଣବ୍ରହ୍ମ ରୂପଂ ନମାମଃ ।
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୬।

## ଗୁରୁ ବନ୍ଦନା

ଗୁରୁହିଁ ଭୁବନେଶ୍ୱରୀ ଗୁରୁହିଁ ଭୈରବୀ ।
ଗୁରୁ ଚଣ୍ଡୀ ଗୁରୁଶକ୍ତି ମହା ପରାଭବୀ ।୧।
ଗୁରୁ ଦୁର୍ଗା ଗୁରୁ କାଳୀ ଗୁରୁ ସରସ୍ୱତୀ ।
ଧୂମାବତୀ ଅନ୍ନପୂର୍ଣ୍ଣା ଅପର୍ଣ୍ଣା ମାତଙ୍ଗୀ ।୨।
ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁ ମହେଶ୍ୱର ।
ଗୁରୁ ସ୍ଥୂଳ ସୂକ୍ଷ୍ମ ପୁଣି ପ୍ରଭୁ ନିରାକାର ।୩।
ବନ୍ଦେ ଗୁରୁସ୍ୱାମୀ ପଦ ପଙ୍କଜ ଯୁଗଳ ।
ଗୁରୁ କୃପା କଲେ ଜୀବ ଜୀବନ ସଫଳ ।୪।
ଶ୍ରୀଗୁରୁ ପାଦ ପାଦୁକା ତଳେ ନତ ଶିର ।
ସର୍ବବେଦ ତତ୍ତ୍ୱ ସାର ଗୁରୁସ୍ୱାମୀ ଗିର ।୫।
ଶ୍ରୀଗୁରୁସ୍ୱାମୀ କେଶବ ସ୍ୱର୍ଣ୍ଣକ୍ଷେତ୍ର ପତି ।
କେଶବ ବିନୁ ସଂସାରେ ନାହିଁ ଆନ ଗତି ।୬।
ଯେଉଁ କେଶବର ପାଦ ବ୍ରହ୍ମା ନ ପାଆନ୍ତି ।
ସେ କେଶବ ନର ଦେହେ ଏଠାରେ ଖେଳନ୍ତି ।୭।
ପାଦପୀଠେ ଲାଗିଅଛି ଭକତ ଗହଳ ।
କେଶବ କେଶବ ବୋଲି ଉଠୁଅଛି ରୋଳ ।୮।
କେଶବ କେଶବ ନାମେ ହେଉ ପ୍ରକମ୍ପିତ ।
କେଶବ ନାମ ବିଶ୍ୱରେ ହେଉ ନିନାଦିତ ।୯।
ସେ କେଶବ ନାମ ସ୍ମରି ତରିଯା'ନ୍ତୁ ଜୀବ ।
ସେ କେଶବ ନାମ ଗାଉ ଥା'ନ୍ତୁ ସର୍ବଜୀବ ।୧୦।
କେଶବ ନାମ ଜପରେ ତୁଟେ ଯେତେ ପାପ ।
ପ୍ରାଣୀ ତା' ଜୀବନେ କରି ପାରେନା ସେ ପାପ ।୧୧।
ସେ କେଶବ ଗୁରୁସ୍ୱାମୀ ଗୁରୁଅଙ୍ଗ ଧରି ।
ଆସିଛନ୍ତି ଧରାଧାମେ ଆଜି ଅବତରି ।୧୨।
ମୂଢ଼ଜଡ଼ ପାମର ଅଧମ ଆମେ ଯେତେ ।
ଶ୍ରୀଚରଣ ଧାୟିଅଛୁ ଯଥା ସାଧମତେ ।୧୩।
କରୁଣାସାଗର ପ୍ରଭୁ କର ହେ କରୁଣା ।
ଜୀବନ ବିଫଳ ହେବ ତୋ କରୁଣା ବିନା ।୧୪।
ଚରଣ ରେଣୁ ଝରାଅ ନତଶିର ପରେ ।
ଜୀବନ ସଫଳ ହେଉ ତୋର କରୁଣାରେ ।୧୫।
ପତିତପାବନ ହରି ଆହେ ଗୁରୁସ୍ୱାମୀ ।
ଉଦ୍ଧର ଭବ ବନ୍ଧନୁ ଆହେ ଅନ୍ତର୍ଯ୍ୟାମୀ ।୧୬।
ବିରାଜ ହୃଦୟପୀଠେ ଦୟା ଅବତାର ।
ଜୀବନ ସାର୍ଥକ ହେଉ ଲଭି କୃପା ତୋର ।୧୭।
ଧନ୍ୟ ଏ ଜୀବନ ପାଇ ଶ୍ରୀପଦ ସାକ୍ଷାତ ।
ଚରଣ ଦର୍ଶନେ ଜୀବ ଜୀବନ ମୁକତ ।୧୮।




## ଅଥ ଶ୍ରୀସୁକାନ୍ତିସୁତାଷ୍ଟକମ୍

ସଚ୍ଚିଦାନନ୍ଦମ୍ ଅରୂପମାଦ୍ୟଂ
ନିରଞ୍ଜନଂ ନିତ୍ୟମନନ୍ତମୀଶମ୍ ।
ଲୀଳାମୟଂ ବ୍ରହ୍ମପରଂ ପୁରାଣଂ
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୧।

ଉର୍ଦ୍ଧ୍ୱର୍ତ୍ତୁକାମଂ କଳିଜୀବବୃନ୍ଦଂ
ଶ୍ରୀସ୍ୱର୍ଣ୍ଣକ୍ଷେତ୍ରେ ଧୃତ ନରରୂପମ୍ ।
କେଶବଚନ୍ଦ୍ରଃ କରୁଣାବତାରଂ
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୨।

ଆଜନ୍ମ ଭକ୍ତ ଭବାରୈକ ଲକ୍ଷ୍ୟଂ
ବ୍ରହ୍ମମୟ ପ୍ରାଣ ମନଃ ଶରୀରମ୍ ।
ଲୋକୋତ୍ତରଂ ଭାବମୟାବତାରଂ
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୩।

ଶୈଶବ ସନ୍ନ୍ୟାସ ଯୌବନ ଭୋଗଂ
ନିରାଡ଼ମ୍ବର ଜୀବନାଶୁତୋଷମ୍
ତ୍ୟାଗାବତାରଂ ଜଗନ୍ନାଥ ନାଥଂ
କେଶବ ଚନ୍ଦ୍ରଂ ପୁରୁଷଂ ନମାମଃ ।୪।

ବ୍ରହ୍ମପଦ ପ୍ରେମମଧୁ ଭ୍ରମରଂ
ତଦ୍‌ପ୍ରେମ ସଂପ୍ଲାବିତ ମର୍ତ୍ତ୍ୟଲୋକମ୍ ।
ବ୍ରହ୍ମମୟ ପ୍ରେମ ପରାବତାରଂ
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୫।

ବ୍ରହ୍ମ ବିବେକୋଦିତ ବିଶ୍ୱତତ୍ତ୍ୱଂ
ବାଣୀଶ୍ୱରଂ କାଳ ମନୋରଞ୍ଜନମ୍ ।
ଜ୍ଞାନାବତାରଂ ଧୃତ ମୁଗ୍ଧଭାବଂ
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୬।

ଯୋଗେଶ୍ୱରଂ ଭିନ୍ନ ତ୍ରିସପ୍ତ ଚକ୍ରଂ
କୂଟସ୍ଥିତଂ ତନ୍ମୟମିଦ୍ଧ ବୋଧମ୍ ।
ଛାୟାବପୁର୍ବ୍ୟାପ୍ତ ତ୍ରିସପ୍ତ ଲୋକଂ
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୭।

ଆଲୋକଦୀକ୍ଷାଂଶ୍ଚ ବିବୁଦ୍ଧ ପଦ୍ମାନ୍
ଶିଷ୍ୟାନ୍ ଶରଣ୍ୟଂ ପରିଦର୍ଶୟନ୍ତମ୍
ରୂପାକ୍ଷରାନୂପମ୍ ତୁରୀୟ ତତ୍ତ୍ୱମ୍
କେଶବଚନ୍ଦ୍ରଂ ପୁରୁଷଂ ନମାମଃ ।୮।

# ଉଦ୍‌ବୋଧନୀ ସଙ୍ଗୀତ

ଜାଗରେ ଭାଇ ଜାଗରେ ( ୨ଥର )
ଖୋଜେ ମନ ଯାହାକୁ ପାଇଅଛୁ ତାହାକୁ
ଆଜି ସିଏ ଆମ ଆଗରେ ।୦। ( ୨ଥର )

ଡାକିବା ପ୍ରଭୁଙ୍କୁ ନିଶି ଦିବସେ
ତାଙ୍କ ଗୁଣ ଗାଇବାରେ ହରଷେ
ସବୁ ତାଙ୍କରି ଲୀଳା ସବୁ ପ୍ରଭୁଙ୍କ ଖେଳା
ସେ ବ୍ରହ୍ମରେ ଝାସ ଦେବା ଆମେ ରେ..... ।୧। ( ୨ଥର )

ବଡ଼ପଣ ଆମ ମନୁ ଉଡ଼ିବା
ସତ୍ୟର ସନ୍ଧାନେ ଆମେ ଚାଲିବା
ସତ୍ୟ ପାଶେ ରହି ଅସତ୍ୟ ନ ହେବୁଁ
ଗୁରୁଆଜ୍ଞା ମାନି ଭାଇ ଚଳରେ..... ।୨। ( ୨ଥର )

ଭୟ ନ ରଖିବା ଆମ ମନରେ
ତାଙ୍କରି ସେବାରେ ଜୀବ ଯାଉରେ
ଜୟ ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ
ଭବ ତୁମେ ଭାଇ ଜାଗରେ.... ।୩। ( ୨ଥର )

# ମୁଖଶାଳା

## ସମ୍ପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!

ଡଗରର ଭୂମିକା ନେଇ 'ଚରମ' ନଗର, ଜନପଦ, ପଲ୍ଲୀ, ଗ୍ରାମ ସର୍ବତ୍ର ସତ୍ୟ ନିତ୍ୟ ସନାତନର ଧର୍ମ ଡାକରା ଦେଲାଣି । ଶୁଣି ନ ଶୁଣିବାର, ବୁଝି ନ ବୁଝିବାର, ଜାଣି ନ ଜାଣିବାର ଛଳନାତ୍ମକ ଅଭିନୟ ଆଉ ଚଳିବ ନାହିଁ । ଧାରା ନେବାକୁ ହେବ, ଧାରା ନେଇ ଧରା ନ ଦେବାର ଫିକର କଲେ, ସର୍ବନାଶୀ ବୁଦ୍ଧିର ଶିକାର ହେବାକୁ ହିଁ ହେବ । ସ୍ନେହ ସୌହାର୍ଦ୍ଦ୍ୟର ଆହ୍ୱାନକୁ ପ୍ରତ୍ୟାଖ୍ୟାନ କଲେ, ଶମନ ଜାରି ହେବ ହିଁ ହେବ । କଥାରେ କହନ୍ତି, 'ମରଣ କାଳେ ନିଦ୍ରା ଗଲେ, ଯମକି ଛାଡ଼ି ଦେବ ଭଲେ ।।'

ଢ଼ଗଢ଼ମାଳିର ଅନ୍ତିମ ମୁହୂର୍ତ୍ତ ପହଞ୍ଚିଗଲାଣି । ଏସବୁ ଅଚଳ ହୋଇଯିବ । ଏକମାତ୍ର ଗୁରୁକୃପା ନିମନ୍ତେ ଶ୍ରୀଗୁରୁ ପ୍ରଦର୍ଶିତ ପୁରୁଷାର୍ଥ ବା କର୍ମଯୋଗ ଓ ଧର୍ମଧାରାରେ ଚଳିବାକୁ ହେବ । ସ୍ୱଅର୍ଜିତ ସକଳ ଧନ, ମାନ, ଜ୍ଞାନ ଶ୍ରୀଗୁରୁସ୍ୱାମୀଙ୍କ ପଦ୍ମପାଦପୀଠରେ ଅକୁଣ୍ଠିତ ଚିତ୍ତରେ ଉତ୍ସର୍ଗ କରି ପୂର୍ଣ୍ଣ ସମର୍ପଣ ଭାବରେ ଜୀବନ ଚଳଣିରେ ଚଳିଗଲେ ସବୁ ମିଳିବ, ମିଳିବ ବହୁଗୁଣିତ ହୋଇ । ଗୋଟିଏ ମାଗୁଛ, କୋଟିଏ ଲଭିବ । ଲୋଡ଼ା କେବଳ ଅତୁଟ ସମ୍ପର୍କ ଓ ଗଭୀର ବିଶ୍ୱାସ । ତା ଉଦୟ ନ ହେଲେ, ଚୈତନ୍ୟ ପୁରୁଷ ଉପାୟ ଖଞ୍ଜିବେ । ସୁକୌଶଳୀ ସ୍ରଷ୍ଟାପୁରୁଷଙ୍କୁ ସବୁ ଉପାୟ ଜଣା । ସେ ପରା ସର୍ବଜ୍ଞାତା ! ଶ୍ରୀପ୍ରଭୁପାଦଙ୍କର ଅନ୍ତର୍ଭେଦୀ ଦୃଷ୍ଟିର ଅନ୍ତରାଳରେ କିଛି ନାହିଁ । ଜକ ଜକ ହୋଇ ସବୁ ତାଙ୍କୁ ଦେଖା ଯାଉଛି ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ-ସବୁ ତାଙ୍କ ନଖ ଦର୍ପଣରେ । ଲୁଚି ଲୁଚେଇ ଯାହା ଚିନ୍ତାକର, ଯାହା ବାକ୍ୟରେ ପ୍ରକାଶ କର, ଯାହା କାର୍ଯ୍ୟରେ କର, ସେ ସବୁ ଜାଣି ଅଜଣାଙ୍କ ପରି ରହନ୍ତି, ରହିଛନ୍ତି । କାର୍ଯ୍ୟବେଳକୁ ସବୁ କରାଇ ନିଅନ୍ତି । ବିଶ୍ୱାସ କର ।

ତଡ଼ିତ୍ ବେଗରେ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ମହାପ୍ରଭୁ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଅପାର କରୁଣାରୁ ସବୁ ବିଶୃଙ୍ଖଳାର ଅବସାନ ଘଟିବ । ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟ ସହିତ ନୀରବଦ୍ରଷ୍ଟା ହୋଇ ଅପେକ୍ଷା କରିବା ସହିତ ଶ୍ରୀପ୍ରଭୁପାଦ ଦର୍ଶାଇଥିବା ପଥରେ ଆଗେଇ ଯିବା ବ୍ୟତୀତ ଜୀବର ଅନ୍ୟଗତି ନାହିଁ, ନ ଥାଏ ମଧ୍ୟ । ଆସନ୍ତୁ, ଏକ ସ୍ୱରରେ, ଏକ ପ୍ରାଣରେ, ଏକ ମନରେ, ଏକ ଲକ୍ଷ୍ୟରେ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ମାନସ ସନ୍ତାନ 'ଚରମ'ର ପ୍ରସାରରେ ଲାଗିଯିବା । ପଢ଼ିବା, ପଢ଼ି ଅନ୍ୟକୁ ଶୁଣାଇବା, ବିଭିନ୍ନ ତତ୍ତ୍ୱ ସମ୍ବଳିତ ଲେଖା ସମ୍ପର୍କରେ ଆଲୋଚନା କରିବା, ତଦଗତ ପ୍ରାଣ ହୋଇ ପ୍ରଭୁଙ୍କର ଅଭୟ ଆଶିଷ ଭିକ୍ଷା କରିବା ।

ଥୟ ଖୋଜି ଅଥୟରୁ ବର୍ତ୍ତିଯିବା ନିମନ୍ତେ ଲୟ ସ୍ଥିର ରଖିବା । ଧିର ମନ୍ଥର ଗତିରେ ତୀବ୍ର ବେଗରେ ଆଧ୍ୟାତ୍ମିକ କର୍ମପଥରେ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଆଗେଇ ଯିବା । ବାସ୍ତବ ସେବା, ଭକ୍ତି, ପ୍ରେମକୁ ମୂର୍ତ୍ତ କରି ତୋଳିବା ପାଇଁ ପୁରୁଷାର୍ଥର ପ୍ରୟୋଗ କରିବା । ବୀତସ୍ପୃହ ଭାବେ କର୍ମବିମୁଖ ହୋଇ 'ପ୍ରଭୁ ସବୁ କରିବେ, ଭାଗ୍ୟରେ ଯାହା ଥିବ, ତାହା ହେବ', ମନେ କରି ନିଶ୍ଚେଷ୍ଟ ହେବା ନାହିଁ । ପାରସ୍ପାରିକ ବ୍ୟକ୍ତିଗତ ମତାନ୍ତର,

କଳହ, ସଂଘର୍ଷର ଆଳ କରି ଜିଦ୍‌ରେ ଅଭିମାନ ଅହଂକାର ପୋଷଣ କରିବା ନାହିଁ । ଏହାହିଁ ଆମର କର୍ତ୍ତବ୍ୟ, ଆମର ପ୍ରୟୋଜନ ।

ଦୟାଳୁ ପରମପିତାଙ୍କ ଶ୍ରୀଚରଣରେ ଶରଣ ନେବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ଦୀନବନ୍ଧୁଙ୍କର ସନ୍ତାନସନ୍ତତି ଆମେ ସମସ୍ତେ । ତେଣୁ ଆମର ପାରସ୍ପାରିକ ସମ୍ପର୍କ ଭାଇ ଭାଇ, ଭାଇ ଭଉଣୀ । ବନ୍ଧନରେ ରହି ପରସ୍ପରକୁ ଆଦର କରିବା, ମଧୁର ବଚନରେ ପ୍ରୀତ କରିବା ଦୟାମୟ ବିଶ୍ୱବନ୍ଧୁଙ୍କର ଏହାହିଁ ଆମ୍ଭମାନଙ୍କ ପ୍ରତି ସନ୍ଦେଶ । ଏହି ଏକତ୍ୱବୋଧର ଶକ୍ତିକୁ ବିଶ୍ୱକଲ୍ୟାଣମୁଖୀ କରି ସ୍ରଷ୍ଟାପୁରୁଷଙ୍କର ସୃଷ୍ଟିକୁ ଅମୃତମୟ କରି ତୋଳିବା । ଏହି ଉଦ୍ଦେଶ୍ୟରେ ହିଁ ଆମ୍ଭମାନଙ୍କର ସୃଷ୍ଟି । ଆସନ୍ତୁ, ସ୍ରଷ୍ଟାଙ୍କର ଉଦ୍ଦେଶ୍ୟ ସଫଳ କରିବା ପାଇଁ ସକ୍ରିୟ ହୋଇ ଉଠିବା ।

ଧର୍ମର ପ୍ରକୃତ ସ୍ୱରୂପ ଆଜି 'ଚରମ'ର ପୃଷ୍ଠାରେ ଉଦ୍‌ଘୋଷିତ । ମହାପୁରୁଷମାନେ ବହୁ ଗ୍ରନ୍ଥରେ ଧର୍ମର ବିଭିନ୍ନ ସଂଜ୍ଞା ନିରୂପଣ କରି ଯାଇଥିଲେ ହେଁ ଏଯାବତ୍ ଏହା ଅସଂପୂର୍ଣ୍ଣ । ପ୍ରଭୁ କହନ୍ତି, ଧର୍ମ ହିଁ ଈଶ୍ୱରୋପଲବ୍ଧି ଏବଂ ଏହାକୁ ବିଶ୍ୱକଲ୍ୟାଣରେ ଉପଯୋଗ କରିବାର ସୁକୌଶଳ । ଜଗଦ୍‌ପତିଙ୍କର ଏହି ବାଣୀର ମର୍ମ ସୁଦୂରପ୍ରସାରୀ । ମାନବ ଧର୍ମହିଁ ସବୁ ଧର୍ମର ମୂଳ । ମାନବିକ ସମ୍ବେଦନ-ଶୀଳତା ବ୍ୟତୀତ ଧର୍ମର ଉପାସନା ସମ୍ଭବ ନୁହେଁ । ପ୍ରବୃତ୍ତିର ନିୟନ୍ତ୍ରଣ ନ ହେଲେ, ସମ୍ବେଦନଶୀଳତା ଲାଭ କରାଯାଇ ପାରେନା । ସାଷ୍ଟାଙ୍ଗପ୍ରଣାମ ମାଧ୍ୟମରେ ଅଷ୍ଟାଙ୍ଗଯୋଗ ସହଜରେ ସାଧନ କରି ପ୍ରବୃତ୍ତି ନିୟନ୍ତ୍ରଣ କରାଯାଏ ।

ନଗଣ୍ୟ ମନେକରି ଅବହେଳା କଲେ, କ୍ଷମାର ମୂର୍ତ୍ତିମନ୍ତ ବିଗ୍ରହ ଶ୍ରୀଶ୍ରୀଶ୍ରୀ ଠାକୁର କ୍ଷମା କରି ଦେଇ ପାରନ୍ତି, ମାତ୍ର କ୍ଷତି ହେବ ଅବହେଳା କରୁଥିବା ବ୍ୟକ୍ତିର । ନଶ୍ୱର ଜଗତରେ କେହି ବା କିଛି ଆପଣାର ନୁହେଁ । ଆପଣାର କେବଳ ଜଣେ । ସେହି ପରମବ୍ରହ୍ମ ସତ୍ୟ ସନାତନ ନିତ୍ୟ ନୂତନ ଶ୍ରୀଗୁରୁସ୍ୱାମୀ । ଧନ ଦୌଲତ ଘରକୋଣରେ ପଡ଼ି ରହିଥିବ, ଗାଡ଼ି ଘୋଡ଼ା ତାଙ୍କ ସ୍ଥାନରେ ରହିଯିବେ, ସ୍ତ୍ରୀ ଏରୁଣ୍ଡିବନ୍ଧ ପର୍ଯ୍ୟନ୍ତ ଡେଇଁବ ନାହିଁ, ପୁତ୍ର ପରିଜନ ଶ୍ମଶାନ ପର୍ଯ୍ୟନ୍ତ ଆସିବେ ଦେହଟି ଚିତାରେ ଭସ୍ମହେବା ପର୍ଯ୍ୟନ୍ତ ଥିବେ, କିନ୍ତୁ ଏ ଉତ୍ତାରୁ ମଧ୍ୟ ଶ୍ରୀଗୁରୁସ୍ୱାମୀ ସାଥି ହୋଇଥିବେ । ଧୂଳିକଣାଟିଏ ପର୍ଯ୍ୟନ୍ତ ନେଇ ଏ ପୃଥିବୀକୁ ଆସି ନାହୁଁ, ତା' ମଧ୍ୟ ନେଇ ଏ ପୃଥିବୀରୁ ଯିବୁ ନାହିଁ ।

ପଞ୍ଚେନ୍ଦ୍ରିୟର ତାଡ଼ନାରେ ଜୀବ ବିଷୟାବିଷ ପାନରେ ପ୍ରମତ୍ତ । ତେଣୁ ମୃତବତ୍ ଜଡ଼ । ଚେତନାଶୂନ୍ୟ ଜୀବ ଚୈତନ୍ୟର ଆହ୍ୱାନ ଶୁଣି ନ ପାରିବା ଆଶ୍ଚର୍ଯ୍ୟର କଥା ନୁହେଁ । ସେହି ସୁପ୍ତ ଚେତନାକୁ ଚୈତନ୍ୟମୟ କରି ତୋଳିବା 'ଚରମ'ର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । ଏହାହିଁ 'ଚରମ'ର ବିଶ୍ୱକଲ୍ୟାଣକର କାର୍ଯ୍ୟକ୍ରମର ପ୍ରଥମ ସୋପାନ । ଆଧ୍ୟାତ୍ମିକ, ଧାର୍ମିକ ଏବଂ ପରମାର୍ଥିକ ତତ୍ତ୍ୱ ବ୍ୟାଖ୍ୟାନ ଅବସରରେ ନୂତନ ଶବ୍ଦାବଳୀର ପ୍ରୟୋଗ 'ଚରମ'ର ଅନ୍ୟତମ ବୈଶିଷ୍ଟ୍ୟ । ଏହାଦ୍ୱାରା ବିଶ୍ୱ ସାହିତ୍ୟକୁ 'ଚରମ' ପରିପୁଷ୍ଟ କରୁଛି । କିନ୍ତୁ, ଏ ସବୁ ସତ୍ତ୍ୱେ ଯେଉଁମାନଙ୍କର ଭୂମିକା ଆମ କାର୍ଯ୍ୟକ୍ରମରେ ଅପରିହାର୍ଯ୍ୟ, ସେମାନେ ଏ ଯାବତ୍ ଧ୍ୱନିର ପ୍ରତିଧ୍ୱନି ତୋଳି ନାହାନ୍ତି ।

ଫଳତଃ ଅମୀୟ ପୀୟୁଷ ଧାରା ସେମାନେ ପାନ କରିବାରୁ ବଞ୍ଚିତ ହୋଇଛନ୍ତି ତଥା ଅନ୍ୟ ଅନେକେ ସେମାନଙ୍କୁ ଆଦର୍ଶ ରୂପେ ତୋଳି ଧରି ସ୍ୱର୍ଗ ସୁଧାପାନକୁ ବର୍ଜନୀୟ ମନେ କରୁଛନ୍ତି । ଆପଣାର ସନ୍ତାନସନ୍ତତିମାନଙ୍କର ଏତାଦୃଶ ଜଡ଼ ବୁଦ୍ଧି ଓ ଅନାସ୍ଥା ଆଚରଣ ଦେଖି ପରମ ଦୟାଳୁ ପରମପିତା ସମୟ ସମୟରେ ଦୁଃଖ ପ୍ରକାଶ କରୁଛନ୍ତି । ସକଳ ଜୀବ ତାଙ୍କରି ଠାରୁ ହିଁ ସୃଷ୍ଟ, ସମସ୍ତେ ତାଙ୍କର ସନ୍ତାନ ସନ୍ତତି, ସମସ୍ତଙ୍କର ଭାବ ଗ୍ରହଣ କରି ଭାବଗ୍ରାହୀ ଶ୍ରୀଶ୍ରୀଶ୍ରୀ ଠାକୁର ତଥାପି ସନ୍ତୁଷ୍ଟ । କାରୁଣିକ ପରମଦୟାଳୁଙ୍କର ମନୋବେଦନା ଏ ଜୀବ ତଥାପି ବୁଝୁନି । କିମଧିକମ୍ !! ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!

- ସଂପାଦନା

# ପ୍ରାର୍ଥନା

ଆହେ ଦୟାମୟ ଶମ୍ଭୁ ନନ୍ଦନ !
ତୁମେ ଆମ ଲଲାଟର ଚନ୍ଦନ । ଘୋଷା ।

ଆମେ ଅବୋଧ ଅଜ୍ଞାନ ସନ୍ତାନ,
ତୁମ ପଦେ ଢାଳି ମନ ସୁମନ ।
ଲୟ ରଖିଅଛୁ ତୁମ ଚରଣେ
ରହିବାକୁ ସଦା ତୁମ ଶରଣେ ॥୧॥


ଆହେ ଶରଣ ରକ୍ଷଣ ଠାକୁର,
ଆମେ ତୁମ ସେବାକାରୀ କିଙ୍କର ।
ତୁମେ ଲଗାଇବ ଯେଉଁ କାମେ,
କରିଯିବୁ ତାହା ସୁଖେ ଧରମେ ॥୨॥

ତୁମେ ଭଲ ବୁଦ୍ଧି ଦିଅ ସତତ,
ତୁମ ପଦେ ମନ ରହୁ ନିରତ ।
ତୁମେ ଭଲକାମ ସଦା କରାଅ,
ତୁମେ ଭଲ ପଥ ପରା ଧରାଅ ॥୩॥

ତୁମେ ଚିନ୍ତାମଣି ପ୍ରଭୁ କେଶବ,
ତୁମେ ଗୋବିନ୍ଦ ଗୋପାଳ ମାଧବ ।
ତୁମେ ଅଗତିର ଗତି ମୁକତି,
ତୁମେ ଜଗନ୍ନାଥ ଜଗତ ପତି ॥୪॥

ରହିଥାଉ ତୁମ ପଦେ ଲୟ ହେ,
ତୁଟିଯାଉ ସବୁ ଭବ ଭୟ ହେ ।
ପ୍ରଭୁ କରୁଣାସାଗର ଗୋସାଇଁ,
ସତ୍ୟପଥେ ନିଅ ଜୀବନ ସାଇଁ ॥୫॥

# ଶ୍ରୀମନ୍ଦିର



## ବନ୍ଦେ ମହାପୁରୁଷ ! ତେ ଚରଣାର ବିନ୍ଦମ୍ !


## ଅଚ୍ୟୁତଙ୍କ ଲେଖନୀରୁ

ଉତ୍କଳବ୍ୟାସ ସାରଳା ଦାସଙ୍କ ସର୍ବଧର୍ମ ସମନ୍ୱୟ ସାହିତ୍ୟ ଏବଂ ପଞ୍ଚସଖାଙ୍କର ଓଡ଼ିଶୀ ବୈଷ୍ଣବ ତତ୍ତ୍ୱମୂଳକ ସାହିତ୍ୟରେ ରସାତ୍ମକ ଜ୍ଞାନମିଶ୍ରା ଭକ୍ତିର ଶୁଦ୍ଧ ଫଲ୍‌ଗୁଧାରା ସ୍ପଷ୍ଟତଃ ପ୍ରତିପାଦିତ । ପଞ୍ଚସଖା ବୈଷ୍ଣବମାନଙ୍କ ମଧ୍ୟରେ ଅନ୍ୟତମ ଅଚ୍ୟୁତଙ୍କ ଜନ୍ମ ୧୫୦୨ ଖ୍ରୀଷ୍ଟାବ୍ଦ । ତାଙ୍କ ଜନ୍ମ ସ୍ଥାନ ନିରୂପଣ ସମ୍ପର୍କରେ ପଣ୍ଡିତ ଗବେଷକମାନଙ୍କର ଦ୍ୱିମତ ଥିଲେ ହେଁ ତାଙ୍କର ସ୍ୱରଚିତ ଜ୍ଞାନ ସମ୍ପର୍କରେ ସମସ୍ତେ ଏକମତ । ସିଦ୍ଧ ମହାପୁରୁଷ ଅଚ୍ୟୁତଙ୍କର ବହୁଗ୍ରନ୍ଥ ଏଯାବତ୍ ଅପ୍ରକାଶ୍ୟ ହୋଇ ରହିଛି । ଓଡ଼ିଆ ସାହିତ୍ୟ ଓ ଇତିହାସର ଗବେଷକ ପଣ୍ଡିତମାନଙ୍କର ଗବେଷଣା ସାପେକ୍ଷ । ମହାପୁରୁଷଙ୍କର ଅଧ୍ୟାତ୍ମ ଚିନ୍ତା ସାମ୍ପ୍ରତିକ ଜନଚେତନାରେ ପ୍ରକଟ କରିବା ସହିତ କେତେକ ଅପ୍ରକାଶିତ ରଚନାର କିୟଦଂଶ ପ୍ରକାଶ କରି ସିଦ୍ଧପୁରୁଷଙ୍କ ସାଙ୍କେତିକ ଭାଷାର ଯଥାର୍ଥ ଆଧ୍ୟାତ୍ମିକ ଅର୍ଥ ନିର୍ଦ୍ଦେଶ କରିବା ଦାୟିତ୍ୱ 'ଚରମ'ର ସମ୍ପାଦନା ପ୍ରାରମ୍ଭରୁ ବହନ କରିଆସିଛି ।

**(ପରାର୍ଦ୍ଧ ସଂହିତା-୩ୟ ଖଣ୍ଡର ୨୧/୨୨ ପୃଷ୍ଠାରୁ)**

ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ ।
କୁବେର ଅଂଶ ମାଦଳି ଦେଉଛି ବତାଇ ॥୧॥
ବିରୂପା ପାଶେ ଅଛଇ ତ୍ରିବେଣୀ ତୂରରେ ।
ଛତିଆ ବଟକ ରାମ ଶନିଶ୍ଚର ପାରେ ॥୨॥
ପିତାନାମ 'ଭୋଳି ସାହୁ' ମାତା ଯେ 'କନିଆ' ।
'ଧ' ଅକ୍ଷରରେ ତପ ଯେ କରିଛି ଦୁରିଆ ॥୩॥
ନାମ ତା'ର 'ଧ୍ରୁବ' ହୀନ ସରଳ ଜୀବନ ।
ଭଟଷ୍ଟ ଋଷିଙ୍କ ନାମ ନୂଆ ଯେ ପାଟଣ ॥୪॥
ହରିଜନ ସାହି ପାଶେ ଭଟଷ୍ଟ ଆଶ୍ରମ ।
ସତସଙ୍ଗେ କେଶବ ଯେ ଦେଉଥିବେ ନାମ ॥୫॥
ଏଥୁଅନ୍ତେ ରାମ ଶୁଣ ଗୁପତ କାରଣ ।
ମାଘ 'ମ' କାର ଦିନରେ ବାର ଅଛି ଜାଣ ॥୬॥
ଅଙ୍ଗଅଙ୍କ ବାର ଯୋଗ ରାମ ତୁ କରିବୁ ।
ମକର ବେଳ ସନ୍ଧେ ଯେ ଧ୍ରୁବକୁ ଭେଟିବୁ ॥୭॥
ବାରଣ ଥୋଇବୁ ରାମ ଭଟଷ୍ଟ ଗ୍ରାମରେ ।
ଉଡ଼ିବ ଧ୍ୱଜାଟି ମୋର ନୂଆ ପାଟଣାରେ ॥୮॥
କୁବେର ପତି ଧ୍ରୁବ କମର ଭିଡ଼ିବ ।
ସହସ୍ର ଏକ ନ' ଶହ ନଅ ଚାରିଥିବ ॥୯॥
ଏତକ ପରାର୍ଦ୍ଧ ରାମ ଗୁପତର ମୁଣି ।
କହିଲି ବତାଇ ଦିନ ବାର ଯୋଗ ଗଣି ॥୧୦॥

**(ଏହି ଉଦ୍ଧୃତାଂଶର ବ୍ୟାଖ୍ୟା ପରବର୍ତ୍ତୀ ପାଖୁଡ଼ାରେ ପତ୍ରସ୍ଥ ହେବ ।)**



# ପୁରାଣ ପୃଷ୍ଠାରୁ

# ଗଳ୍ପିକା

'ଚରମ'ର ପ୍ରଥମ ପୃଷ୍ଠ : ତୃତୀୟ ପାଖୁଡ଼ାରୁ 'ପୁରାଣ ପୃଷ୍ଠାରୁ' ସ୍ତମ୍ଭରେ ନିୟମିତ ଭାବରେ ପୌରାଣିକ ଆଖ୍ୟାୟିକା ସଂଯୋଜିତ ହେବାର ଧାରା ସମ୍ପାଦନା ଗ୍ରହଣ କରିଛି । ଏହି ସ୍ତମ୍ଭର ବିଶେଷ ଆକର୍ଷଣ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ମୀମାଂସା । ପୁରାଣ ପୃଷ୍ଠାରୁ ଆମେ ସାଧାରଣ ଭାବରେ ଗଳ୍ପାଂଶମାନ ପାଠ କରି ଆମୋଦ ଲାଭ କରୁଁ । ଏହି ଆନନ୍ଦ ବୟସ ନିର୍ବିଶେଷରେ ଆବାଳବୃଦ୍ଧବନିତାଙ୍କୁ ପର୍ଯ୍ୟାୟାନୁକ୍ରମେ ମିଳିଥାଏ । ମାତ୍ର ପ୍ରତ୍ୟେକ ପୌରାଣିକ ଗଳ୍ପର ପ୍ରଚ୍ଛନ୍ନରେ ଯୋଗ, ସାଧନମାର୍ଗର ତତ୍ତ୍ୱ ଓ ମୀମାଂସା ନିହିତ । ଏହି ତତ୍ତ୍ୱ ଓ ମୀମାଂସା ଆଧାତ୍ମ ଶିକ୍ଷାର ସର୍ବୋତ୍ତମ ମାଧ୍ୟମ । ତତ୍ ସହିତ ଗୁରୁ ଗ୍ରହଣ, ସେବା, ନିଷ୍ଠା, ତ୍ୟାଗ, ପ୍ରେମ ଇତ୍ୟାଦି ସଂଯୋଜିତ ହେଲେ ମାନବ ଜନ୍ମ ଓ ଜୀବନ ସଫଳ ହେବା ସୁନିଶ୍ଚିତ । ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ''ପୁରାଣ ପୃଷ୍ଠାରୁ'' ନିୟମିତ ସ୍ତମ୍ଭ ''ଚରମ'' ପୃଷ୍ଠା ମଣ୍ଡନ କରି ତାତ୍ତ୍ୱିକ ଗୂଢ଼ାର୍ଥ ଜନମାନସରେ ଲୋକପ୍ରିୟ କରିବାର ଉଦ୍ୟମ ଅବ୍ୟାହତ ରଖିବାର ପ୍ରତିଶ୍ରୁତି ଦିଏ ।

## ପାଣ୍ଡବାସୁର ବଧ (ଶାରଳା ମହାଭାରତ ଆଦ୍ୟ ପର୍ବ)

ପୂର୍ବକାଳରେ ଅନ୍ଧକ ବଂଶରେ ପଣ୍ଡୁମତୀ ଗର୍ଭରୁ ଏକ ଅସୁର ଜନ୍ମ ନେଇଥିଲା । ତାହାର ନାମ ପାଣ୍ଡବାସୁର । ସେ ମହାବୀର ଥିଲା । ତା'ର ଥାଟର ସମକକ୍ଷ ହେବାଭଳି ସେନାବାହିନୀ ଆଉ କାହାର ନ ଥିଲା । ସେ ଯୁଦ୍ଧରେ ଇନ୍ଦ୍ର ଓ ରୁଦ୍ର ଆଦି ଦେବତାଙ୍କୁ ମଧ୍ୟ ଜିଣି ପାରୁଥିଲା । ସେହି ମହାଯୋଦ୍ଧା ପାଣ୍ଡବାସୁର ଆପଣା ଜିହ୍ୱାରୁ ରକ୍ତ ଦେଇ କାଳୀଙ୍କୁ ତୃପ୍ତ କରିଥିଲା । ମହାଦେବୀ କାଳୀ ପ୍ରସନ୍ନ ହୋଇ ତାକୁ ବର ଦେଇଥିଲେ । ଭଗବତୀଙ୍କ ବରରୁ ସେ ଅସୁର ତ୍ରିଜୀବୀ ହୋଇଥିଲା ।

ଏକଦା ପାଣ୍ଡବାସୁର ହସ୍ତିନା ଭୁବନ ଆକ୍ରମଣ କଲା । ବିପକ୍ଷ ଦଳର ଯୋଦ୍ଧାମାନଙ୍କର ଅସ୍ତ୍ରଶସ୍ତ୍ର ତାହାର ଶରୀରରେ ଭେଦୁ ନ ଥିଲା । ବାଟଘାଟରେ ଯେତେ ଲୋକଙ୍କୁ ଭେଟିଲା, ସେ ସମସ୍ତଙ୍କୁ ଖାଦ୍ୟ ରୂପରେ ଖାଇଦେଲା । ସେ ହସ୍ତିନା ରାଜ୍ୟରେ ନାନା ପ୍ରକାର ଅନିଷ୍ଟ ସାଧନ କଲା । ଏହି ସମ୍ବାଦ ରୈବତ ପର୍ବତରେ ବଳରାମଙ୍କ ସହିତ କାଳ କାଟୁଥିବା କୌରବମାନେ ପାଇଲେ । ସେମାନେ ନିଦାଘ ବନରେ ପାଣ୍ଡବାସୁରଙ୍କୁ ଭେଟିଲେ । କର୍ଣ୍ଣ କହିଲେ, ଏହି ଦୁର୍ମତି ଅସୁର ଅପାର ଗୋରୁ ବ୍ରାହ୍ମଣ ଓ ଋଷିଙ୍କୁ ହତ୍ୟା କରି ଭକ୍ଷଣ କରିଛି । ଦୁର୍ଯ୍ୟୋଧନ ଆଦେଶ ଦେଲେ, ଏହାକୁ ଅବରୁଦ୍ଧ କରି ବନ୍ଦୀ କର । ଏହାକୁ ହସ୍ତିନାକୁ ବାନ୍ଧିନେବା ଏବଂ କୁରୁପତି ଧୃତରାଷ୍ଟ୍ରଙ୍କୁ ଦେଖାଇବା ।

ଏଣୁ ମହାକୋପରେ କୌରବ ବୀରମାନେ ପାଣ୍ଡବାସୁରଙ୍କୁ ଚତୁର୍ଦ୍ଦିଗରୁ ବେଢ଼ିଗଲେ । ମଣିଷମାନଙ୍କୁ ଦେଖି ଅସୁର ମଧ୍ୟ ସେମାନଙ୍କୁ ଆହାରରୂପେ ଗ୍ରହଣ କରିବା ପାଇଁ ଆନନ୍ଦିତ ହେଲା । କୌରବମାନେ ବଡ଼ ବଡ଼ ଗଦାରେ ଅସୁରଙ୍କୁ ଆଘାତ କଲେ, ମାତ୍ର ଅସୁର ଦେହରେ ବାଜି ସେ ସବୁ ଗଦା ଧୂଳିକଣା ସଦୃଶ ଗୁଣ୍ଡ ହୋଇଥିଲା । କୌରବମାନେ ନିରସ୍ତ୍ର ହୋଇ ପଛଘୁଞ୍ଚା ଦେଇ ରହିଲେ । ପାଣ୍ଡବାସୁର ମହାକୋପ ଭରି ବଜ୍ର ଓ

ମୂଷଳ ଧରି କୌରବମାନଙ୍କୁ ଆକ୍ରମଣ କରି ମାରି ପକାଇଲା । ତତ୍ପରେ ସମସ୍ତଙ୍କର କେଶଧରି ଘୋଷାରି ଆଣିଲା ବରୁଣାବନ୍ତ ପର୍ବତ ଶିଖରକୁ । ସେଠାରେ ସମସ୍ତଙ୍କୁ ଆହାର କରିବା ଅସୁରର ଅଭିପ୍ରାୟ ଥିଲା ।

ସେହି ବରୁଣାବନ୍ତ ପର୍ବତରେ ଯୁଧିଷ୍ଠିର ଅବସ୍ଥାନ କରୁଥାନ୍ତି । ଭୀମଙ୍କୁ ଚାରି ପାଣ୍ଡବ ଭାଇ ଖୋଜୁଥାଆନ୍ତି । ବରୁଣାବନ୍ତ ପର୍ବତରେ ମୃତପିଣ୍ଡମାନଙ୍କୁ ରଖି ପାଣ୍ଡବାସୁର ନଦୀରେ ସ୍ନାନ କରୁଥାଏ । ଯୁଧିଷ୍ଠିର ଭୀମଙ୍କୁ ଖୋଜି ଖୋଜି ସେଠାରେ ପହଞ୍ଚି କୌରବମାନଙ୍କର ମୃତଦେହ ଓ ବିଶାଳକାୟ ପାଣ୍ଡବାସୁରକୁ ଦେଖି ଭୟଭୀତ ହୋଇ ଧର୍ମ ଧର୍ମ ସ୍ମରଣ କରି ଭୀମଙ୍କୁ ଡାକ ପକାଇଲେ । ଧର୍ମନନ୍ଦନ ଯୁଧିଷ୍ଠିରଙ୍କର ସ୍ମରଣ ହେବାରୁ ପାତାଳରେ ଥିବା ଭୀମଙ୍କର ଆସନ ଟଳମଳ ହେଲା । ଭୀମ ସଦ୍ୟ ପରିଣିତା ପ୍ରାଣପ୍ରିୟା ବେଲାମାଳିକୁ ସମ୍ବୋଧନ କରି ମର୍ତ୍ତ୍ୟରେ ତାଙ୍କୁ ଚାରିଭାଇ ଓ ମା' କୁନ୍ତି ଖୋଜୁଥିବା କଥା ଜଣାଇଲେ । ବିନ୍ଧ୍ୟାମାଳୀ ବେଲାମାଳି କିନ୍ତୁ ଭୀମଙ୍କୁ ବିଦାୟ ଦେବାକୁ ଅନିଚ୍ଛା ପ୍ରକାଶ କରି କହିଲା: ''ସ୍ୱାମୀ, ଆପଣଙ୍କ ଔରସରୁ ମୁଁ ମୋ ଗର୍ଭରେ ସନ୍ତାନ ବହନ କରିଛି । ତମେ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ଅପେକ୍ଷା କର । ପରେ ଯାଇ ମା' ଓ ଭାଇମାନଙ୍କୁ ଭେଟିବ । ନଚେତ୍ ମୋର ଭୟ ହେଉଛି, କାଳେ ତମେ ଶେଷରେ ନିଜ ଔରସ ଜାତ ସନ୍ତାନକୁ ଅସ୍ୱୀକାର କରିବ ଓ ମୋତେ ଅସତୀ ବୋଲି ଆଖ୍ୟା ଦେବ'' । ଭୀମ କହିଲେ, ପ୍ରିୟେ ବେଲାମାଳି ! ତମ ଗର୍ଭରୁ ପୁତ୍ରଟିଏ ଜନ୍ମ ନେବ, ତା'ର ନାମ ତମେ ବେଲାଳ ବୋଲି ଦେବ । ତମେ ନାଗକନ୍ୟା ଓ ମୁଁ ମହାବଳୀ । ତେଣୁ ତମ ନାମରୁ ବେଲାଳ ମୋ ନାମରୁ ସେନ, ଏହିପରି ବେଲାଳସେନ ନାମରେ ସେ ପୁତ୍ରସନ୍ତାନ ଖ୍ୟାତ ହେବ । କିନ୍ତୁ ଯଦି ଦୈବାତ୍ କନ୍ୟା ଜାତ ହୁଏ ତାହାର ନାମ ବେଲାବାଳୀ ବୋଲି ଦେବ । ଏପରି ପ୍ରବୋଧନା ଦେଇ ଭୀମସେନ ନାଗୁଣୀ ମାୟାରୁ ମୁକୁଳି ମର୍ତ୍ତ୍ୟଧାମକୁ ଆସିଲେ ।

ଏଣେ ପାଣ୍ଡବାସୁର ସ୍ନାନ ସାରି ମୃତପିଣ୍ଡ ଭକ୍ଷଣ ପାଇଁ ଉଦ୍ୟତ ହୁଅନ୍ତେ, ପାଣ୍ଡବ ଚାରିଭାଇ ଅସୁରକୁ ପଥ ଓଗାଳିଲେ । ଦାନବ ମହାକ୍ରୋଧରେ ଶୂଳ ହସ୍ତରେ ଆକ୍ରମଣ କଲା ଉତ୍ତାରୁ ଅର୍ଜୁନ ରାଗରେ ହାତୁଡ଼ା ଶର ବିନ୍ଧିଲେ । ତାହା ଅସୁରର ଦେହ ଭେଦିଲା ଓ ରକ୍ତ ଝରିଲା । ଦୈତ୍ୟ ଅଚେତ ହୋଇ ପଡ଼ିଲା । ପୁଣି ଚେତା ପାଇ ମୂଷଳ ପ୍ରହାର କଲାରୁ ଅର୍ଜୁନ ବଜ୍ର ମୁଦ୍‌ଗର ପ୍ରହାର କଲେ । ଅସ୍ତ୍ର ସହିତ ଅସ୍ତ୍ରର ଆଘାତ ଭୟଙ୍କର ହେଲା, ଏପରିକି ସ୍ୱର୍ଗପୁର ମଧ୍ୟ କମ୍ପି ଉଠିଲା । ଏହିପରି ଭାବରେ ପାଣ୍ଡବାସୁର ଓ ଅର୍ଜୁନଙ୍କର ଭୟଙ୍କର ଯୁଦ୍ଧ କାଳରେ ଭୀମ ସେଠାରେ ଆସି ଉପସ୍ଥିତ ହେଲେ । ଭୀମଙ୍କୁ ଦେଖି ଯୁଧିଷ୍ଠିର ଆନନ୍ଦିତ ହୋଇ ସମସ୍ତ ବୃତ୍ତାନ୍ତ ଜଣାଇଲେ । ଭୀମ କୌରବମାନଙ୍କ ମୃତ୍ୟୁରେ ଆନନ୍ଦିତ ହୋଇ ଅସୁରର କାର୍ଯ୍ୟକୁ ସମର୍ଥନ କରି କହିଲେ, ଏହି କୌରବମାନେ ମୋତେ ବିଷଲଡୁ ଖୁଆଇ ଅଚେତ କରି ଯମୁନା ଜଳରେ ନିକ୍ଷେପ କରିଥିଲେ । ତହୁଁ ଅନନ୍ତନାଗ କନ୍ୟା ବିନ୍ଧ୍ୟାମାଳୀ ସହିତ ମୋର ଭେଟ ହୁଏ । ସେହି ନାଗକନ୍ୟା ନାଗୁଣୀମାନଙ୍କ ଗହଣରେ ଜଳକେଳିକୁ ଆସି ମୋତେ ଦେଖି ଆପଣା ନାଗପୁରକୁ ନେଇ ଅମୃତ ଖୁଆଇ ଜୀଆଇଲେ । ତହୁଁ ସେହି ନାଗକନ୍ୟା ବେଲାମାଳି ସହିତ ଅନନ୍ତ ନାଗଙ୍କ ଇଚ୍ଛାରୁ ମୋର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ତୁମେ ସ୍ମରଣ କରିବାରୁ ନାଗକନ୍ୟାର ମନ୍ତ୍ରବଳରୁ ମୁଁ ପୁଣି ଏଠାକୁ ଫେରିଆସିଛି । ଭଲ ହୋଇଛି-ଶତ୍ରୁମାନଙ୍କୁ ଏ ଅସୁର ନିହତ କରିଛି । ସେ ସବୁ ଖାଉ । ତା ସହିତ ଯୁଦ୍ଧ କରିବା କୌଣସି ପ୍ରୟୋଜନ ନାହିଁ ।

ଭୀମସେନ କହିଲେ: ଏ ପାପାଚାରୀ ଦୁର୍ଯ୍ୟୋଧନ ଓ କୌରବ ବଳ ଯଦି ପୂର୍ବ ଜୀବନ ଲାଭ କରିବେ, ତେବେ ହେ ଦେବ, ଆମେ ବହୁତ ଦୁଃଖ କଷ୍ଟ ପାଇବା । ଯୁଧିଷ୍ଠିର ଭୀମଙ୍କୁ ପ୍ରବୋଧନା ଦେଇ କହିଲେ, ବାବୁ ଭୀମସେନ, ତୁମେ କୋପ କର ନାହିଁ । ସେମାନେ ପାପ ଅନୁପାତରେ ଦଣ୍ଡ ପାଇ ସାରିଲେଣି । ଯେଉଁମାନେ ପାପାଚାରୀ ସେମାନେ ଦୈବଦଣ୍ଡ ଅବଶ୍ୟ ଲାଭ କରନ୍ତି । ସେହିପରି ଯେଉଁମାନେ ଧର୍ମପଥ ଛାଡ଼ି ନ'ଥାନ୍ତି ସେମାନଙ୍କୁ ଲକ୍ଷ୍ମୀ ପ୍ରାପ୍ତ ହୁଅନ୍ତି । ସେମାନଙ୍କର ହିଂସା ବା ନାଶ ହୁଏ ନାହିଁ । ସେମାନେ ବିପଦରୁ ଉଦ୍ଧାର ପାଇଯାଆନ୍ତି । ଏ ସଂସାର ଅନିତ୍ୟ, ଏଠାରେ କେହି କାହାର ନୁହନ୍ତି । ପ୍ରାଣୀଙ୍କ ଶରୀର ଜଳବିମ୍ବ ପରି କ୍ଷଣଭଙ୍ଗୁର । ତେଣୁ ତୁମେ

ଅଧର୍ମର ନାମ ଧରି ଧର୍ମପଥ ଧରି ଯେ ପାପାଚରଣ କରୁଛି, ତାହାର କଲ୍ୟାଣ କର । ଏହାହିଁ ଆମ ପାଇଁ ଉଚିତ୍ ଧର୍ମ । ଏହି କୌରବମାନେ ମଧ୍ୟ ଆମର ଭାଇ । ଏମାନଙ୍କୁ ଉଦ୍ଧାର କଲେ ଧରଣୀରେ ଯଶ ଖ୍ୟାତି ରହିବ । ଆମ୍ଭେମାନେ ଥାଇଁ ଥାଇଁ ଏମାନେ ନାଶ ଗଲେ, ଅନ୍ଧରାଜା ଧୃତରାଷ୍ଟ୍ର ଅନାଥ ହୋଇଯିବେ ।

ଭୀମ ଯୁଧିଷ୍ଠିରଙ୍କର ଏ ପ୍ରକାର ବଚନରେ ଅସୁରକୁ ଆକ୍ରମଣ କରନ୍ତେ, ପାଣ୍ଡବାସୁର ଭୀମର ବାମ ଅଙ୍ଗରେ ବଜ୍ରମୁଷଳ ପ୍ରହାର କଲା । ଭୀମ ଦେହରେ ବାଜି ତାହା ଭାଙ୍ଗି ଚୂରମାର୍ ହୋଇଗଲା । ଏହିପରି ଭାବରେ ଅସ୍ତ୍ରଶସ୍ତ୍ରର ଘାତ ପ୍ରତିଘାତରେ ମେଦିନୀ କମ୍ପିଲା । ଏହି ଯୁଦ୍ଧରେ ପାଣ୍ଡବାସୁରର ଡାହାଣ ହସ୍ତଟି କଟି ଛିଡ଼ି ପଡ଼ିଲା । ଅସୁର ଦୁଇଫାଳ ହୋଇ ପଡ଼ିଗଲା । ପୂର୍ବେ ଭଗବତୀ କାଳୀଙ୍କୁ ପ୍ରସନ୍ନ କରି ଅସୁର ବର ପାଇଥିଲା ଯେ, ଦେବୀଙ୍କ ପ୍ରଦତ୍ତ ଅସି ଓ ଶୂଳ ଧାରଣ କରିଥିବା ପର୍ଯ୍ୟନ୍ତ ତ୍ରିଲୋକରେ କେହି ତାକୁ ଜିଣିପାରିବେ ନାହିଁ । କିନ୍ତୁ ଯେ ତୋ ଶସ୍ତ୍ର ଧରି ତୋତେ ପ୍ରହାର କରିବ, ସେ ଆଘାତରେ ତୋର ଶରୀର ଦୁଇଫାଳ ହୋଇଯିବ ଓ ତୁ ମୃତ୍ୟୁ ବରଣ କରିବୁ ।

ଏହି କାରଣରୁ ପାଣ୍ଡବାସୁରର ଖଡ୍‌ଗରେ ଭୀମ ତାକୁ ଆଘାତ କରିବାରୁ ପାଣ୍ଡବାସୁର ବଧ ହେଲା ।

## ମୀମାଂସା

ପିଣ୍ଡତତ୍ତ୍ୱ ମୀମାଂସାରେ ଅନ୍ଧକ ବଂଶ ବୋଇଲେ ଅଜ୍ଞାନ ଅନ୍ଧକାରରେ ଅନ୍ଧ ହୋଇଥିବା ଜୀବ । ପଣ୍ଡୁମତୀ ମାତା ବୋଇଲେ ଅଜ୍ଞାନ ପାଣ୍ଡୁର ବା ପାଉଁଶିଆ ରଙ୍ଗର ଅହଂତ୍ୱ । ଏ ପ୍ରକାର ବଂଶରେ ଏହିଭଳି ମାତା ଗର୍ଭରୁ ପାଣ୍ଡବାସୁର ଅର୍ଥାତ୍ ଅହଂକାର ଅସୁରର ଜନ୍ମ । ଅଜ୍ଞାନତା ବଶରୁ ଅହଂକାରୀ ଆସୁରିକ ପ୍ରବୃତ୍ତି ରସନା ରସରେ (ଜିହ୍ୱାରୁ ରକ୍ତଦେଇ) ମହାଦେବୀ ଭଗବତୀ କାଳୀ ଅର୍ଥାତ୍ ପ୍ରକୃତିଙ୍କୁ ତୃପ୍ତ ଓ ସନ୍ତୁଷ୍ଟ କରି ପ୍ରକୃତି ବଳରୁ ତ୍ରିଜୀବୀ (ସ୍ଥୂଳ, ସୂକ୍ଷ୍ମ, କାରଣ ଜୀବନରେ) ହୋଇ ଜୀବଧର୍ମ ପାଳନରେ ଅତ୍ୟନ୍ତ ପାଗଳ ହୋଇଉଠେ ।

ହସ୍ତିନାପୁର କହିଲେ, କାଳଗର୍ଭ ବା ଅଚେତନ ରାଜ୍ୟ । ଅହଂକାର ଓ ଅଜ୍ଞାନତାବଶତଃ ଆସୁରିକ ଗୁଣସମ୍ପନ୍ନ ପାଣ୍ଡବାସୁର ଅଚେତନ ରାଜ୍ୟ ଆକ୍ରମଣ କଲା ଉତ୍ତାରୁ ଅଚେତନ ରାଜ୍ୟର ଅସ୍ତ୍ରଶସ୍ତ୍ର ତାହାର କ୍ଷତି କରିପାରୁ ନ ଥାଏ । ରୈବତ ପର୍ବତରେ ବଳରାମଙ୍କ ସହିତ କାଳ କାଟୁଥିବା କୌରବ ଶତଭ୍ରାତା ନିଦାଘ ବନରେ ପାଣ୍ଡବାସୁରକୁ ଭେଟିଲେ । ରୈବତ ପର୍ବତ ହେଉଛି ଆଜ୍ଞାଚକ୍ର । ସେହି ଆଜ୍ଞାଚକ୍ରର ସହସ୍ର ଦଳରୁ ୨୦୮ ଦଳ ବଳରାମ ଓ ୧୦୭ ଦଳ ଯୁଧିଷ୍ଠିର ଭୋଗ କରନ୍ତି । କୌରବ ଶତଭ୍ରାତା ଦୁର୍ଯ୍ୟୋଧନ, ଦୁଃଶାସନ ଇତ୍ୟାଦି ଜୀବର କୁନୀତି, ଦୁର୍ନୀତି ଇତ୍ୟାଦିକୁ ବୁଝାଏ ।

ପାଣ୍ଡବାସୁର ତମଗୁଣଯୁକ୍ତ କ୍ରୋଧ । ଦୁର୍ଯ୍ୟୋଧନ ରାଜଗୁଣଯୁକ୍ତ ଅହଂକାର । ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ଆଦେଶ ଦେଲେ ପାଣ୍ଡବାସୁରକୁ ଅବରୁଦ୍ଧ କରି ବନ୍ଦୀ କରି ହସ୍ତିନାକୁ ନେଇ କୁରୁରାଜ ଧୃତରାଷ୍ଟ୍ରଙ୍କୁ ଦେଖାଇବା ନିମନ୍ତେ । ରାଷ୍ଟ୍ର ହେଉଛି ମଣିଷ ଶରୀର । ଶରୀରରୂପକ ରାଷ୍ଟ୍ରକୁ ବୁଦ୍ଧି ଦୃଢ଼କରେ, ମାତ୍ର ବୁଦ୍ଧି ରଜଗୁଣରୁ ଆନୁମାନିକ ବୁଦ୍ଧିରେ ଜୀବ ଗତି କରୁଥିବାରୁ ଧୃତରାଷ୍ଟ୍ର ନାମ ଧରି ଅନ୍ଧ ଭଳି କାର୍ଯ୍ୟ କରେ । କୌରବମାନେ ପାଣ୍ଡବାସୁରକୁ ଚାରିଦିଗରୁ ବେଢ଼ିଗଲେ । ମାତ୍ର ତମଗୁଣଯୁକ୍ତ କ୍ରୋଧ ରଜଗୁଣଯୁକ୍ତ ଅହଂକାରଠାରୁ ଅଧିକ ବଳବାନ୍ ହୋଇ ତାହାକୁ ଚାପି ପକାଇଲା ଓ କେଶଧରି ଅର୍ଥାତ୍ ମୂଳପିଣ୍ଡକୁ ଝିକି ଆଣି ଏକତ୍ର ଜମାକରି ରଖିଲା ।

ବରୁଣାବନ୍ତ ପର୍ବତ (ଆଜ୍ଞାଚକ୍ରର ୧୦୭ ପାଖୁଡ଼ା ଭୋଗରେ) ଯୁଧିଷ୍ଠିର ଅର୍ଥାତ୍ ସତ୍ୟ, ଧର୍ମ, ବିନୟ ଓ ଶାନ୍ତ ଅବସ୍ଥାରେ ବାସ କରେ । ଭୀମ ଅର୍ଥାତ୍ ସତ୍ତ୍ୱଗୁଣଯୁକ୍ତ କ୍ରୋଧକୁ ପାଣ୍ଡବ ଚାରିଭାଇ ଅର୍ଥାତ୍ ଯୁଧିଷ୍ଠିର

(ସତ୍ୟ, ଧର୍ମ, ବିନୟ, ଶାନ୍ତ), ଅର୍ଜୁନ (ବିବେକ, ଜିଜ୍ଞାସା), ନକୁଳ (ଶାନ୍ତ, ଧୀର), ସହଦେବ (ଶାନ୍ତ, ଚତୁର) ଅର୍ଥାତ୍ ପଞ୍ଚମନ (କୁମନ, ବିମନ, ସୁମନ, ଅମନ, ମନ) ଖୋଜୁଥାଆନ୍ତି । ସତ୍ୟ, ଧର୍ମ, ବିନୟୀ, ଶାନ୍ତ ଅବସ୍ଥା ତମଗୁଣଯୁକ୍ତ କ୍ରୋଧ, ଅହଂକାର, ଅଜ୍ଞାନତାକୁ ଏବଂ କୁନୀତି, ଦୁର୍ନୀତି ଇତ୍ୟାଦିକୁ ଦେଖି ଭୟଭୀତ ହୋଇପଡୁଛି ଓ ସତ୍ତ୍ୱଗୁଣଯୁକ୍ତ କ୍ରୋଧ ସ୍ୱରୂପ ଭୀମକୁ ସ୍ମରଣ କରନ୍ତି ।

ଚଉଦବର୍ଷ ବନବାସ ଏବଂ ଏକ ବର୍ଷ ଅଜ୍ଞାତବାସ । ଧରାପୃଷ୍ଠରେ ଜନ୍ମଲାଭ କାଳଠାରୁ ପନ୍ଦରବର୍ଷ ବୟସ ପର୍ଯ୍ୟନ୍ତ ବାଲ୍ୟତ ଅବସ୍ଥାରେ ଜୀବ ଅଜ୍ଞାନତା ଭୋଗ କରେ । ସତ୍ୟ, ଧର୍ମ, ଶାନ୍ତ, ବିନୟ ସ୍ୱଭାବରୂପୀ ଯୁଧିଷ୍ଠିର ଭୀମକୁ ସ୍ମରଣ କରନ୍ତେ କ୍ରୋଧଭାବ ଜୀବ ସମ୍ମୁଖକୁ ଆସେ । ଅବଶିଷ୍ଟ ଭାଇମାନେ ଛପି ଯାଆନ୍ତି । ଅହଂକାର ପୂର୍ଣ୍ଣମାତ୍ରାରେ ଶରୀରରେ ଦେଖାଯାଏ । ସେହି ସମୟ ପାଇଁ ଯେତେ ଦୁର୍ନୀତି ଅଛି ସେସବୁ ନିଦ୍ରା ଯାଆନ୍ତି । ତମଗୁଣଯୁକ୍ତ କ୍ରୋଧ ଓ ଅହଂକାରରୂପୀ ପାଣ୍ଡବାସୁର ସମ୍ମୁଖରେ ବିରାଜମାନ ହୁଏ । ସେହି ସମୟରେ ସତ୍ ସଙ୍କୁଚିତ ଓ ଭୟଭୀତ ହୁଏ । ସେତେବେଳେ ସେ ସତ୍ତ୍ୱଗୁଣଯୁକ୍ତ କ୍ରୋଧର ସାହାଯ୍ୟ ଓ ସାହଚର୍ଯ୍ୟ ଲୋଡ଼େ ।

ମର୍ତ୍ତ୍ୟଧାମ ଏ ଶରୀରରେ ହୃଦୟଚକ୍ର ଠାରୁ ଲିଙ୍ଗଚକ୍ର ପର୍ଯ୍ୟନ୍ତ । ଲିଙ୍ଗଚକ୍ର ତଳକୁ ପାଦ ପର୍ଯ୍ୟନ୍ତ ପାତାଳପୁର, ତାହା ନାଗଲୋକ । ସେଠାରେ ନାଗକନ୍ୟା ବେଲାମାଳୀ ଓ ଅନନ୍ତ ନାଗକନ୍ୟା ବିନ୍ଧ୍ୟାମାଳୀ ସର୍ବଦା ହିଂସାପୂର୍ଣ୍ଣ । ନାଗ ସର୍ପ ଜାତୀୟ ଓ ଲମ୍ବ ଶରୀର ବିଶିଷ୍ଟ ଭୁଜ ବା ବକ୍ଷରେ ଭାରା ଦେଇ ଗତି କରେ । ଗତି ଅଙ୍କା-ବଙ୍କା, କୁଟିଳ, ହିଂସାର ସ୍ୱଭାବ ଦୀର୍ଘ ଓ ଲମ୍ବିତ ଅବସ୍ଥା । କ୍ରୋଧ ବା ହିଂସା ଅବସ୍ଥାରେ ନିଃଶ୍ୱାସ ମଧ୍ୟ ଲମ୍ବା ହୋଇଥାଏ । ଫଁ, ଫଁ ଶବ୍ଦ ହୁଏ । ପାତାଳପୁରରେ ଭୀମ ପିତା, ବେଳାମାଳୀ ମାତା ଓ ବେଲାଳସେନ ପୁତ୍ର । ହିଂସା ଓ କ୍ରୋଧର ମିଳନ (ଭୀମ ଓ ବେଲାମାଳୀ)ରୁ ବେଲାଳସେନ ହିଂସାଯୁକ୍ତ କ୍ରୋଧର ସୃଷ୍ଟି ହୁଏ ।

ଯୁଧିଷ୍ଠିର ଭୀମଙ୍କୁ ସ୍ମରଣ କଲେ । ନ୍ୟାୟ ଓ ସତ୍ ସର୍ବଦା ଚୈତନ୍ୟମୟ । ଚେତନ ରାଜ୍ୟରେ ରହିଥାଏ । ସେଠାରେ କ୍ରୋଧକୁ ସ୍ମରଣ କରିବାର ସ୍ଥାନ ବା ଆସିବ କେଉଁଠୁ ? ସେ ତ ସମସ୍ତ ଇନ୍ଦ୍ରିୟକୁ ଜୟ କରିଛି । ମାତ୍ର ଜୀବ ଯୋଗୀ ହୋଇ ବ୍ରହ୍ମରେ ଯୋଗ ହେବା ପରେ ଚେତନ ହୁଏ । ଯୋଗମାର୍ଗରେ ଗତି କରୁଥିବାବେଳେ ସେ କ୍ରମେ କ୍ରମେ କୁସଂସ୍କାରଗୁଡ଼ିକ ତ୍ୟାଗ କରେ ଓ ବାଧାବିଘ୍ନକୁ ଅତିକ୍ରମ କରି ଚାଲୁଥିଲେ ଶେଷରେ ଭଗବଦ୍ ସାନ୍ନିଧ ପାଇଥାଏ । ସେହି ସମୟରେ ଶରୀର ପ୍ରତି ଆଞ୍ଚ ବା ପ୍ରତିଘାତ ଆସିଲେ, ଜୀବ କ୍ରୋଧରେ ଜର୍ଜରିତ ହୋଇଉଠେ । ତାହାହିଁ ଭୀମର ଆବିର୍ଭାବ । କ୍ରୋଧ ମଧ୍ୟ ସତ୍ୟ, ଧର୍ମ, ବିନୟ, ଶାନ୍ତ ଅବସ୍ଥାକୁ ଅବମାନନା କରେ । ମାତ୍ର ପରେ ସତ୍ୟଧର୍ମର ଅନୁଗାମୀ ହୋଇ ତାହାରି ନିର୍ଦ୍ଦେଶ ପାଳନ କରି ତମଗୁଣଯୁକ୍ତ କ୍ରୋଧକୁ ପରାସ୍ତ ଓ ହତ୍ୟା କରେ । ''କଣ୍ଟକେନୈବ କଣ୍ଟକମ୍'' ପରି କ୍ରୋଧ କ୍ରୋଧ ଦ୍ୱାରାହିଁ ନିହତ ହୁଏ । ପାଣ୍ଡବାସୁର ଭୀମଦ୍ୱାରା ନିଜ ଅସ୍ତ୍ରରେ ଦି'ଗଡ଼ ହୋଇ ମୃତ୍ୟୁବରଣ କରେ ।

ପଦ ପଦବୀ ତୋ ସମ୍ପଦ ନୁହେଁ,
ଶ୍ରୀପଦ ସମ୍ପୁଟ ଭକତ ଚାହେଁ ।
ଖଣ୍ଡ ଚତୁରର ପଦବୀ ଧାନ ।
ଥଣ୍ଡ ଭାଙ୍ଗିଗଲେ ଭାଙ୍ଗିବ ଟାଣ ।

ବ୍ୟକ୍ତି, ଦମ୍ପତି ଓ ପରିବାରରେ,
ବ୍ୟୟ ସଙ୍କୁଚାଇ ଧନ ସଞ୍ଚରେ ।
ସଞ୍ଚିତ ଧନକୁ ପ୍ରଭୁ ଶ୍ରୀପଦେ ।
ଥୋଇ ଦେଇ ଯାଅ ମନ ଆମୋଦେ ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ

*ପ୍ରଭୁପାଦ ଗୁରୁସ୍ୱାମୀ ''ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ'' ଶୀର୍ଷକ ଚରମ: ପ୍ରଥମପୁଷ୍ପ : ତୃତୀୟ ପାଖୁଡ଼ା:ରୁ ଏକ ଧାରାବାହିକ ରୂପେ ଆମ୍ଭ ପ୍ରକାଶ କରେ । ଏହି ପାଖୁଡ଼ାରୁ 'ମୋହ' ସମ୍ବନ୍ଧରେ ଧାରାବାହିକ ଆଲୋଚନା ସ୍ଥାନ ପାଇଛି । ସେହି ଧାରାକୁ କ୍ରମ ପର୍ଯ୍ୟାୟରେ ପାଠକ/ପାଠିକାଙ୍କର ଅନୁସନ୍ଧିତ୍ସୁ ମନର ଶାନ୍ତି ନିମନ୍ତେ ଚଳାଇ ନେବାର ସଂକଳ୍ପ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ମହତୀ ଇଚ୍ଛା ଓ ଆଶୀର୍ବାଦରୁ ସଂପାଦନା କରିଛି । 'ମୋହ' ସମ୍ପର୍କିତ ଆଲୋଚନାରେ ଏ ସଂଖ୍ୟାରେ ସ୍ଥାନ ପାଇଛି ଦୈହ୍ୟମୋହ ଏବଂ ଏହାର ଦୁଇଟି ବିଭାଗ : ଦୈହ୍ୟଦାହ ମୋହ ଏବଂ ଅଧିଦାହଦୈହ୍ୟ ମୋହ ।*

ବ୍ୟକ୍ତିର ସ୍ଥିତ-ପ୍ରକୃତିକୁ ବଦଳାଇ ଯେଉଁ ମୋହ ନୂତନ ଚରିତ୍ର ଓ ସୋପାନ ସୃଷ୍ଟି କରି ଉନ୍ନତ ସ୍ଥିତାବସ୍ଥାକୁ ଉନ୍ନୟନ କରେ, ତାହାକୁ ଦୈହ୍ୟ ମୋହ କୁହାଯାଏ ।

ବ୍ୟକ୍ତିର ସ୍ଥିତ ପରକୃତି । ବଦଳାଇବା ଏହା ଶକ୍ତି ।।
ଏହାକୁ ଦୈହ୍ୟ ମୋହ କହି । ପ୍ରକୃତି ପାରେ ବଦଳାଇ ।।
ନୂତନ ଚରିତ୍ର ସୋପାନ । ସୃଷ୍ଟି କରଇ ଏହା ପୁଣ ।।

ଦୈହ୍ୟ ମୋହର ଦୁଇଟି ବିଭାଗ ଅଛି । ଗୋଟିଏ ଦୈହ୍ୟଦାହ ମୋହ ଓ ଅନ୍ୟଟି ଅଧିଦାହ ଦୈହ୍ୟ ମୋହ ।

ଯେ ମୋହ ବଶ ହୋଇ ପ୍ରାଣୀ । କ୍ଷଣିକ ଲାଳସାରେ ପୁଣି ।।
ଜୀବକୁ ମାରିଣ ଦହନ । ଅନ୍ତେ କରଇ ତା' ଭକ୍ଷଣ ।।
ସେହି ମୋହକୁ ଦୈହ୍ୟଦାହ । ମୋହ ବୋଲିଣ ବସ କହ ।।

ଯେଉଁ ମୋହବଶରୁ ବ୍ୟକ୍ତି କ୍ଷଣିକ ଲାଳସାର ବଶବର୍ତ୍ତୀ ହୋଇ ଜୀବ/ବ୍ରହ୍ମ ହତ୍ୟା କରି ନିହତ ଜୀବର ଶରୀରକୁ ଦହନ କରି ଭକ୍ଷଣ କରୁଛି, ସେହି ମୋହକୁ 'ଦୈହ୍ୟଦାହ' ମୋହ କୁହାଯାଏ । ବର୍ତ୍ତମାନ ଘୋର କଳିକାଳରେ ବହୁସଂଖ୍ୟକ ପ୍ରାଣୀ ଏହି ମୋହରେ ପଡ଼ିଥିବାର ଦେଖାଯାଏ । କ୍ଷଣିକ ଇନ୍ଦ୍ରିୟ ଲାଳସା ଚରିତାର୍ଥ କରିବାକୁ ଯାଇ ଅନେକେ ଖାଦ୍ୟୋପଯୋଗୀ କ୍ଷୁଦ୍ର କ୍ଷୁଦ୍ର ଜୀବଜନ୍ତୁ ଯଥା: ମାଛ, ପକ୍ଷୀ, ଛେଳି, ମେଣ୍ଢା, ଘୁଷୁରି ଜାତୀୟ ପଶୁ ହତ୍ୟା କରି ଓ ରନ୍ଧନ କରି ଭକ୍ଷଣ କରୁଛନ୍ତି । ଏହି ମୋହ ବଶରୁ ପ୍ରାଣୀ ଏକ ସମୟରେ ଜୀବହତ୍ୟା ତଥା ବ୍ରହ୍ମହତ୍ୟା କରୁଥିବାରୁ ସେ ଦୁଇଟି ପାତକରେ ପଡ଼େ । ଇହ ଜନ୍ମରେ ପ୍ରାଣୀ ମାଂସ ଭକ୍ଷଣ କରୁଥିବାରୁ ପ୍ରଚଣ୍ଡ କାମ ପ୍ରବାହରେ ପଡ଼ି ବ୍ରହ୍ମ (ବୀର୍ଯ୍ୟ=ବିନ୍ଦୁ) ନଷ୍ଟ କରିଥାଏ । ଏକ ବିନ୍ଦୁ ବୀର୍ଯ୍ୟ ବା ବ୍ରହ୍ମରେ

କୋଟି କୋଟି ଜୀବ ଥାଏ । ତେଣୁ ବିନ୍ଦୁଏ ବ୍ରହ୍ମ ନଷ୍ଟ କରିବା ଦ୍ୱାରା କୋଟି କୋଟି ଜୀବହତ୍ୟା ପାତକ ପ୍ରାଣୀକୁ ଲାଗେ । ଫଳତଃ :

ଜୀବ ଓ ବ୍ରହ୍ମ ଦୁଇ ହତ୍ୟା । । କରନ୍ତି ପ୍ରାଣୀଏ ଅଗତ୍ୟା ।।
ଦୁଇ ପାତକ ତେଣୁ ହୁଏ । ନରକଦ୍ୱାରେ ଟାଣି ନିଏ ।।
ତେଣୁ ଏ ମୋହ ବଶେ ପ୍ରାଣୀ । ନରକଦ୍ୱାରେ ଯାଏ ଟାଣି ।।
ଇହ ଓ ପର ଜନ୍ମ ଦୁଇ । ଅବଶ୍ୟ ନଷ୍ଟ ତା' ହୁଅଇ ।।

**ବୈ**ଦ୍ୟୋଦାହ ମୋହବଶରୁ ପ୍ରାଣୀ ପରଜନ୍ମରେ ନରକର କୀଟ ହୋଇ ନର୍କ ଯନ୍ତ୍ରଣା ଭୋଗ କରେ । ଏହିପରି ଭାବରେ ଏହି ମୋହାବିଷ୍ଟ ପ୍ରାଣୀମାନଙ୍କର ଉଭୟ ଇହଜନ୍ମ ଓ ପରଜନ୍ମ ନଷ୍ଟଭ୍ରଷ୍ଟ ହୋଇଥାଏ ।

ଏହି ମୋହ ଜନିତ ଜୀବହତ୍ୟା ଦୋଷ ତିନି ଜଣଙ୍କୁ ଲାଗିଥାଏ ।

ଏହି ପାତକ ତିନି ଜଣ । ଅବଶ୍ୟ ଭୋଗନ୍ତି ବାଣ୍ଟିଣ ।।
ଯେ ପାଳେ ଯିଏ ବଧ କରେ । ପୁଣି ଯେ ଭକ୍ଷଣଟି କରେ ।।

**ଯେ**ଉଁ ବ୍ୟକ୍ତି ଅର୍ଥ ଲାଳସାରେ ଜୀବ ପାଳି ବଧ କରିବାକୁ ଅନ୍ୟକୁ ବିକ୍ରୟ କରେ, ତା'କୁ ଦୁଇଅଣା ଦୋଷ ଲାଗେ । (ଦୁଇଅଣା ଅର୍ଥାତ୍ ତେର ପ୍ରତିଶତ ବା ଶତକଡ଼ା ୧୩ ଭାଗ) । ଯେଉଁ ବ୍ୟକ୍ତି ପଶୁବଧ କରି ମାଂସ ବିକ୍ରୟ କରେ ବା ଅନ୍ୟର ଆଦେଶରେ ପଶୁବଧ କରେ; ତାହାକୁ ଦଶଅଣା ବା ବାଷଠି ପ୍ରତିଶତ ଦୋଷ ଲାଗେ । ପୁନଶ୍ଚ ଯେଉଁ ବ୍ୟକ୍ତି ଏହି ମାଂସ ଭକ୍ଷଣ କରେ, ତାହାକୁ ଚାରିଅଣା ବା ଶତକଡ଼ା ୨୫ ଭାଗ ଦୋଷ ଲାଗେ । ଏଣୁ ଏହି ମୋହ ପ୍ରାଣୀକୁ ନରକର ଦ୍ୱାରକୁ ଟାଣିନିଏ ।

୧ଭୋଗ ଲାଳସା ବଶ ହୋଇ । ଯେ ପ୍ରାଣୀ ସେହୁ ନଷ୍ଟ ଯାଇ ।।
ଏହାକୁ କହି ବୈଦ୍ୟ ମୋହ । ଏ ପାରେ କରି ସ୍ଥିତି କ୍ଷୟ ।।
ନୂତନ ପ୍ରକୃତି ପ୍ରଦାନ । କରଇ ସୋପାନ ଗଠନ ।।
ସ୍ଥୂଳ, ସୂକ୍ଷ୍ମ ଓ କାରଣରେ । ସହାୟ ହୁଏ ଗଠନରେ ।।
ଏ ପୁଣି ଦୁଇ ଉପଭାଗେ । ବିଭକ୍ତ କହୁଛି ତୋ ଆଗେ ।।
ଗୋଟିଏ ବୈଦ୍ୟୋଦାହ ମୋହ । ଅନ୍ୟଟି ଅଧିଦାହ ବୈଦ୍ୟ ।।

**ବୈ**ଦ୍ୟୋଦାହ ମୋହକୁ ବ୍ୟାଖ୍ୟା କଲେ ଜଣାଯାଏ ଯେ ଏହି ମୋହ ବଶରୁ ପ୍ରାଣୀମାନେ ପ୍ରତିହିଂସା, ପ୍ରତିଶୋଧ ପରାୟଣ ହୋଇ ହିଂସା ଆଚରଣ କରନ୍ତି, ଏପରିକି ଜୀବହତ୍ୟା ସହିତ ନରହତ୍ୟା ମଧ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଏହି ମୋହାବିଷ୍ଟ ବ୍ୟକ୍ତିମାନେ ନିନ୍ଦା ପ୍ରଶଂସାକୁ ଖାତିର କରନ୍ତି ନାହିଁ । ଏମାନଙ୍କ ମନରେ ହିଂସା ବସା ବାନ୍ଧିଥିବାରୁ ପ୍ରଶଂସା ଅପ୍ରଶଂସା ନେଇ ଏମାନେ ବିବ୍ରତ ବୋଧ କରନ୍ତି ନାହିଁ । ଉଦାହରଣଟିଏ ଦେଲେ ଯଥେଷ୍ଟ ହେବ ।

**ଏ**କଦା ଦୁଇ ବନ୍ଧୁ ଥିଲେ । ସାମାନ୍ୟ କାରଣରୁ ଦୁଇଜଣଙ୍କ ମଧ୍ୟରେ କଳହ ହେଲା । କଳହରୁ ବନ୍ଧୁତା ନଷ୍ଟ ହେଲା । ସାମାନ୍ୟ ସ୍ୱାର୍ଥବୁଦ୍ଧିରୁ ବନ୍ଧୁତା ସ୍ଥାନରେ ଘୋର ଶତ୍ରୁତାର ସୂତ୍ରପାତ ହେଲା । ଦୁଇବନ୍ଧୁ ମଧ୍ୟରୁ ଜଣେ ନିଜେ ନିଜକୁ ସାନ୍ତ୍ୱନା ଦେଇ ଶାନ୍ତ ରହିଲା । ସେ ମନେ ମନେ ବିଚାର କଲା: ଯିଏ ଦିନେ ବନ୍ଧୁ ଥିଲା, ସାମାନ୍ୟ

ସ୍ୱାର୍ଥବୁଦ୍ଧିରୁ ଅବୁଝା ହୋଇ ଶତ୍ରୁତା ଆଚରଣ କରୁଛି । ତା' ସହିତ ଶତ୍ରୁଭାବ ରଖିଲେ କେଉଁ ଭଲ ଫଳ ଅବା ମିଳିବ ? କେବଳ ଆପଣାର କ୍ଷତି ହେବ ସିନା ! ତେଣୁ ସେ ଶାନ୍ତ ଏବଂ ମୌନ ରହିଲା । କିନ୍ତୁ, ଅନ୍ୟ ବନ୍ଧୁ ଜଣକ ହିଂସା ଜର୍ଜରିତ ଈର୍ଷାରେ କାତର ହୋଇ ପ୍ରତିଶୋଧ ନେବା ନିମନ୍ତେ ସୁଯୋଗ ଉଣ୍ଡି ବସିଲା । ଦ୍ୱିତୀୟ ବନ୍ଧୁ ଜଣକ ଦୈହ୍ୟଦାହ ମୋହର ବଶବର୍ତ୍ତୀ ହୋଇ ଆପଣାର ପୂର୍ବ ସ୍ଥିତ ପ୍ରକୃତିକୁ ହରାଇ ବସିଲା ।

ଦୈହ୍ୟଦାହ ଏ ମୋହ ଜାଣ । ନ କରେ କିବା ଅଘଟଣ ।।
ସୁଯୋଗ ଖୋଜିଣ ବସିଲା । ପ୍ରତିଶୋଧରେ ମନ ଦେଲା ।।
ନାନା ଉପାୟେ ଓର ଉଣ୍ଡେ । ନେବାକୁ ପ୍ରତିଶୋଧ ଚାଣ୍ଡେ ।।

ଦିନକର ଘଟଣା । ଘୋର ବର୍ଷା କାଳ । ବେଉଷଣ ସମୟ । ଲଗାଣ ବର୍ଷା ଅବିରାମ ଗତିରେ ବର୍ଷି ଯାଉଛି । ଧାରା ଶ୍ରାବଣ ଧରାପୃଷ୍ଠରେ ନୃତ୍ୟରତ । କ୍ଷେତରେ ଦୁଇବନ୍ଧୁ (ଏବେ ଶତ୍ରୁ ଗଢ଼ି ଉଠିଛି) ପାଖାପାଖି ନିଜ ନିଜ କର୍ମରତ । ଅକାଳରେ ସୁଯୋଗ ଉପନୀତ । ହିଂସ୍ର ବନ୍ଧୁ ଜଣକ ଦୈହ୍ୟଦାହ ମୋହର ପ୍ରବଳ ଆକର୍ଷଣରୁ ହିଂସ୍ର ହୋଇ ଉଠିଲା ।

ବନ୍ଧୁକୁ ହତ୍ୟା କଲା ବନ୍ଧୁ । ଉଦ୍‌ବେଳି ଉଠେ ହିଂସା ସିନ୍ଧୁ ।।
ଶବକୁ ଗହୀର କ୍ଷେତରେ । ପୋତିଲା ଲୋକ ଅଗୋଚରେ ।।
ତଥି ଉପରେ ଚାରା ରୋଇ । ରକତ ଦେଲା ବର୍ଷା ଧୋଇ ।।
ରହସ୍ୟ କେହି ନ ଜାଣିଲେ । ପରମ ପିତା ହିଁ ଜାଣିଲେ ।।
ନ କରିପାରେ ଅଛି କୁହ । ଏହାଟି ଦୈହ୍ୟଦାହ ମୋହ ।।

ଦୈହ୍ୟଦାହ ମୋହାବିଷ୍ଟ ବ୍ୟକ୍ତି ନ କରିପାରେ, ଏପରି କିଛି କର୍ମ ନାହିଁ । ଏହି ମୋହାବିଷ୍ଟ ବ୍ୟକ୍ତି ମନୁଷ୍ୟ, ପଶୁ, ପକ୍ଷୀ ଆଦି ହତ୍ୟା କରେ । ମୋହ ବଶରୁ ବ୍ୟକ୍ତି ଈର୍ଷା, ହିଂସା ଓ ପ୍ରତିଶୋଧ ପରାୟଣ ହୁଏ । ପ୍ରତିଶୋଧ ନ ନେବା ପର୍ଯ୍ୟନ୍ତ ଏ ମୋହ ବ୍ୟକ୍ତିକୁ ଏପରି ତିଳ ତିଳ ଗ୍ରାସ କରେ ଯେ, ମୋହାବିଷ୍ଟ ବ୍ୟକ୍ତି ବିବ୍ରତ ଓ ଅସ୍ତବ୍ୟସ୍ତ ହୁଏ । କେବଳ ପ୍ରତିଶୋଧ ନେଲେ ହିଁ ସେ ବୋଧ ହୁଏ, ଶାନ୍ତ ହୁଏ; ନଚେତ୍ ଅନୁତାପ ଅନଳରେ ଦଗ୍ଧୀଭୂତ ହୁଏ ।

ଯେ ମୋହ ବଶ ପ୍ରାଣୀ ହୋଇ । ତିନୋଟି ପାତକ ଭୋଗଇ ।।
ତାହାକୁ ଅଧିଦାହ ଦୈହ୍ୟ । ମୋହ ବୋଲିଣ ବସ କହ ।।
ବ୍ରହ୍ମ, ଭ୍ରୁଣ ଯେ ଶିଶୁ ହତ୍ୟା । ଏ ମୋହ ଲଗାଏ ଅଗତ୍ୟା ।।

ପ୍ରାଣୀ କ୍ଷଣିକ ଇନ୍ଦ୍ରିୟ ସୁଖରେ ମତ୍ତ ହୋଇ ଗୋପନରେ ନାରୀପ୍ରେମରେ ପଡ଼ି କାମ ପ୍ରବୃତ୍ତିର ଚରିତାର୍ଥ କରିଥାଏ । ଏହି ଗୋପନ ସମ୍ଭୋଗ ଫଳରୁ ପୁରୁଷର ବ୍ରହ୍ମ ବା ବିନ୍ଦୁ ସ୍ତ୍ରୀ ଜରାୟୁରେ ସ୍ଥାପିତ ହୋଇ ଭ୍ରୁଣରୂପ ଧାରଣ କରିବା ସ୍ୱାଭାବିକ ପ୍ରକ୍ରିୟା ହୋଇଥାଏ । ଗର୍ଭ ଲକ୍ଷଣ ଫୁଟି ଉଠିବା ଏବଂ ଶିଶୁ ଜନ୍ମ ହେବା ଜନିତ ଲୋକଲଜ୍ଜା, ଅପବାଦ ଭୟରୁ ଗର୍ଭସ୍ଥ ଭ୍ରୂଣ ଏବଂ ଶିଶୁକୁ ହତ୍ୟା କରିବା ପର୍ଯ୍ୟନ୍ତ ଯିବାରେ ଉଭୟ ପ୍ରେମିକ ପ୍ରେମିକା କୁଣ୍ଠା ପ୍ରକାଶ ମଧ୍ୟ କରନ୍ତି ନାହିଁ । ପୁଣି ଆଜିକାଲି ସମୟରେ କେତେକ ଦମ୍ପତି କାମ ବଶରୁ ସମ୍ଭୋଗରେ ଲିପ୍ତ ରହିବା ହେତୁ ଗର୍ଭରେ ଭ୍ରୂଣ ସୃଷ୍ଟି ହେଲେ, ପରିବାର ପ୍ରତିପୋଷଣ ପାଇଁ ଆର୍ଥିକ ସଙ୍କଟକୁ ଲକ୍ଷ୍ୟ ଦେଇ ସ୍ୱେଚ୍ଛାରେ ଭ୍ରୂଣ ହତ୍ୟା କରୁଥିବାର ନଜିର ମିଳେ । ଏହି ଅଧିଦାହଦୈହ୍ୟ ମୋହରେ ପଡ଼ି ବ୍ୟକ୍ତି ଏକ ସମୟରେ

ତିନୋଟି ପାତକ ମୁଣ୍ଡେଇ ନର୍କଗାମୀ ହୋଇଥାଏ । ପ୍ରଥମରେ ଅଯଥାରେ ଓ ଅନୁଚିତ ଭାବରେ ବ୍ରହ୍ମ (ବିନ୍ଦୁ ବା ବୀର୍ଯ୍ୟ) କ୍ଷରଣ ଜନିତ ପାତକ, ଦ୍ୱିତୀୟରେ ଭୃଣହତ୍ୟା ଦୋଷ ଏବଂ ତୃତୀୟରେ ଶିଶୁହତ୍ୟା ଦୋଷ ଅଧିଦାହ ଦେହ୍ୟ ମୋହାବିଷ୍ଟ ବ୍ୟକ୍ତିଙ୍କୁ ଅବଶ୍ୟ ଲାଗିଥାଏ । ଏତାଦୃଶ ପାତକରେ ପଡ଼ିଥିବା ବ୍ୟକ୍ତି ଇହ ବା ପରଜନ୍ମରେ କୁଷ୍ଠ ରୋଗାକ୍ରାନ୍ତ ହୁଏ । କେତେକ ଇହଜନ୍ମ ବା ପରଜନ୍ମରେ ପଙ୍ଗୁ ହୋଇଯାଆନ୍ତି, ପୁଣି କିଏ ଇହଜନ୍ମରେ ଅମାପ ଧନସମ୍ପତ୍ତିର ଅଧିକାରୀ ହୋଇଥିଲେ ହେଁ, ଏହି ପାତକରୁ ପରଜନ୍ମରେ ଆଜନ୍ମ ଭିକାରୀ ହୋଇ ଜନ୍ମ ଗ୍ରହଣ କରେ ଓ ପାପଫଳ ଭୋଗକରେ ।

ସ୍ଥୂଳ, ସୂକ୍ଷ୍ମ ଓ କାରଣରେ । ଏହି ମୋହ ଆଚରଣରେ ।।
ହତ୍ୟା, ହିଂସା ଓ ଈର୍ଷା ନାମେ । ପ୍ରାଣୀ ମାନସେ ନିତ୍ୟ ଭ୍ରମେ ।।
ଏ ମୋହ ହେତୁ ଭ୍ରୂଣ ହତ୍ୟା । କରଇ ପ୍ରାଣୀଟି ଅଗତ୍ୟା ।।
କାରଣ ଗତେ ମନ ରାଜ୍ୟେ । ଏମନ୍ତ ଆକାଂକ୍ଷା ବିରାଜେ ।।

▲□▲

ମୋଦ ଦିଏ ଯାହା ତାହା ମୋଦକ ।
ଦଶ ମୋଦକକୁ ସାଧି ସାଧକ ।।
ନୀରବ ନିଶ୍ଚଳେ ଆନନ୍ଦ ଲଭେ ।
ମୁକତ ଜୀବ ସେହୁ ଏ ସ୍ଥୂଳ ଭବେ ।।





ଗୁରୁ ସନ୍ଦେଶକୁ ସନ୍ଦେହ କରି ।
ସନ୍ଦେଶ ପତ୍ରକୁ ମିଥ୍ୟା ବିଚାରି ।।
କିଏ ସେ ହୋଇଛି ସେ ସଦାଚାରୀ ?
ଭବ ବନ୍ଧନରୁ ହେବାକୁ ପାରି ??

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ପରମ ପ୍ରେମମୟ ଜୀବନ ଦେବତା ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ମହତୀ ଇଚ୍ଛାରୁ ଆଦ୍ୟ ସଂଖ୍ୟାରୁ ଏଯାବତ୍ ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି ଏକ ନିୟମିତ ଧାରାବାହିକ ସ୍ତମ୍ଭ ରୂପରେ ଚରମର ପୃଷ୍ଠା ମଣ୍ଡନ କରି ଆସୁଛି । ଏହି ସ୍ତମ୍ଭରେ ବିଭିନ୍ନ ଶୀର୍ଷକରେ ପ୍ରବନ୍ଧମାନ ପ୍ରକାଶ ପାଇ ସତ୍ୟ ସନାତନ ଧର୍ମର ନିଗୂଢ଼ ତତ୍ତ୍ୱମାନ ଅଗଣିତ ଅନୁଗତ ଶିଷ୍ୟ, ଭକ୍ତ, ଗ୍ରାହକ, ଗ୍ରାହିକା, ପାଠକପାଠିକା ଭାଇଭଉଣୀମାନଙ୍କର ଅଧ୍ୟାତ୍ମ ଶିକ୍ଷା ଓ ଧାର୍ମିକ ଜୀବନକୁ ପରିପୁଷ୍ଟ କରିବା ସହିତ ଅନୁସନ୍ଧିତ୍ସୁମନର ଅସଂଖ୍ୟ ପ୍ରଶ୍ନର ସମାଧାନ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।*

## ଆମେ ମୁକ୍ତି ପ୍ରୟାସୀ

ମୁକ୍ତି । ଯେଉଁଠି ମୁକ୍ତିର ପ୍ରଶ୍ନ ଉଠେ, ସେଠାରେ ନିଶ୍ଚୟ ବନ୍ଧନର ସମସ୍ୟା ରହିଛି । ଏହି ବନ୍ଧନ ହିଁ ଦୁଃଖ ଯାତନାର ମୂଳ କାରଣ । ତେଣୁ ମୁକ୍ତିର ଆକାଂକ୍ଷା ମଥା ଟେକେ । ସଂସାରସାଗରର ଦୁଃଖ ରାଶିରୁ ପାରି ହୋଇ ମୁକ୍ତି ଲାଭର ଇଚ୍ଛା ପ୍ରାୟ ସମସ୍ତେ କରନ୍ତି । ତେବେ କ'ଣ ସେ ମୁକ୍ତି ? ମୁକ୍ତିର ସ୍ୱରୂପ କ'ଣ ? କେଉଁ ଉପାୟରେ ମୁକ୍ତି ଲାଭ କରାଯାଇ ପାରେ ? ଏହି ମୁକ୍ତିର ପଥ ବଦ୍ଧଜୀବମାନଙ୍କୁ ବତେଇ ଦେବା ପାଇଁ ଯୁଗେ ଯୁଗେ ଅବତାର, ଅବତାରୀ, ସିଦ୍ଧପୁରୁଷ, ଯୋଗସିଦ୍ଧ, ତପସିଦ୍ଧ ଈଶ୍ୱରଙ୍କର ପ୍ରେରିତ ପୁତ୍ର ଓ ଦୂତଗଣ ଧରାପୃଷ୍ଠକୁ ଅବତରି ଆସନ୍ତି, ଆସିଛନ୍ତି । ସେମାନଙ୍କର ପ୍ରତ୍ୟେକଙ୍କର କଥନ ଶୈଳୀ ଭିନ୍ନ ପ୍ରତୀୟମାନ ହେଲେ ମଧ୍ୟ ଦର୍ଶନ ଓ ସ୍ୱର ଅଭିନ୍ନ ଏବଂ ଏକ ।

ସାଂସାରିକ ବନ୍ଧନରେ ଜୀବ ବଦ୍ଧ । ତେଣୁ ଯେତେ ପ୍ରକାର ଜାଗତିକ ସୁଖସମ୍ଭୋଗର ଆଡ଼ମ୍ବର ମଧ୍ୟରେ ମନୁଷ୍ୟ ଜୀବନଯାପନ କରି କାଳାତିପାତ କରୁଥିଲେ ହେଁ, ଏଠି ପ୍ରକୃତ ଆନନ୍ଦ ବା ଶାନ୍ତି ଲେଶମାତ୍ର ନାହିଁ । ପରଲୋକର ଆନନ୍ଦ ଏକ କାଳ୍ପନିକ ସ୍ୱପ୍ନ ହୋଇପାରେ । ତାହା ଆମ ବିଚାରର ବହୁ ଊର୍ଦ୍ଧ୍ୱରେ । ଇହଲୋକରେ ଜୀବଦ୍ଦଶାରେ ସାଂସାରିକ ବନ୍ଧନହୀନ ମୁକ୍ତପ୍ରାଣତା ହିଁ ଆମର ଏକାନ୍ତ କାମ୍ୟ, ଏହାହିଁ ଆମର ଲକ୍ଷ୍ୟ ହେଉ । ଜଗତରେ ରହି ଜାଗତିକ ସୁଖ ପଛରେ ଗୋଡ଼ାଣିଆ ନ ହୋଇ ଅଖଣ୍ଡ ଆନନ୍ଦ ଲାଭ ନିମନ୍ତେ, ପ୍ରକୃତ ଆତ୍ମଗତ ଶାନ୍ତି ନିମନ୍ତେ ମୁକ୍ତି ଆମର ଏକାନ୍ତ ବାଞ୍ଛନୀୟ । ଏ ପ୍ରକାର ମୁକ୍ତିର ସ୍ୱାଦ ଆସ୍ୱାଦନ ନିମନ୍ତେ କିଏ ବା ଆଶା ନ କରେ ?

ଭାରତୀୟ ଧର୍ମଧାରାରେ ଚତୁର୍ବର୍ଗ ପୁରୁଷାର୍ଥ : ଧର୍ମ, ଅର୍ଥ, କାମ, ମୋକ୍ଷ ମଧ୍ୟରେ ମୋକ୍ଷର ସ୍ଥାନ ଚତୁର୍ଥ । ଜୀବର ପରମ ଓ ଚରମ ଲକ୍ଷ୍ୟ ପରିତ୍ରାଣ ଲାଭ କରିବା । ଏହି ପରିତ୍ରାଣ ହିଁ ମୁକ୍ତି, ମୋକ୍ଷ, କୈବଲ୍ୟ, ପରମଧାମ, ନିର୍ବାଣ । ଯେଉଁମାନେ ଚତୁର୍ବର୍ଗ ପୁରୁଷାର୍ଥ ମଧ୍ୟରୁ ଅର୍ଥ ଓ କାମକୁ ଯଥେଷ୍ଟ ଗୁରୁତ୍ୱ ଦିଅନ୍ତି, ସେମାନଙ୍କୁ ଅନେକେ ଇନ୍ଦ୍ରିୟପରବଶ ବୋଲି ମନେ କରନ୍ତି । ମାତ୍ର ଅର୍ଥ ଓ କାମର ଉପଯୋଗୀତା ଧର୍ମ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ । ତଥାପି ଅର୍ଥ ଓ କାମର ସଦୁପଯୋଗ ଓ ସଦ୍‌ବିନିଯୋଗ ବାଞ୍ଛନୀୟ । ଅବଶ୍ୟ ଇନ୍ଦ୍ରିୟପରବଶ ଏବଂ ଇନ୍ଦ୍ରିୟ ପରିଚାଳିତ ଜୀବଗଣ ଅତୀନ୍ଦ୍ରିୟ ରାଜ୍ୟର ଆନନ୍ଦ ଓ ଶାନ୍ତି ପାଇପାରନ୍ତି ନାହିଁ, ଏପରିକି ଏ ଜାତୀୟ ଆନନ୍ଦ ଓ ଶାନ୍ତିର କଳ୍ପନା ମଧ୍ୟ ସେମାନଙ୍କ ଦ୍ୱାରା କଦାଚ ସମ୍ଭବପର ନୁହେଁ ।

ଭାରତୀୟ ଧର୍ମ ପୁରାଣ ପୃଷ୍ଠାରୁ ପାଞ୍ଚ ପ୍ରକାର ମାର୍ଗରେ ପାଞ୍ଚ ପ୍ରକାର ମୁକ୍ତି ସମ୍ବନ୍ଧରେ ଜାଣିବାକୁ ମିଳେ, ଯଥା: ସାଲୋକ୍ୟ, ସାନୁଜ୍ୟ, ସାରୂପ୍ୟ, ସାଯୁଜ୍ୟ ଏବଂ ସାମୀପ୍ୟ । ସଂକ୍ଷେପରେ ଏହି ପାଞ୍ଚ ପ୍ରକାର ମୁକ୍ତିର

ସ୍ୱରୂପ କ'ଣ ? ସାଲୋକ୍ୟ ମୁକ୍ତି ହିଁ ଈଶ୍ୱର ଲୋକ/ଧାମରେ ଅଧିଷ୍ଠିତ ହେବା । ସାନୁଜ୍ୟ ମୁକ୍ତିରେ ଅନୁଗତ ଶିଷ୍ୟ ଈଶ୍ୱରଙ୍କର ଅନୁଜ/ସାନଭାଇ ପରି ସାଥିରେ ରହିବା । ଈଶ୍ୱରଙ୍କର ଆକୃତିର ସାଦୃଶ୍ୟ ଲାଭରେ ସାରୂପ୍ୟ ମୁକ୍ତି ମିଳେ । ସାଯୁଜ୍ୟ ମୁକ୍ତିରେ ଅନୁଗତ ଭକ୍ତ ଈଶ୍ୱରଙ୍କ ସହିତ ସର୍ବଦା ଯୁକ୍ତ ହୋଇଥାଏ । ସାମୀପ୍ୟ ମୁକ୍ତି ତାହା ହିଁ, ଯହିଁରେ ଶିଷ୍ୟ ସେବକ ରୂପରେ ପ୍ରଭୁଙ୍କର ପାଖେ ପାଖେ ରହି ସେବା କରି ଚାଲିଥାଏ ।

ଜନ୍ମ ଓ ମୃତ୍ୟୁର ଚକ୍ର ମଧ୍ୟରେ ଜୀବ ଜନ୍ମ ଗ୍ରହଣ କରେ, କର୍ମ ସମ୍ପାଦନ କରି ମୃତ୍ୟୁ ବରଣ କରେ । ପୁନଶ୍ଚ ଜନ୍ମ ଗ୍ରହଣ କରି କର୍ମଫଳ ଭୋଗ କରେ । ଏହି ଧାରାରେ ପ୍ରାରବ୍ଧ, ସଞ୍ଚିତ, କ୍ରିୟମାଣ ଫଳ ଭୋଗ ନିମନ୍ତେ ଜୀବକୁ ବାରମ୍ବାର ଜନ୍ମ ଓ ମୃତ୍ୟୁର ଦ୍ୱାର ଅତିକ୍ରମ କରିବାକୁ ପଡ଼େ, ପଡ଼ିଥାଏ । ତେଣୁ ମୁକ୍ତି ନିମନ୍ତେ ନିଷ୍କାମ କର୍ମ ବା ଅକର୍ମ ସାଧନ ଏକାନ୍ତ ପ୍ରୟୋଜନ । ଜନ୍ମଠାରୁ ମୃତ୍ୟୁ ଅବଧି ଜୀବଦ୍ଦଶାରେ ପ୍ରାଣୀର ମନଗହନ କୋଣରେ ନାନାଦି ବାଞ୍ଛିତ, ଅବାଞ୍ଛିତ କାମନା ଜ୍ଞାତସାରରେ ବା ଅଜ୍ଞାତସାରରେ ଉଙ୍କି ମାରୁଥାଏ । ଏ ସକଳ କାମନା ପୂର୍ତ୍ତି ସେହି ଜନ୍ମରେ ନ ହେଲେ ମୃତ୍ୟୁ ପରେ ଆତ୍ମ ସ୍ୱରୂପ ପୁଣି ଘଟ ସନ୍ଧାନ କରେ ମନସ୍କାମନାର ପୂରଣ ନିମନ୍ତେ । ଏପରି ସ୍ଥଳେ ଜନ୍ମ ମୃତ୍ୟୁରୁ ପରିତ୍ରାଣ ମିଳିବ ନା ମୁକ୍ତି, ମୋକ୍ଷ, ନିର୍ବାଣ ପ୍ରାପ୍ତି ଘଟିବ ?

ଯୋଗଶାସ୍ତ୍ର ଓ ଯୋଗ ଦର୍ଶନରେ ଅଧିକାଂଶ ଯୋଗୀ ଆତ୍ମ ଉପଲବ୍ଧିକୁ ହିଁ ମୋକ୍ଷ ବା ମୁକ୍ତି ବୋଲି ଅଭିହିତ କରି ଯାଇଛନ୍ତି । ଯୋଗମାର୍ଗରେ ଅଷ୍ଟାଙ୍ଗ ଯୋଗ ସାଧନ ଯଥା: ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ଦ୍ୱାରା ଜୀବ ମୋକ୍ଷ ଲାଭ କରେ ବୋଲି ସଚରାଚର ଯୋଗମାର୍ଗୀମାନେ ବ୍ୟକ୍ତ କରି ଯାଇଅଛନ୍ତି । ମାତ୍ର ଯୁଗଧର୍ମ ଅନୁସାରେ ଯୋଗର ପ୍ରକାର ଭେଦ ପ୍ରତି ଏଠାରେ ସେମାନେ ଉଲ୍ଲେଖ ନ କରି ସଂସାରୀ/ଗୃହୀମାନଙ୍କୁ ଶଙ୍କା ଏବଂ ସନ୍ଦେହର ଘେରରେ ପକାଇ ଦିଅନ୍ତି । ଗୃହସ୍ଥାଶ୍ରମରେ ଥିବା ବହୁଳ ସଂଖ୍ୟକ ନରନାରୀ ତେଣୁ ମୁକ୍ତି ବା ମୋକ୍ଷ ସମ୍ବନ୍ଧରେ ଘାରି ହୋଇ ମରନ୍ତି ସିନା, ଯୁଗ ଧର୍ମାନୁଯାୟୀ ପନ୍ଥା ନିର୍ବାଚନ କରି ପାରନ୍ତି ନାହିଁ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଭାଷାରେ: **''ଅଷ୍ଟାଙ୍ଗ ଯୋଗ: କଠିନ ପଥ । ବଦ୍ଧ ଜୀବ କ'ଣ ଅଷ୍ଟାଙ୍ଗ ଯୋଗ କରିପାରିବ ? ନିୟମିତ ଯଥାବିଧି ଯଥା ସମୟରେ ସାଷ୍ଟାଙ୍ଗ ପ୍ରଣାମ, ଧ୍ୟାନ, ପ୍ରାର୍ଥନା, ଜପ ମାଧ୍ୟମରେ ଅଷ୍ଟାଙ୍ଗ ଯୋଗ ସାଧି ପାରିବ ।'' ଆଜିର ଘୋର କଳିକାଳରେ ଅଷ୍ଟାଙ୍ଗ ଯୋଗ ସାଧନର ସହଜ ସରଳ ପ୍ରଣାଳୀ ହିଁ ବିଧିମତ ସାଷ୍ଟାଙ୍ଗ ପ୍ରଣାମ ।**

ସାଂଖ୍ୟ ମତରେ ଦୁଇ ପ୍ରକାର ମୁକ୍ତିର ବ୍ୟାଖ୍ୟା ହୋଇଛି । ପ୍ରଥମଟି ହେଲା: ଜୀବନ୍ମୁକ୍ତି । ଜୀବ ଜୀବଦ୍ଦଶା ମଧ୍ୟରେ ମୁକ୍ତି ଲାଭ କରି ପରମ ଆନନ୍ଦ ଉପଭୋଗ କରିବା ହିଁ ଜୀବନ୍ମୁକ୍ତି । ମୃତ୍ୟୁପରେ ବିଦେହରେ ଜୀବ ଯେଉଁ ମୁକ୍ତିର ସ୍ୱାଦ ଆସ୍ୱାଦନ କରେ ତାହା ବିଦେହ ମୁକ୍ତି । ବିଦେହ ମୁକ୍ତିର ମାଧୁର୍ଯ୍ୟର ସ୍ୱରୂପ କ'ଣ ଆମେ ଜାଣୁନା । ଯେଉଁମାନେ ତାହା ଜାଣନ୍ତି ବା ଉପଭୋଗ କରନ୍ତି, ସେମାନେ ସ୍ୱଦେହରେ ନାହାନ୍ତି । ବିଦେହରେ ମୃତ୍ୟୁର ପରବର୍ତ୍ତୀ ରାଜ୍ୟରେ ସେମାନେ । ତେଣୁ, ବିଦେହୀମାନେ ତାହା ଆମକୁ ଜଣାଇବାର ପଥ ରୁଦ୍ଧ । ତେଣୁ ଜୀବନକାଳ ମଧ୍ୟରେ ଜୀବଦ୍ଦଶାରେ ଉପଲବ୍ଧ ଜୀବନ୍ମୁକ୍ତି ହିଁ ଆମର ଏକାନ୍ତ କାମ୍ୟ । ମୃତ୍ୟୁ ପୂର୍ବରୁ ଆମେ ତାହା ଉପଲବ୍ଧି କରି ପାରିବା ଓ ମୁକ୍ତିର ମାଧୁର୍ଯ୍ୟ ଆସ୍ୱାଦନ କରିପାରିବା ।

ସର୍ବଦା ମନେ ରଖିବାକୁ ହେବ ଯେ, ମୁକ୍ତିରେ ବନ୍ଧନର ଲେଶମାତ୍ର ନାହିଁ । ସେହିପରି ବନ୍ଧନରେ ମଧ୍ୟ ମୁକ୍ତିର ଲବେ ମାତ୍ର ନ ଥାଏ । ମୁକ୍ତି ଏକ ପ୍ରକାର ସ୍ୱାଧୀନତା କହିଲେ ଅତ୍ୟୁକ୍ତି ହେବ ନାହିଁ । ସମସ୍ତେ ସ୍ୱାଧୀନତା ପ୍ରିୟ, ତେଣୁ ସମସ୍ତେ ମୁକ୍ତି ଆଶାୟୀ । ତଥାପି ସବୁଯୁଗ ପାଇଁ ମୁକ୍ତିର ପଥ ଏକ ନୁହେଁ । ଲକ୍ଷ୍ୟ ସବୁ ଯୁଗ ପାଇଁ ଏକ ସତ, ମାତ୍ର ପଥ ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ । ସତ୍ୟଯୁଗରେ ତପସ୍ୟା, ତ୍ରେତୟାରେ ଯଜ୍ଞ, ଦ୍ୱାପରରେ କର୍ମ ଏବଂ କଳିରେ ନାମ । ସନ୍ଥ ତୁଳସୀ ଦାସଙ୍କ ଭାଷାରେ:

''କଳିଯୁଗ କେବଲ ନାମ ଆଧାର । ସୁମର-ସୁମର ନର ଉତର ହିଁ ପାର ।''

କଳିଯୁଗରେ ପରିତ୍ରାଣ ପାଇବା ପାଇଁ କେବଳ ନାମ ସ୍ମରଣ ହିଁ ଏକ ମାତ୍ର ପନ୍ଥା । ଶ୍ରୀଚୈତନ୍ୟଦେବ ମଧ୍ୟ ମହାମନ୍ତ୍ର କୀର୍ତ୍ତନ କରି ମୋକ୍ଷ ଲାଭର କଥା ଉପଦେଶ ଦେଇ ଯାଇଛନ୍ତି । ତୁଳସୀ ଦାସ ମଧ୍ୟ କହନ୍ତି:

''ତୁଲ୍‌ସୀ ଅପନେ ରାମ୍ କୋ । ରୀଝ୍ ବଝୋୟା ଖୀଚ୍ ।
ଉଲ୍‌ଟେ ସୀଧେ ଉପଜେଙ୍ଗେ । ପଡ଼େ ଭୂମି ମେଁ ବୀଜ ।।''

କଥିତ ଅଛି ଦସ୍ୟୁ ରତ୍ନାକର ''ମରାମରା'' ଜପି ମଧ୍ୟ ବାଲ୍ମୀକିରେ ପରିଣତ ହୋଇ ପାରିଲେ । ସେହିପରି ଓଲଟା ସିଧା ଜପ କଲେ ବି ମୁକ୍ତି ମିଳି ଯାଇପାରିବ ବୋଲି ତୁଳସୀ ଦାସ ବିଚାର କରନ୍ତି । ଆବଶ୍ୟକ କେବଳ ନିଷ୍ଠା, ଆନ୍ତରିକତା, ନତି ସ୍ୱୀକାର, ଆନୁଗତ୍ୟ, ଆଜ୍ଞାବହତା, ପ୍ରଗାଢ଼ ବିଶ୍ୱାସ, ତ୍ୟାଗ ଏବଂ ସମୟାନୁବର୍ତ୍ତିତା ଭଳି କେତେକ ଗୁଣ, ଯାହାକି ଶିଷ୍ୟ/ଭକ୍ତ ଅଭ୍ୟାସ ଯୋଗରୁ ସହଜରେ ଆହରଣ କରିପାରିବ ।

ଶ୍ରୀଶ୍ରୀଶ୍ରୀ ଠାକୁର ସାତ ପ୍ରକାର ମୁକ୍ତିର କଥା କହିଅଛନ୍ତି । ପ୍ରଭୁପାଦଙ୍କର ଶ୍ରୀମୁଖ ବାଣୀ ଉଦ୍ଧାର କଲେ: ''ମୁକ୍ତି ସାତ ପ୍ରକାର: (୧)ସାରୂପ୍ୟ, (୨)ସାଯୁଜ୍ୟ, (୩)ସାଲୋକ୍ୟ, (୪)ଆରୂପ୍ୟ, (୫)ସାରୂପିତ, (୬)ସାଲୋକୀୟ ଏବଂ (୭) ଆରୋହଣ୍ୟ ।'' ଏହି ସାତ ପ୍ରକାର ମୁକ୍ତି ହିଁ ସାତ ପ୍ରକାର ଫଳ । ଭକ୍ତ ଶିଷ୍ୟ କର୍ମ କରିଚାଲେ । ଏହାହିଁ ତାହାର ପୁରୁଷାର୍ଥ । କର୍ମ କରିବାର ଅଧିକାର ତା'ର ଅଛି । କର୍ମ ଅନୁସାରେ ଫଳ ସେ ଅବଶ୍ୟ ପାଇବ ହିଁ ପାଇବ । ମାତ୍ର ଫଳ ଉପରେ ତାହାର ଅଧିକାର ଆଦୌ ନାହିଁ । ଫଳ ଉପରେ ସଂପୂର୍ଣ୍ଣ ଅଧିକାର ରହିଛି କର୍ତ୍ତାଙ୍କର । କର୍ତ୍ତା ବା ଈଶ୍ୱର ସନ୍ତୁଷ୍ଟ ହେଲେ ଯଥା ମୁହୂର୍ତ୍ତରେ କୃପା କରନ୍ତି, କରୁଛନ୍ତି । ଏହି ଦୈବୀକୃପା ବଳରୁ ଫଳ ସ୍ୱରୂପ ମୁକ୍ତି ବା ମୋକ୍ଷ ଲାଭ ହୁଏ । ତେଣୁ, ମୌଳିକ ଭାବରେ ମୁକ୍ତି, ମୋକ୍ଷ, ନିର୍ବାଣ, ପରିତ୍ରାଣ ବା ''ଆମର ଲକ୍ଷ୍ୟ: ଚରମ ପ୍ରାପ୍ତି'' ନିମନ୍ତେ ଅନୁଗତ ଭକ୍ତ ଶିଷ୍ୟଶିଷ୍ୟାମାନଙ୍କୁ ଅପ୍ରତ୍ୟାଶୀ/ଅନାକାଂକ୍ଷୀ ବା ନିଷ୍କାମ କର୍ମ କରିଯିବାକୁ ପଡ଼େ, ପଡୁଛି, ପଡ଼ିବ । ଏହା ହିଁ ଲକ୍ଷ୍ୟ ଭେଦର ମୂଳ ସରଳ ସହଜ ସୂତ୍ର । ଏହି ସହଜ ସରଳ ସୂତ୍ରର ଅନ୍ୟନାମ ଧର୍ମଧାରା । ଯେଉଁ ଧର୍ମଧାରାର ପର୍ଯ୍ୟାୟରେ ସାଷ୍ଟାଙ୍ଗ ପ୍ରଣାମ, ଆସନ, ମୁଦ୍ରା, ମନ୍ତ୍ର, ଅର୍ଘ୍ୟଫଳ, କୃତାଞ୍ଜଳି ଅର୍ଘ୍ୟ, ସତ୍‌ସଙ୍ଗ, ଧ୍ୟାନ, ପ୍ରାର୍ଥନା, ମହାମନ୍ତ୍ର, ତ୍ୟାଗ, ନିଷ୍ଠା, ଆନ୍ତରିକତା ଇତ୍ୟାଦି ଆବଶ୍ୟକ ।

ମୁକ୍ତି କିଏ ଲାଭ କରେ ? ଆତ୍ମା ନା ଶରୀର ? ଶରୀର ହିଁ ଆତ୍ମାର ଆଧାର । ଆତ୍ମା ଶରୀରଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ । ଶରୀର ଅଚେତନ ହେଲେ ହେଁ, ଆତ୍ମା ସଚେତନ । ଆତ୍ମା ଏଭଳି ଏକ ଶକ୍ତି, ଯାହାକି ଶରୀରକୁ ଶକ୍ତିଶାଳୀ, ଚଳତ୍‌ଶୀଳ କରିଥାଏ । ଏ ଶରୀର ଇଚ୍ଛା ଶରୀର ଥାଇ ମଧ୍ୟ ଯଦି ଆତ୍ମା ଆଧାର ତ୍ୟାଗ କରି ଚାଲିଯାଏ, ତେବେ ଶରୀର କ୍ରିୟାଶୀଳ ହୋଇପାରେନା, ପାରିବ ନାହିଁ । ତେଣୁ ଶରୀରର ସ୍ଥୂଳ ସ୍ଥିତି ରହିଲେ ମଧ୍ୟ ଏହା ଗୌଣ ଏବଂ ଆତ୍ମା ସୂକ୍ଷ୍ମରେ ସ୍ଥିତ ହେଲେ ହେଁ ମୁଖ୍ୟ । ଅବଶ୍ୟ ଶରୀରରୂପୀ ଆଧାରକୁ ଆତ୍ମାର ନିବାସ ରୂପେ ଯତ୍ନ କରିବାକୁ ହେବ ହିଁ ହେବ । ଶାସ୍ତ୍ର କହେ !

''ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍ ।''

ଭାଗବତକାର ଅତିବଡ଼ୀ ଜଗନ୍ନାଥଙ୍କ ଭାଷାରେ:

''ଏ ଦେହ ଥିଲେ ସର୍ବ ପାଇ । ଜଳେ ଯେସନ ଚନ୍ଦ୍ର ଛାଇ ।।

ପୁଣି,

''ଏ ଦେହ ସର୍ବସିଦ୍ଧି ହେତୁ । ସଂସାର ଭବସିନ୍ଧୁ ସେତୁ ।।''

ସେହିପରି ଆତ୍ମା ସମ୍ବନ୍ଧରେ ମଧ୍ୟ ଶାସ୍ତ୍ରମାନଙ୍କରେ ବହୁ ତଥ୍ୟ ପ୍ରକାଶିତ ହୋଇଅଛି ।

''ଆତ୍ମା ଅଖଣ୍ଡ ନିରଂଜନ । ସ୍ୱଭାବେ ଦେହ ଅଚେତନ ।।
ଆତ୍ମାରେ ଆତ୍ମାଭାବ ଗୃହେ । ଜନ୍ତୁ ଗୋଚର ଆତ୍ମା ନୁହେଁ ।।
ଆତ୍ମାର ହିତ ନିତ୍ୟ କର । ହସି ବୋଲନ୍ତି ଦାମୋଦର ।।''

ଏତାଦୃଶ ଆତ୍ମାର ଉପଲବ୍ଧି ତେଣୁ ଦେହଭାବ ସର୍ବସ୍ୱରେ ଲାଭ କରାଯାଇ ପାରେନା । ସ୍ୱଭାବରେ ଅଚେତନ ଶରୀରସର୍ବସ୍ୱ ଜୀବ ଆତ୍ମାକୁ ଉପଲବ୍ଧି କରିପାରେ ନାହିଁ । ଫଳତଃ ଆତ୍ମା ଜୀବର ଅଗୋଚରରେ ରହିଯାଏ । ଆତ୍ମାର ଗୋଚର ନ ହେବା ପର୍ଯ୍ୟନ୍ତ ଆତ୍ମାର ହିତ ସାଧନ କରିବା ସମ୍ଭବ ହେବ କିପରି ? ହୋଇପାରେନା । ଆତ୍ମୋପଲବ୍ଧି ନିମନ୍ତେ ଗୁରୁ ଗ୍ରହଣ, ଗୁରୁପ୍ରଦର୍ଶିତ ଧାରା ଗ୍ରହଣ, ଗୁରୁବାକ୍ୟ ପାଳନ, ଗୁରୁମୂର୍ତ୍ତିଧ୍ୟାନ, ଗୁରୁଦତ୍ତ ମନ୍ତ୍ର ମନନ ବା ମାନସଜପ, ଗୁରୁଙ୍କ ନିମନ୍ତେ ତ୍ୟାଗ ଓ ଏ ସକଳ ନିଷ୍କାମ କର୍ମରେ ନିଷ୍ଠା ଓ ଆନ୍ତରିକତା ଥିବା ଏକାନ୍ତ ଆବଶ୍ୟକ ।

ଆତ୍ମାର ଉପଲବ୍ଧି ହିଁ ମୁକ୍ତି । ତେଣୁ ଶରୀରସ୍ଥ ଆତ୍ମା ହିଁ ଉପଯୁକ୍ତ ଭାବରେ ମୁକ୍ତି ଲାଭ କରେ । ଆତ୍ମୋପଲବ୍ଧି ହେଲେ ବ୍ରହ୍ମଜ୍ଞାନ ଉଦୟ ହୁଏ ''ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି'' । ବ୍ରହ୍ମବିଦ୍ ବା ବ୍ରହ୍ମଜ୍ଞାନୀ ବ୍ରହ୍ମରେ ଲୀନ ହୋଇ ମୋକ୍ଷ ଲାଭ କରେ ବୋଲି ବେଦାନ୍ତୀମାନଙ୍କର ମତ ।

''ସ ଏତାନ୍ ବ୍ରହ୍ମ ଗମୟତ୍ୟେଷ ଦେବପଥୋ ବ୍ରହ୍ମ ପଥ
ଏତେନ ପ୍ରତିପଦ୍ୟମାନା ଇମଂ ମାନବମାବର୍ତ୍ତ ନାବର୍ତନ୍ତେ ନାବର୍ତନ୍ତେ ।'' (ଛାନ୍ଦୋଗ୍ୟ:୪:୧୫:୬)

ଅର୍ଥାତ୍, ଜ୍ଞାନୀପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ କଲା ପରେ ମନ୍ୱନ୍ତରର ଏହି ଜନ୍ମ ମୃତ୍ୟୁ ଚକ୍ରରେ ପୁଣି ଥରେ ଦେହ ଧରିବା ପାଇଁ ଧରାଧାମକୁ ଫେରିଆସେ ନାହିଁ ।

ପୁନଶ୍ଚ ଉପନିଷଦ୍ ଭାଷାରେ :

''ତେ ବ୍ରହ୍ମ ଲୋକେ ହ ପରାନ୍ତ କାଳେ । ପରାମୃତାତ୍ ପରିମୁଚ୍ୟନ୍ତି ସର୍ବେ ।।'' (ମୁଣ୍ଡକଃ:୩:୨:୬)

ଅର୍ଥାତ୍, ମୁକ୍ତ ଜୀବ ମୁକ୍ତି ଲାଭ କରି ମହାକଳ୍ପ ପର୍ଯ୍ୟନ୍ତ ବ୍ରହ୍ମାନନ୍ଦ ଭୋଗ କଲା ପରେ, ମୁକ୍ତିର ସୁଖ ତ୍ୟାଗ କରି ପୁନର୍ବାର ସଂସାରକୁ ଫେରିଆସନ୍ତି । ଏ ସକଳ ବେଦାନ୍ତ ବିଚାରରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ମୋକ୍ଷ ସ୍ଥିତିରେ ରହିବା ପରେ ମଧ୍ୟ ଜୀବକୁ ଏହି ସ୍ଥୂଳ ଜଗତକୁ ଫେରିବାକୁ ହୁଏ । ଏହା ସନାତନ ଆର୍ଯ୍ୟ ଧର୍ମର ସନାତନ ମାନ୍ୟତା ଅଟେ ।

ଏଠାରେ ସ୍ୱତଃ ମନରେ ପ୍ରଶ୍ନ ଉଠେ- ମୁକ୍ତି/ମୋକ୍ଷ ଲାଭ କରିବା ପରେ ମୁକ୍ତ ଜୀବ ପୁନର୍ବାର ଜନ୍ମମୃତ୍ୟୁର ବନ୍ଧନରେ ପଡ଼ିବ କିପରି ? ଅନେକଙ୍କ ମତରେ ଜୀବ କେବେ ମଧ୍ୟ ଜନ୍ମ ଗ୍ରହଣ କରେ ନାହିଁ, ବନ୍ଧନରେ ପଡ଼େ ନାହିଁ, କୌଣସି ସାଧନା କରେ ନାହିଁ ବା ମୁକ୍ତ ହେବାକୁ ଇଚ୍ଛା କରେ ନାହିଁ । କାରଣ ପରମାର୍ଥତଃ ସେ ବଦ୍ଧ ନୁହେଁ । ଯେ ବଦ୍ଧ ନୁହେଁ, ତା'ର ମୁକ୍ତିର ପ୍ରଶ୍ନ ଉଠିବ କିପରି ? ସେମାନଙ୍କ ଯୁକ୍ତିରେ ଜୀବ ବ୍ରହ୍ମର ପ୍ରତିବିମ୍ବ । ଦର୍ପଣ ଭାଙ୍ଗିଗଲେ ଯେପରି ବିମ୍ବର କୌଣସି ହାନି ହୁଏ ନାହିଁ । ମୋକ୍ଷ ଅବସ୍ଥାରେ ମଧ୍ୟ ଜୀବର ଲୟ ବା ନାଶ ହୁଏ ନାହିଁ । ଜୀବ ବ୍ରହ୍ମମୟ ହୋଇପାରେ, ମାତ୍ର ବ୍ରହ୍ମ ହୋଇ ପାରେନା ।

ପରମାତ୍ମା ଏକ, ହେଲେ ଆତ୍ମା ଅନେକ । ପରମାତ୍ମା ସର୍ବଜ୍ଞ, ମାତ୍ର ଆତ୍ମା ଅଳ୍ପଜ୍ଞ । ପରମାତ୍ମା ନିରାକାର, ଆତ୍ମା ଶରୀରଧାରୀ ଆକାର ବିଶିଷ୍ଟ । ଆତ୍ମା କର୍ମଫଳ ଭୋଗ କରିବାରେ ଶରୀରରେ ଆବଦ୍ଧ ରହେ ଏବଂ ସଂସାର ଦୁଃଖରୁ ରକ୍ଷା ପାଇବା ପାଇଁ ସଶରୀର ଚେଷ୍ଟା ବା ସାଧନା କରେ । ଏପରି ସ୍ଥଳେ ଜୀବକୁ ବ୍ରହ୍ମର ପ୍ରତିବିମ୍ବ ବୋଲି କୁହାଯିବ କିପରି ? ବେଦବ୍ୟାସଙ୍କ କୃତ ବ୍ରହ୍ମସୂତ୍ର ଅନୁଯାୟୀ ଜୀବ ଶରୀରରେ ଆରୂଢ଼ ପ୍ରାଣର ମୃତ୍ୟୁ ନାହିଁ, କାରଣ ତା'ର ଜନ୍ମ ମଧ୍ୟ ନ ଥିଲା । ଶରୀରର ଆବିର୍ଭାବ ଓ ତିରୋଧାନକୁ ସତରାଚର ଜନ୍ମ ମରଣ କୁହାଯାଏ । ତା' ନ ହେଲେ ପ୍ରକୃତରେ ଜନ୍ମ ମରଣ ହୁଏ ନାହିଁ । ଦେହପୁରରେ ପୁରୁଷ ଜନ୍ମର ଅବ୍ୟବହିତ ପୂର୍ବରୁ ଆତ୍ମାର ରୂପରେ ଶରୀରକୁ ପ୍ରାପ୍ତ ହୁଏ । ମୃତ୍ୟୁକାଳରେ ସେହି ପୁରୁଷ ଆତ୍ମା ରୂପରେ ମନ ଓ ପଞ୍ଚ ଜ୍ଞାନେନ୍ଦ୍ରିୟକୁ ସାଥିରେ ଧରି ଏ ଶରୀରରୁ ବାହାରି ଯାଏ । ଶରୀର ସହିତ ଆତ୍ମାପୁରୁଷର ସଂଯୋଗ ବା ବିଯୋଗ ନିମିତ୍ତ ଜନ୍ମମରଣ ଶବ୍ଦ ସ୍ଥୂଳ ଜଗତରେ ପ୍ରଚଳିତ । ତେଣୁ ଆତ୍ମା (ଜୀବ)ର ଉତ୍ପତ୍ତି ବା ବିନାଶ ନାହିଁ । ଜନ୍ମ ମୃତ୍ୟୁ

କେବଳ ଉପାଧିର ହୁଏ । ('ଚରମ' - ୧ମ ପୁଷ୍ପ, ୩ୟ ପାଖୁଡ଼ା ୨୧ ପୃଷ୍ଠା, ୫ମ ପରିଚ୍ଛେଦ ଦ୍ରଷ୍ଟବ୍ୟ) ସେହିପରି ବ୍ରହ୍ମର ପ୍ରତିବିମ୍ବ ଆତ୍ମା (ଜୀବ) ସେ ପର୍ଯ୍ୟନ୍ତ ଅନ୍ତଃକରଣରେ ପ୍ରତିବିମ୍ବିତ ହୁଏ, ଯେ ପର୍ଯ୍ୟନ୍ତ ସେ ଅନ୍ତଃକରଣୋପାଧିଯୁକ୍ତ ଅଟେ । ଅନ୍ତଃକରଣର ଉପାଧି ନଷ୍ଟ ହୋଇଗଲେ, ଜୀବ ମୁକ୍ତ ରୂପ ହୋଇଯାଏ ।

**ସା**କାର ବସ୍ତୁରେ ହିଁ ସାକାର ବସ୍ତୁ ପ୍ରତିବିମ୍ବିତ ହୋଇଥାଏ । ଯେପରି ଦର୍ପଣରେ ମୁଖ ପ୍ରତିବିମ୍ବିତ ହୁଏ । ମୁଖ ଓ ଦର୍ପଣ ସାକାର ହେଲେ ହେଁ ପୃଥକ୍ ପୃଥକ୍ ବସ୍ତୁ ଅଟନ୍ତି । କିନ୍ତୁ ମୁଖ ଦର୍ପଣ ନୁହେଁ ବା ଦର୍ପଣ ମଧ୍ୟ ମୁଖ ହୋଇ ନ ପାରେ । ମାତ୍ର ଏହା ଜାଗତିକ ଉଦାହରଣ । ଆଧ୍ୟାତ୍ମିକ ବିଚାର ଅଲଗା । ବ୍ରହ୍ମ ନିରାକାର, ପରମାତ୍ମା ମଧ୍ୟ ନିରାକାର । ନିରାକାର ହେଲେ ମଧ୍ୟ ସେ ସ୍ୱେଚ୍ଛାରେ ସାକାର ରୂପ ପରିଗ୍ରହ କରନ୍ତି, କରିଛନ୍ତି । ସେ ଆକାରରେ ନିରାକାର, ରୂପରେ ଅରୂପ, ନାମରେ ଅନାମ, ଉପାଧିରେ ନିରୁପାଧି ଅଟନ୍ତି । ସେ ସର୍ବବ୍ୟାପକ ଏବଂ ସର୍ବବିଦ୍ୟମାନ । ତେଣୁ ସାକାର ଜୀବ ଶରୀରରେ ସେ ପ୍ରତିବିମ୍ବିତ ହେବା ସର୍ବାଦୌ ସମ୍ଭବ । ହେଲେ ମଧ୍ୟ ପରମାତ୍ମା ଜୀବାତ୍ମା ନୁହଁନ୍ତି, ଜୀବାତ୍ମା ମଧ୍ୟ ପରମାତ୍ମା ହୋଇ ନ ପାରନ୍ତି । ପରମାତ୍ମାଙ୍କର ବୈଶିଷ୍ଟ୍ୟ ଜୀବାତ୍ମାଠାରେ ପୁଞ୍ଜିଭୂତ ହୋଇ ନ ପାରେ । ହୁଏତ, ପ୍ରତ୍ୟେକ ଜୀବାତ୍ମାଠାରେ ପରମାତ୍ମାଙ୍କର ସୁନିର୍ବାଚିତ ଗୋଟିଏ/ଯୋଡ଼ିଏ ଗୁଣ ବା ବୈଶିଷ୍ଟ୍ୟ ଆରୋପିତ ହୋଇଥାଏ । ତାହା ହିଁ ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ଯୋଗସୂତ୍ର ବା ସଂଯୋଗ ରକ୍ଷା କରେ । ମୁକ୍ତି ମୋକ୍ଷରେ ଆତ୍ମାର ବିଲୋପ ସାଧନ ହୁଏନା । ଯଦି ତାହା ହୁଅନ୍ତା, ମୃତ୍ୟୁପର ଜୀବନରେ ସ୍ୱର୍ଗସୁଖ ବୋଲି କିଛି ହିଁ ଧାରଣା ରହନ୍ତା ନାହିଁ । ତେଣୁ ଜୀବ ସଂସାରର ବିଷୟବନ୍ଧନରେ ବଦ୍ଧ ହୋଇଥିବା କାରଣରୁ ମୁକ୍ତିର ପ୍ରଶ୍ନ ଉଠେ, ଜୀବ ମୁକ୍ତି ଆଶା ଆକାଂକ୍ଷା କରେ, କରିବା ସ୍ୱାଭାବିକ ମଧ୍ୟ ।

**ଆ**ସନ୍ତୁ ବିଚାର କରିବା ମୁକ୍ତି ବା ମୋକ୍ଷ ଅସୀମ, ଅନନ୍ତ ଓ ସର୍ତ୍ତ ରହିତ କି ? ଆମ ଜ୍ଞାନରେ ଆମେ ଜାଣୁଁ, ବନ୍ଧନରେ ସୀମା ଅଛି । ପୁଣି ସର୍ତ୍ତ ଥିଲେ ବନ୍ଧନ ଥାଏ । ଏଥି ନିମନ୍ତେ ଋଗ୍‌ବେଦର ପ୍ରଥମ ମଣ୍ଡଳର ଚତୁର୍ବିଂଶ (୨୪) ସୂକ୍ତ ପ୍ରଥମ ଓ ଦ୍ୱିତୀୟ ଶ୍ଳୋକର ମନ୍ତ୍ର ନିମ୍ନରେ ଉଦ୍ଧୃତ ହେଲା :

''କସ୍ୟ ନନଂ କତମସ୍ୟା ମୃତାନାଂ ମନାମହେ ଚାରୁ ଦେବସ୍ୟ ନା ।
କୋନୋମହ୍ୟା ଅଦିତୟେ ପୁନର୍ଦାତ୍ ପିତରଂ ଚ ଦୃଶେୟଂ ମାତରଂ ଚ'' ॥୧॥

ଏହି ମନ୍ତ୍ରରେ ପ୍ରଶ୍ନର ବିଷୟ ଅଛି । କିଏ ଏପରି ପଦାର୍ଥ ଅଟେ, ଯେ ସନାତନ ଅର୍ଥାତ୍ ଅବିନାଶୀ ପଦାର୍ଥରେ ମଧ୍ୟ ସନାତନ ଅବିନାଶୀ ଅଟେ କି ଯାହାର ଅତ୍ୟନ୍ତ ଉତ୍କର୍ଷଯୁକ୍ତ ନାମର ଆମ୍ଭେ ସ୍ମରଣ କରୁଁ ବା ଜାଣୁଁ । କେଉଁ ଦେବ ଆମ୍ଭମାନଙ୍କ ନିମନ୍ତେ କେଉଁ କେଉଁ କାରଣରୁ ଏକ ଜନ୍ମରୁ ଅନ୍ୟ ଏକ ଜନ୍ମର ସଂପାଦନ କରୁଛନ୍ତି ଏବଂ ଅମୃତ ବା ଆନନ୍ଦକାରିଣୀ ମୁକ୍ତିକୁ ପ୍ରାପ୍ତ କରାଇ ମଧ୍ୟ ପୁଣି ଆମ୍ଭମାନଙ୍କୁ ମାତାପିତାଙ୍କ ଦ୍ୱାରା ଅନ୍ୟ ଜନ୍ମରେ ଶରୀରକୁ ଧାରଣ କରାଉଛନ୍ତି ।

ପୁନଶ୍ଚ ଦ୍ୱିତୀୟ ମନ୍ତ୍ର ଯଥା :

''ଅଗ୍ନେର୍ବୟଂ ପ୍ରଥମସ୍ୟା ମୃତାନାଂ ମନାମହେ ଚାରୁ ଦେବସ୍ୟ ନାମ ।
ସନୋମହ୍ୟା ଅଦିତୟେ ପୁନର୍ଦାତ ପିତରଂ ଚ ଦୃଶେୟଂ ମାତରଂ ଚ '' ॥୨॥

**ହେ** ମନୁଷ୍ୟଗଣ ! ଅନାଦି ସ୍ୱରୂପ, ସଦା ଅମର ରହିବା ଯୋଗ୍ୟ, ଜୀବର ପାପପୁଣ୍ୟ ଅନୁସାରେ ଯଥାଯୋଗ୍ୟ ସୁଖଦୁଃଖ ଫଳଦାତା ଯେଉଁ ଜଗଦୀଶ୍ୱର ଦେବଙ୍କୁ ସ୍ଥିର କରିଅଛ ଏବଂ ଯାହାଙ୍କର ନ୍ୟାୟଯୁକ୍ତ ବ୍ୟବସ୍ଥାରୁ ପୁନର୍ଜନ୍ମକୁ ପ୍ରାପ୍ତ ହେଉଅଛ ତାଙ୍କଠାରୁ ଅନ୍ୟ ଦ୍ୱିତୀୟ ଉକ୍ତ କର୍ମ କରିବା ଯୋଗ୍ୟ କେହି ନାହାନ୍ତି । ଏହା ନିଶ୍ଚୟ ଭାବେ ଜାଣି ରଖ ଯେ, ତୁମ୍ଭମାନଙ୍କର ଜୀବ ସେହି ମୋକ୍ଷ ପଦବୀରେ ପହଞ୍ଚିଥିଲେ ମଧ୍ୟ, କଳ୍ପର

ଶେଷରେ ପୁଣି ପାପପୁଣ୍ୟର ଓଜନତାରୁ ପିତାମାତା ଏବଂ ସ୍ତ୍ରୀ ଆଦିଙ୍କ ଗହଣରେ ମନୁଷ୍ୟ ଜନ୍ମ ଧାରଣ କରୁଅଛ । ଏଥିରୁ ସ୍ପଷ୍ଟ ହୁଏ ଯେ,  ଏକ ନିର୍ଦ୍ଦିଷ୍ଟ ସମୟସୀମା ଅର୍ଥାତ୍ ଏକ କଳ୍ପ ସମୟକାଳ ପର୍ଯ୍ୟନ୍ତ ମୁକ୍ତ ବା ମୋକ୍ଷ ପ୍ରାପ୍ତ ଜୀବ ମୁକ୍ତିର ଆନନ୍ଦ ଲାଭ କରେ । ସେହି ସମୟରେ ଜୀବ ମୁକ୍ତାବସ୍ଥାରେ ବ୍ରହ୍ମଲୋକରେ ବାସ କରେ ।

ଏବେ ପ୍ରଶ୍ନ ଉଠେ, ମୁକ୍ତି ପାଇବା ପାଇଁ ଆମେ କରିବା କ'ଣ ? ଏ ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ । ଶାସ୍ତ୍ର ଏବଂ ଗୁରୁମାନେ କହନ୍ତି: ମୁକ୍ତି ପାଇବା ପାଇଁ ତିନୋଟି ମାର୍ଗ ଅଛି - ଜ୍ଞାନମାର୍ଗ, କର୍ମମାର୍ଗ, ଭକ୍ତିମାର୍ଗ । କିନ୍ତୁ, ପ୍ରକୃତରେ ଏହା ମଧ୍ୟରୁ କୌଣସି ଗୋଟିଏ ମାର୍ଗରେ ମୁକ୍ତି ମିଳେ ନାହିଁ । ଏହା ହିଁ ପରମ କାରୁଣିକ ଜୀବନ ଦେବତା ପ୍ରେମିକ ଠାକୁର ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ । ତାଙ୍କ ଶ୍ରୀମୁଖ ଭାଷାରେ: **''ଜାଣ, ମନ ଦେଇ କର''** । ପ୍ରଭୁପାଦ ପରମ ପ୍ରେମମୟ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ବାଣୀରେ ଜାଣିବା ହିଁ ଜ୍ଞାନ, ମନଦେବା ହିଁ ଭକ୍ତି ଏବଂ କରିବା ହିଁ କର୍ମ । ଏକ ସଂଗରେ ଜାଣିବା, ମନ ଲଗାଇବା ଓ କରିବା (ଜ୍ଞାନ, ଭକ୍ତି, କର୍ମ) ଦ୍ୱାରା ସହଜ ସରଳ ଧାରାରେ ମୁକ୍ତିର ସୂତ୍ର ଉନ୍ମୋଚିତ ହୁଏ, ମୋକ୍ଷର ଦ୍ୱାର ଖୋଲି ଯାଏ ।

ଗୌତମଙ୍କ ନ୍ୟାୟ ଶାସ୍ତ୍ରରୁ ଜଣାଯାଏ :

''ଦୁଃଖ ଜନ୍ମ ପ୍ରବୃତ୍ତି ଦୋଷ ମିଥ୍ୟାଜ୍ଞାନାନ୍ନ ମୁତ୍ତରାପାୟେତଦନ୍ତରାପାୟାଦପବର୍ଗଃ ॥''

ମିଥ୍ୟା ଜ୍ଞାନରୁ ଦୋଷ, ଦୋଷରୁ ପ୍ରବୃତ୍ତି, ପ୍ରବୃତ୍ତିରୁ ଜନ୍ମ ଏବଂ ଜନ୍ମରୁ ଦୁଃଖ ଏବଂ ଦୁଃଖର ବିନାଶରୁ ମଣିଷ ମୋକ୍ଷ ପ୍ରାପ୍ତି ହୁଏ । ମିଥ୍ୟା ଜ୍ଞାନ କେବଳ ସତ୍ୟ ଦ୍ୱାରା ହିଁ ନଷ୍ଟ ହୋଇପାରେ, ଯେପରି ଆଲୋକ ଜ୍ୟୋତି ଦ୍ୱାରା ଅଜ୍ଞାନ ଅନ୍ଧକାର ଧ୍ୱଂସ ଲାଭ କରେ । ସଂସାରେ ସକଳ କାର୍ଯ୍ୟ ଆମ ଶରୀର ଦ୍ୱାରା ହିଁ ସଂପାଦିତ ହୋଇଥାଏ । ତେଣୁ ଦୁଃଖର କାରଣ ହେଉଛି ଆମ ଶରୀର । ଏହି ଶରୀର ମାୟା ଦ୍ୱାରା ଆଚ୍ଛନ୍ନ । ପ୍ରକୃତି ତା'ର ତିନୋଟି ରଜ୍ଜୁ ବେଷ୍ଟନ କରି ଶରୀରକୁ ବାନ୍ଧି ରଖିଛି । ପ୍ରଥମ ହେଲା ବିରାଟ ଶରୀର ବା ବ୍ରହ୍ମାଣ୍ଡ, ଦ୍ୱିତୀୟଟି ହେଲା ସୂକ୍ଷ୍ମ ଶରୀର ଏବଂ ତୃତୀୟରେ ଆମର ସ୍ଥୂଳ ରକ୍ତମାଂସ ଅସ୍ଥି ମେଦ ମଜ୍ଜାର ଶରୀର । ତେଣୁ ମନୁଷ୍ୟ ଯେଉଁ ପର୍ଯ୍ୟନ୍ତ ପ୍ରକୃତି କବଳରୁ ମୁକ୍ତ ହୋଇ ନାହିଁ, ସେ ପର୍ଯ୍ୟନ୍ତ ଦୁଃଖରୁ ମୁକ୍ତ ହୋଇ ପାରିବ ନାହିଁ କିମ୍ବା ଜନ୍ମ ମୃତ୍ୟୁର ଚକ୍ରରୁ ମଧ୍ୟ ତ୍ରାହି ପାଇପାରିବେ ନାହିଁ, ମୁକ୍ତ ହୋଇ ପାରିବ ନାହିଁ କି ପରମାତ୍ମା ବା ବ୍ରହ୍ମଙ୍କୁ ପାଇପାରିବେ ନାହିଁ ।

ଏଥି ନିମନ୍ତେ ସବୁକିଛି ଜାଣିବାକୁ ଚେଷ୍ଟା କରିବାକୁ ପଡ଼ିବ । ଏହା ହିଁ ଜ୍ଞାନ । ସବୁ ଜାଣିବା ପରେ ତାହାକୁ କାମରେ ପରିଣତ କରିବାକୁ ହେବ । ଏହା ଦ୍ୱାରା ହିଁ କର୍ମଯୋଗ ହୁଏ । ଗୀତାର କର୍ମଯୋଗ ଅନୁସାରେ ଯଦି ମୁକ୍ତି ମୋକ୍ଷ ନିର୍ବାଣ ମିଳିଯାଉ ଥାଆନ୍ତା, ତେବେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୁନର୍ବାର ଧରାଧାମକୁ ମାନୁଷୀତନୁରେ ପରଂଭାବ ମହେଶ୍ୱର ରୂପରେ ଅବତରଣ କରିବାକୁ ପଡ଼ି ନ ଥାନ୍ତା । ତେଣୁ ଯାହା ଜାଣିଲୁ, ତାହା ମନଦେଇ ଅନ୍ତର ଖୋଲି ବିଶ୍ୱାସ କଲୁ ଏବଂ ତଦନୁସାରେ କର୍ମ କଲୁ, ଫଳରେ ଜ୍ଞାନ, ଭକ୍ତି, କର୍ମର ସମନ୍ୱୟ ହେଲା । ମୁକ୍ତି ବା ମୋକ୍ଷ ନ ମିଳି ଯାଏ କୁଆଡ଼େ ? ତେଣୁ ପ୍ରକୃତ ସତ୍ୟ (ଜ୍ଞାନ)କୁ ଜାଣିବା ପାଇଁ କର୍ମ ଓ ଭକ୍ତି ସହାୟକ ଅଟେ । ଫଳ ପାଇଁ କର୍ମ ଆବଶ୍ୟକ ପଡ଼େ । ଏହି କର୍ମ ହିଁ ପୁରୁଷାର୍ଥ ଓ ଫଳ ହିଁ ଦୈବୀକୃପା ବୋଲି ପୂର୍ବରୁ ସ୍ପଷ୍ଟ ସୂଚନା ଦିଆଯାଇଛି ।

ପ୍ରଭୁପାଦ ପରମ ପୁରୁଷ ମହାମହେଶ୍ୱର ଶ୍ରୀଶ୍ରୀଶ୍ରୀ ଠାକୁର ଆଜି ଉଦାତ୍ତକଣ୍ଠ କଣ୍ଠରେ ପାପୀତାପୀ ମାନବ ସମାଜକୁ ଘୋର କଳିର ଅନ୍ତିମ ପର୍ଯ୍ୟାୟରେ ଏହି ପୁରୁଷାର୍ଥ ପ୍ରୟୋଗ ଦ୍ୱାରା ବିଶ୍ୱାସ କରିବାକୁ, ମନ ଦେଇ ଭଲ ପାଇବାକୁ, ଭକ୍ତି କରିବାକୁ, ଉପାସନା କରିବାକୁ, ଧାରାଧରି ସହଜ ସୂତ୍ରରେ ଅଷ୍ଟାଙ୍ଗ ଯୋଗ କରିବାକୁ, ସତ୍ୟର ସନ୍ଧାନ କରିବାକୁ, ଦୁଃଖ ଫାଶରୁ ମୁକୁଳି ଯିବାକୁ, ମୁକ୍ତି ମୋକ୍ଷ ପଥରେ ପାଦେ ପାଦେ ଆଗେଇ ଯିବାକୁ ଆହ୍ୱାନ ଦେଉଅଛନ୍ତି ।

# ପୋଲାଫାଙ୍କିଆଙ୍କ ଉଗୁରିମାଦ୍

ଶୁଆ : ଶାରୀ ଲୋ, ଏ ଶାରୀ ! ଜାଣିଛୁ, ମଠରେ ଦିନରାତି ଦି' ଓଳି ପଙ୍ଗତ ଚାଲିଛି ।

ଶାରୀ : ତୋ ଆଖିକୁ ଆଉ କିଛି ଦିଶୁନି ଯେ ଖାଲି ଦିନରାତି ପଙ୍ଗତ ଦିଶୁଛି ।

ଶୁଆ : କିଲୋ, ମୋ ଉପରେ ବିଗୁଡ଼ୁଛୁ ତୁଣ୍ଡାଟାରେ କାହିଁକି ଯେ ! ମୁଁ ଆଉ କି ଅପରାଧ କଲି ଲୋ ?

ଶାରୀ : ମଠରେ ଦଳେ ଚେଲା ଅଛନ୍ତି । ବାବାଜୀଙ୍କ କାମରେ ଦିନରାତି ଲାଗିଛନ୍ତି । ସେମାନେ ତ ଘର ପରିବାର ଛାଡ଼ି ଏଇଠି ବାବାଜୀଙ୍କ କାମରେ ରହିଲେ । ତାଙ୍କର ଆୟ ନା ଉପାର୍ଜନ ଅଛି ? ସେମାନେ ପଙ୍ଗତରେ ଦି'ଓଳି ବସିବେନି ତ କ'ଣ ଚରିଆର ଦଳ ଖାଇ ବଞ୍ଚିବେ ।

ଶୁଆ : ଆଲୋ, ତୁଣ୍ଡାଟାରେ ଏଡେ ପାଟିଟାଏ କରୁଛୁ କାହିଁକି ? କିଏ କାଳେ ଶୁଣିବ, କ'ଣ ଭାବିବ କହିଲୁ ?

ଶାରୀ : ତୋ ମୁଣ୍ଡ ଆଉ ଗଣ୍ଡି ଭାବିବ ! ଭାବିଲେ ସତେ ଯେମିତି ଏ ସଂସାର ଉଜୁଡ଼ି ଯିବ !

ଶୁଆ : ଆଲୋ ୟେ, ମୁଁ ସେ କଥା କହୁନି । ଆଉ ଦଳେ ବି ମଠରେ ଅଛନ୍ତି । ନିହାତି ପେଟ ବିକଳିଆ । କିଛି କରିବେନି । କିଛି ମାନିବେନି । ଲଫଙ୍ଗା ଦଳ । ଏମିତି ଡୁଲାଫାଙ୍କିଆ ପୋଲା ମଲାଙ୍କୁ ଘରେ ବାପଭାଇ ତ ଖାଇବାକୁ ଦେବେନି । ତେଣୁ ବାବାଜୀଙ୍କଠି ଭିଡ଼ ଜମେଇ ମିଛ ସତ କହି ପାଞ୍ଚ ଜାଗାରେ ପଚାଶ ନେଇ -

ଶାରୀ : ଜାଣେ, ଜାଣେ, ଗୁମର କଥା ଜାଣେ । ପାଞ୍ଚ ଜାଗାରେ ପଚାଶ ନେଇ ଦୋକାନ ବଜାରରେ ଆଡ଼ା ଜମେଇ ଧୂଆଁ ପିଇ ଦେଉଛନ୍ତି । ଗିଳିବା ବେଳକୁ ମଠ ପଙ୍ଗତରେ ବସି ଯାଇ ନଟବର ଗୁଣ୍ଡା ଗେଫି ଯାଉଛନ୍ତି । ତାଙ୍କ ପେଟ ନା ଗାଡ଼ିଆ ବା !!

ଶୁଆ : ଚୋପ୍ ଚୋପ୍ । ଚୋପ୍ ଲୋ ଶାରୀ ! ସବୁ କହିବୁ, ଗୁମର କଥା କହିବୁନି । ଗମ୍ଭୀରୀ ଭିତରେ ମଉନ ହୋଇ ବସିଥିବା ବାବାଜୀ ସବୁ ଜାଣୁଛି, ସବୁ ଦେଖୁଛି ।

ଶାରୀ : ଠିକଣା ବେଳକୁ ଠଣାରେ ପୁରେଇ ମୁଦ ମାରି ରଖି ଦେଇଥିବ ଯେ । ସେତେବେଳେ ଏ ପୋଲାଫାଙ୍କିଆଙ୍କ ଫକାସି ତୁଡ଼ି ଯିବନି !! ଉଗୁରିମାଦ୍ ଛାଡ଼ିଯିବନି !!

ଅନାମ ଅସୀମ ଅନନ୍ତ ।
ଅଲେଖ ଅରୂପ ଅବ୍ୟକ୍ତ ।।
ବ୍ୟକ୍ତ ରୂପରେ ନାମ ଧରି ।
ଭବ ବିଷୟ ଭୟ ହରି ।।



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ଜଗତ୍‌ସ୍ରଷ୍ଟାଙ୍କ ସୃଷ୍ଟିରେ ଜୀବ ନର ବା ନାରୀ ହୋଇ ଜନ୍ମ ହୋଇ ନ ଥାଏ । ନର ବା ନାରୀ ଭୌତିକ ଜଗତର ଦୁଇଟି ଭିନ୍ନ ଭିନ୍ନ ଲିଙ୍ଗବାଚକ ଶବ୍ଦ ମାତ୍ର । ବୈଦିକ ଯୁଗରେ ଆର୍ଯ୍ୟ ସନାତନ ଧର୍ମରେ ନର ବା ନାରୀର ଭିନ୍ନ ବୈଶିଷ୍ଟ୍ୟ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଉଭୟଙ୍କର ସମାନ ଅଧିକାର ସାବ୍ୟସ୍ତ ହୋଇଥିଲା । ବିଶ୍ୱସ୍ରଷ୍ଟାଙ୍କର ସୃଷ୍ଟିର ବୈଚିତ୍ର୍ୟ ଅନୁସାରେ ନର ଓ ନାରୀର ଶାରୀରିକ ଗଠନ ସୃଷ୍ଟି ରକ୍ଷା ନିମନ୍ତେ ଭିନ୍ନ ଭିନ୍ନ । ଏକକୁ ଛାଡ଼ି ଆରେକ ଆପଣା ଛାଏଁ ବିଶ୍ୱସ୍ରଷ୍ଟା ପୁରୁଷଙ୍କ ଇଚ୍ଛା ପୂର୍ଣ୍ଣ କରିବାରେ କଦାପି ସମର୍ଥ ନୁହେଁ । ତେଣୁ ପରସ୍ପର ପରସ୍ପରର ପରିପୂରକ । ଉଭୟଙ୍କ ମଧ୍ୟରେ ପ୍ରତିଯୋଗୀତା ନୁହେଁ ସହଯୋଗୀତା ହିଁ ବାଞ୍ଛନୀୟ । ନର ବା ନାରୀ ହେଉ - ସମାଜର ଯେ କୌଣସି ଗୋଟିଏ ଅଙ୍ଗ ଅବହେଳିତ ହେଲେ, ସୁସ୍ଥ ସାମାଜିକ ଜୀବନ କଳ୍ପନା କରିବା ବୃଥା । ତେଣୁ, ଆସନ୍ତୁ ଏକତ୍ର ହୋଇ ସେହି ମହାମହିମାମୟୀ ମାତୃତ୍ୱର ଜୟଗାନ କରିବା । ମାତୃଜାତିର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ନିମନ୍ତେ କଠୋର ସଂଯମ ରକ୍ଷା କରିବା । ନାରୀ ପୁରୁଷର ବେସୁରା ସଂପର୍କକୁ ପୋଛି ଦେଇ ସପ୍ତସ୍ୱରୀ ମଧୁର ସ୍ୱର ମୂର୍ଚ୍ଛନାରେ ଜୟଭେରୀ ବଜାଇ ମାତୃତ୍ୱର ଜୟଗାନ କରିବା । ଚରମ ପୃଷ୍ଠାରେ 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ' ଏକ ନିୟମିତ ସ୍ତମ୍ଭ । ଏହି ସ୍ତମ୍ଭରେ ମାତୃଜାତିର ଜାଗୃତି, ମାତୃତ୍ୱର ଜୟଗାନ ଓ ମାତୃମଙ୍ଗଳ ନିମନ୍ତେ ଧାରାବାହିକ ଭାବରେ ବିଭିନ୍ନ ଶୀର୍ଷକରେ ଭିନ୍ନ ଭିନ୍ନ ପ୍ରବନ୍ଧମାନ ପ୍ରତ୍ୟେକ ପୃଷ୍ଠ ଓ ପାଖୁଡ଼ାରେ ପ୍ରକାଶ କରିବାର ଅଭୀପ୍ସା ସଂପାଦନା ପୋଷଣ କରିଛି ।*

### ମାତୃଜାତିର ଜାଗୃତି

''ମୋ ପ୍ରଭୁ ସୁନ୍ଦର କେଶବ ଠାକୁର ଭାବଗ୍ରାହୀ ଜ୍ଞାନସାଗର ।
ଚରଣ ପଙ୍କଜେ ଶରଣ ନିଅରେ କ୍ଷଣେ ଭୁଲି ବିଷ ସଂସାର ।।''

**ସ୍ରଷ୍ଟା**ପୁରୁଷଙ୍କର ସର୍ବୋତ୍ତମ ସୃଷ୍ଟି ନର ଓ ନାରୀ । ସୃଷ୍ଟି ପ୍ରକ୍ରିୟା ଓ ଲୀଳାଖେଳାରେ ସାମିଲ ହେବାର ଐକାନ୍ତିକ ଇଚ୍ଛାରୁ ସ୍ରଷ୍ଟା ଅନୁରୂପ ପ୍ରତିମା ସୃଜନ କରିଛନ୍ତି । ସେ ନିର୍ଭୁଲ ପୁରୁଷ । ତେଣୁ ପ୍ରକୃତିକୁ ଶକ୍ତି ରୂପ ଦେଇ ଲୀଳା ସହଚରୀ ସୃଜି ଗଲେ । ନିଜେ ସ୍ଥିର, ଧିର, ଅବିଚଳିତ ରହିଲେ । ସୃଜନୀ ଶକ୍ତିର ଧାରା ହିଁ ତାଙ୍କର ଅନ୍ତଃସ୍ଫୁରଣ । ସତ୍ତ୍ୱ, ରଜ, ତମ - ତ୍ରିଗୁଣକୁ ବିଷମ ତାଳରେ ନରନାରୀଙ୍କ ଭିତରେ ସ୍ଥାପନ କରି ନିଜେ ସ୍ୱୟଂ ନିର୍ଗୁଣ ବ୍ରହ୍ମ ସମତାଳରେ ପ୍ରତ୍ୟେକ ଗୁଣର ଚରମରେ ଅଚଞ୍ଚଳ ଅବସ୍ଥାରେ ରହି ପ୍ରକୃତିର ଲୀଳାଖେଳାକୁ ଉପଭୋଗ କଲେ । ବିଷମ ଗୁଣର ଭାବତରଙ୍ଗ ସଦାସର୍ବଦା ଅନୁଭବ କରୁଥିଲେ ମଧ୍ୟ ଅବିରତ ଅବିଚଳିତ ଶାନ୍ତ ସମାହିତ ଆନନ୍ଦମୟ ଅବସ୍ଥାରେ ସଦା ବିରାଜିତ । ଅବ୍ୟକ୍ତ ପୁରୁଷ ସେ । ଅବ୍ୟକ୍ତ ମଣ୍ଡଳର ସକଳ ଶକ୍ତିର ଆଧାର ସ୍ୱରୂପ । ନରନାରୀଙ୍କ ସହିତ ନରଲୀଳା କରିବାକୁ ସ୍ରଷ୍ଟା ନରବିଗ୍ରହରେ ନରନାରାୟଣ ରୂପରେ ମରଧାମରେ

ଆବିର୍ଭାବ କରନ୍ତି ସତ, ମାତ୍ର ମହାମହେଶ୍ୱର ଭାବ ତାଙ୍କର ବ୍ରହ୍ମମୟ ନର ଦେହରେ ଅବ୍ୟକ୍ତ ରହିଯାଏ । ଧର୍ମ ଅଧର୍ମର ଦ୍ୱାହି ଦେଇ, ଅଧମ ଉତ୍ତମ ପରି ଶବ୍ଦ ଦ୍ୱାରା, ପାପ, ପୁଣ୍ୟ, ସତ୍ୟ, ମିଥ୍ୟା ଇତ୍ୟାଦି ପରସ୍ପର ବିରୋଧୀ ଭାବ ଦ୍ୱାରା ମାନବ ଲୀଳା ରଚନା କରନ୍ତି ।

ଜୀବ ଅମର, ସ୍ରଷ୍ଟା ଅକ୍ଷର । ଖେଳ କିନ୍ତୁ ଗତାନୁଗତିକ ରୀତିରେ ଚାଲିଥାଏ, ନୂତନ ପର୍ଯ୍ୟାୟ କ୍ରମିକ ସୂତ୍ରରେ ଏହାର ସୂତ୍ରଧର ନିଜେ ଲୀଳାମୟ ଇଚ୍ଛାମୟ ପୁରୁଷ । ଜୀବକୁଳ ବନ୍ଧନଯୁକ୍ତ, ମାୟାବଦ୍ଧ, ମୋହ ଗ୍ରସ୍ତ । ତ୍ରିତାପର ତୀବ୍ର ଦାହରେ ଦଗ୍ଧୀଭୂତ, ଭସ୍ମୀଭୂତ, ଅଥୟ, ଅଣନିଶ୍ୱାସୀ । ପ୍ରଶ୍ନ ଉଠେ : କିଏ ଦେବ ମୁକ୍ତି ? କିଏ ଦେଖାଇବ ଜ୍ଞାନର ଆଲୋକବର୍ତ୍ତିକା ? କିଏ ମୋଚନର ପଥ ପ୍ରଦର୍ଶନ କରିବ ? ଅତିଷ୍ଠ, ଉତ୍କ୍ଷିପ୍ତ ଜୀବକୁଳ । ବିଷମ ଗୁଣର ତାଡ଼ନାରୁ ହାହାକାର ଓ ଦୀର୍ଘଶ୍ୱାସ ହିଁ ଚିର ସାଥୀ । ଜୀବ ଲକ୍ଷ୍ୟଭ୍ରଷ୍ଟ, ସାଧୁସଂଗ ହୀନ । ହୀନବଳ, ହୀନ ବୁଦ୍ଧି ଦ୍ୱାରା ପରିଚାଳିତ ମଧୁମୟ ମଧୁର ସୃଷ୍ଟି ତେଣୁ ଆଜି ବି ଶ୍ରୀହୀନ । ସାମାଜିକ ବ୍ୟବସ୍ଥା, ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟ ଜୀବନ ବଳୟ ଶତ ଝଡ଼ଝଞ୍ଜାରେ ଧ୍ୱସ୍ତବିଧ୍ୱସ୍ତ, ବିପର୍ଯ୍ୟସ୍ତ ।

ଏହି ପରିପ୍ରେକ୍ଷୀରେ ସ୍ମରଣ ରଖିବା ଉଚିତ ଯେ, ସନାତନ ଧର୍ମ ଅଜର, ଅମର, ଅବ୍ୟୟ, ଅକ୍ଷୟ । ଏହି ଧର୍ମର ବଳୟରୁ ବହିର୍ଗତ ହୋଇ ଆଜି ନାରୀ ଭୁଲିଛି ସନ୍ତାନ ପ୍ରତି ସ୍ନେହ, ସ୍ୱାମୀ ପ୍ରତି ସେବା ଆନୁଗତ୍ୟ, ଭୁଲିଛି ପରିବାର ତଥା ସମାଜ ପ୍ରତି କର୍ତ୍ତବ୍ୟ । କେବଳ ଦେହଜ କାମନାରେ ଅସ୍ଥିର, ପାଗଳ, ବିକାରଗ୍ରସ୍ତ ସାଜିଛି । ତେଣୁ ଆଜି ମାନବ ସମାଜ, ବ୍ୟକ୍ତିଗତ ଦାମ୍ପତ୍ୟ, ପାରିବାରିକ, ସାମାଜିକ, ଜାତୀୟ ତଥା ଆନ୍ତର୍ଜାତିକ ବନ୍ଧନର ଆନ୍ତରିକତାରେ ଶିଥିଳ ଓ ନିଷ୍ପ୍ରାଣ । ପ୍ରତ୍ୟେକ ସ୍ୱଧର୍ମ ଭୁଲିଯାଇଛନ୍ତି, ଭୁଲିଛନ୍ତି ହିତାହିତ ଜ୍ଞାନ ।

ଈଶ୍ୱରଙ୍କ ସୃଷ୍ଟିରେ ନର ଓ ନାରୀ ସମାଜ ରୂପକ ଗୋଟିଏ ବୃନ୍ତରେ ଦୁଇଟି ଫୁଲ । ଉଭୟଙ୍କ ମଧ୍ୟରେ ଗୋଟିଏ ସତ୍ତା ହିଁ ବିରାଜମାନ । ପ୍ରତ୍ୟେକଙ୍କର କାର୍ଯ୍ୟକାରୀ କ୍ଷମତା ସ୍ୱତନ୍ତ୍ର । ସ୍ୱବୈଶିଷ୍ଟ୍ୟ ଅନୁଯାୟୀ ନର ବା ନାରୀ ଆପଣାର ସାମର୍ଥ୍ୟ ପ୍ରୟୋଗର ସୁଯୋଗ ଲାଭ କରିବା ଉଚିତ । ପୁରୁଷର ସଫଳତା ପଛରେ ନାରୀର ପ୍ରେରଣା ଯୁଗେ ଯୁଗେ ସ୍ୱୀକୃତ । ପ୍ରେରଣାଦାତ୍ରୀ ରୂପରେ ନାରୀର ଭୂମିକା ଜନନୀ ରୂପରେ ସ୍ନେହମୟୀ, ଜାୟା ରୂପରେ ପ୍ରେମମୟୀ, ଭଗିନୀ ରୂପରେ ମମତାମୟୀ, କନ୍ୟା ରୂପରେ ସ୍ନେହାସ୍ପଦା ତଥା ବାନ୍ଧବୀ ରୂପରେ କେତେବେଳେ ପ୍ରମଦା ତ ପୁଣି କେତେବେଳେ ନର୍ମଦା । ତେଣୁ ନାରୀର ମର୍ଯ୍ୟାଦା ରକ୍ଷା କରିବା ପୁରୁଷର ଏକମାତ୍ର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ବୋଧରୁ ସମାଜ ସୃଷ୍ଟିର ପ୍ରାରମ୍ଭରୁ ଦାମ୍ପତ୍ୟ ବନ୍ଧନ, ପାରିବାରିକ ବନ୍ଧନ, ସାମାଜିକ ବନ୍ଧନର ପ୍ରବର୍ତ୍ତନ ହୋଇଆସିଛି ।

ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ଭାଷାରେ : ନାରୀଠାରେ ବନ୍ଧନ ଶକ୍ତି ରହିଛି । ଯାହା ମଧ୍ୟରେ ବନ୍ଧନ ଶକ୍ତି ରହିଛି, ତା'ଠାରେ ସଂଚାରିଣୀ ଶକ୍ତି ମଧ୍ୟ ଅଛି '' । ତେଣୁ ନାରୀ ସ୍ୱକୀୟ ବୈଶିଷ୍ଟ୍ୟ ହେତୁ ପୁରୁଷର ମନପ୍ରାଣ ହୃଦୟରେ ଶକ୍ତି ସଂଚାର କରିପାରେ । ଏହି କାରଣରୁ ନାରୀ ସ୍ୱାମୀଙ୍କ ମଧ୍ୟରେ ଠାକୁରଙ୍କର ସତ୍ତା ଅନୁଭବ କରି ସେବା ପରାୟଣା ହେବା, ପରିବାରବର୍ଗଙ୍କ ପ୍ରତି ଯଥାଯଥ କର୍ତ୍ତବ୍ୟ ସଂପାଦନ କରିବା, ବିଶେଷତଃ ସନ୍ତାନସନ୍ତତିମାନଙ୍କୁ ଭଗବତ୍ ଚେତନାରେ ଉଦ୍‌ବୁଦ୍ଧ କରି ଜଗତ କଲ୍ୟାଣ ନିମନ୍ତେ ଆଦର୍ଶ ସେବକ ଭାବରେ ଗଢ଼ି ତୋଳିବା ଇତ୍ୟାଦି ଦାୟିତ୍ୱ ନିରଳସ ଭାବରେ, ଅକାତର ଭାବରେ, ଦାୟିତ୍ୱର ସହ ତୁଲାଇବା ଏକାନ୍ତ କର୍ତ୍ତବ୍ୟ ।

ସ୍ୱାମୀ ହିଁ ସ୍ତ୍ରୀର ଗୁରୁ । କିନ୍ତୁ ସ୍ୱାମୀ ଦାମ୍ପତ୍ୟ, ପାରିବାରିକ ଓ ବ୍ୟକ୍ତିଗତ ଜୀବନରେ ଗୁରୁତ୍ୱ ସଂପନ୍ନ ହେଲେ ହିଁ ଏହି ଭୂମିକାରେ ଅବତୀର୍ଣ୍ଣ ହୋଇପାରେ । ସେତେବେଳେ କାୟମନବାକ୍ୟରେ ଆପ୍ରାଣତାର ସହିତ ସ୍ୱାମୀର ଆଦେଶ ପାଳନ ଓ ତାଙ୍କର ସେବା ପରିଚର୍ଯ୍ୟା ସ୍ତ୍ରୀର ପ୍ରଧାନ ଧର୍ମ । ସ୍ୱାମୀକୁ କୁପଥରୁ ସୁପଥକୁ ଆଣିବାରେ ସ୍ତ୍ରୀର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟକ୍ଷ ଗୁରୁଙ୍କର

ନିର୍ଦ୍ଦେଶିତ ପଥ, ମତ ଓ ସୂତ୍ରଧାରାରେ ନିଜେ ନିଜକୁ ନିୟମିତ ଭାବରେ ଆଧ୍ୟାତ୍ମ ଶିକ୍ଷା ଓ ସାଧନା ପଥରେ ଚଳାଇ, ଆପଣାର ଆଚରଣରେ ସ୍ୱାମୀ, ସନ୍ତାନସନ୍ତତି ତଥା ପରିବାରବର୍ଗଙ୍କୁ ଚଳିଯିବା ପାଇଁ ପ୍ରେରଣା ଓ ଉତ୍ସାହ ଦେବା ପ୍ରତ୍ୟେକ ସ୍ତ୍ରୀର କର୍ତ୍ତବ୍ୟ । ସ୍ୱାମୀ ଯେତେବେଳେ ପ୍ରତ୍ୟକ୍ଷ ଗୁରୁଙ୍କର ଅନୁଗତ, ଅନୁଗାମୀ ଓ ଆଜ୍ଞାବହ ହୋଇ ନିଜ ମଧ୍ୟରେ ଠାକୁରତ୍ୱ ଜାଗ୍ରତ କରି ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ତ୍ୟାଗନିଷ୍ଠାରେ ବ୍ରତୀ ହୁଏ, ସେତେବେଳେ ଯାଇ ଗୁରୁ ବ୍ରହ୍ମଜ୍ଞାନରେ ସ୍ୱାମୀ ପ୍ରେମର ଅଧୀନା ହୋଇ ସ୍ତ୍ରୀ ନିଜର ନାରୀ ଜନ୍ମ ସାର୍ଥକ କରିବାକୁ ସମର୍ଥ ହୁଏ । ସେତେବେଳେ ଏକମାତ୍ର ସ୍ୱାମୀ ହିଁ ନାରୀର ଇଷ୍ଟଦେବତା । ସେହିଠାରେ ହିଁ ସ୍ୱାମୀ ପାଶବିକ ଭାବ ଅନ୍ତର୍ହିତ, ମାନବିକ ଭାବ ପରିପୂର୍ଣ୍ଣ ଓ ଦୈବଭାବର ଉଦୟ । ଏହା ହିଁ ସର୍ବାପେକ୍ଷା ଉତ୍କୃଷ୍ଟ ସାଧନା, ଭାବସାଧନା । ସଧବା ନାରୀ ସ୍ୱାମୀଙ୍କ ଭିତରେ ଭଗବାନ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କୁ ଏବଂ ବିଧବା ନାରୀ ଭଗବାନ ଭିତରେ ସ୍ୱାମୀଙ୍କୁ ଚିନ୍ତା କରିବା ଉଚିତ । ଭଗବାନଙ୍କ ଅପେକ୍ଷା ଆପଣାର ଆଉ କେହି ନାହିଁ । ସେ ପିତାମାତାଙ୍କର ସ୍ନେହ, ଆତ୍ମୀୟସ୍ୱଜନଙ୍କର ମମତା ଏବଂ ସ୍ୱାମୀର ପ୍ରେମ ରୂପର କଣିକା ମାତ୍ର । ସେ ହିଁ ସମସ୍ତଙ୍କର ସବୁ ଓ ସବୁଥିରେ ସେ ହିଁ କେନ୍ଦ୍ରବିନ୍ଦୁ । ସଂସାର ଓ ବିଷୟୀ ଜୀବ ପିତାମାତା, ସ୍ତ୍ରୀ, ପୁତ୍ର ଇତ୍ୟାଦିଙ୍କର ସେବା ପରିଚର୍ଯ୍ୟା କରି ଆପଣାର କାର୍ଯ୍ୟତତ୍ପରତାର ପରିଚୟ ଦେଉଛି । ସେଥିପାଇଁ ସଂସାର ଧର୍ମ ହିଁ ଶ୍ରେଷ୍ଠ ଧର୍ମ । ଏହି ସଂସାର ଈଶ୍ୱରଦତ୍ତ ଦାନ । ତେଣୁ ସଂସାରକୁ ଅବହେଳା କରାଯାଇ ପାରେନା । ଯିଏ ନିଜ ସନ୍ତାନର ଅଯତ୍ନ, ସ୍ୱାମୀ ପ୍ରତି ଅବହେଳା, ପରିବାରବର୍ଗ ପ୍ରତି ଅନ୍ୟାୟ, ଅତିଥି ଅଭ୍ୟାଗତଙ୍କର ସେବାରେ କୁଣ୍ଠିତ ଏବଂ ସର୍ବୋପରି ଆଧ୍ୟାତ୍ମିକ ଜୀବନ ଓ ଆଧ୍ୟାତ୍ମିକ କ୍ଷେତ୍ର ଅନୁଷ୍ଠାନ ପ୍ରତି ବିମୁଖ, ସେ ପୁଣି ଜଗଜ୍ଜନନୀ ହେବ କିପରି ?

**ସା**ଧାରଣ ଜଗତରେ ପଥର ପ୍ରତିମା ବା କୌଣସି ନିର୍ଜୀବ ବସ୍ତୁରେ ଯଦି ଭଗବଦ୍ ସତ୍ତାର ଆରୋପ କରି ଉପାସନା କଲେ, ତାଙ୍କୁ ଲାଭ କରାଯାଇ ପାରୁଛି, ତା'ହେଲେ ସ୍ଥୂଳ ମାନବ ଶରୀରରେ ସେପରି ଆରୋପ ଭାବନା କରାଯାଇ ନ ପାରିବ କାହିଁକି ? ଈଶ୍ୱରୋପଲବ୍ଧି ବା ଈଶ୍ୱର ପ୍ରାପ୍ତି ନ ହେବ କାହିଁକି ? ଲୋଡ଼ା କେବଳ ନିଷ୍ଠା, ତ୍ୟାଗ, ଆନ୍ତରିକତା, ପ୍ରେମ, ପ୍ରୀତି, ସେବା, ଦାନ ଇତ୍ୟାଦି । ଶ୍ରୀମଦ୍‌ଭାଗବତ ଗୀତା କହେ -

**''ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟୀ ପଶ୍ୟତି ।**
**ତସ୍ୟାହଂ ନ ପ୍ରଣଶ୍ୟାମି ସଚମେ ନ ପ୍ରଣଶ୍ୟତି ॥''**

**ଅର୍ଥାତ୍** : ଯେ ମୋତେ ସର୍ବତ୍ର ଦେଖନ୍ତି ଓ ମୋ'ଠାରେ ସମସ୍ତ ବସ୍ତୁର ବିଦ୍ୟମାନତା ଉପଲବ୍ଧି କରନ୍ତି, ସେମାନେ କଦାପି ନଷ୍ଟ ହୁଅନ୍ତି ନାହିଁ କି ସେମାନଙ୍କ ପକ୍ଷରେ ମୋର ମଧ୍ୟ ବିନାଶ ନାହିଁ । ପୁରୁଷ ବା ନାରୀ ହୁଅନ୍ତୁ ପ୍ରତ୍ୟେକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଆତ୍ମା । ତେଣୁ ପ୍ରତ୍ୟେକ ଆତ୍ମାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଭାବରେ ବ୍ୟକ୍ତିଗତ ସାଧନାର ଆବଶ୍ୟକତା ରହିଛି । ପ୍ରତ୍ୟେକ ହୃଦୟରେ ଭଗବଦ୍ ଭାବର ବିକାଶ ଘଟିଲେ ଆତ୍ମିକ ଉନ୍ନତି ସମ୍ଭବ ହୋଇଥାଏ । ସମୟର ନିୟନ୍ତ୍ରିତ ବ୍ୟବହାର ଓ ପରିଚାଳନା ସମ୍ବନ୍ଧରେ ପ୍ରତ୍ୟେକ ନାରୀ (ସେ ଜନନୀ, ଜାୟା, ଭଗିନୀ ବା କନ୍ୟା ଯାହା ବି ହୋଇଥାନ୍ତୁ ନା କାହିଁକି)ର ଯଥାର୍ଥ ଜ୍ଞାନ ଥିବା ଦରକାର । ମହିଳାମାନେ ଗୃହକର୍ମରେ କେବଳ ବୁଡ଼ି ରହିଲେ ଚଳିବ ନାହିଁ, କିମ୍ବା ଅଯଥା ଅନାବଶ୍ୟକ ବିଷୟ କର୍ମଜଞ୍ଜାଳ ନିଜ ଆଡୁ ସୃଷ୍ଟି କରି ସେଥିରେ ନିୟୋଜିତ ହେବା ଉଚିତ ହେବ ନାହିଁ । ଗୃହସ୍ଥାଧର୍ମର ପ୍ରତିଟି କର୍ମକୁ ପ୍ରସ୍ତୁତି, ଯୋଜନା, ଚିନ୍ତା, ଚେତନା ସହ ସଂପାଦନ କଲେ, ତାହା ଅନାୟାସରେ ସମାହିତ ହୋଇ ପାରିବ । ଅଯଥା ସମୟର ଅପବ୍ୟବହାର ହେବାର ସମ୍ଭାବନା ରହିବ ନାହିଁ । ତା' ନ ହେଲେ, ସମୟର ଅଭାବ ଆଳରେ ଜୀବନର ଅସଲ କାର୍ଯ୍ୟଗୁଡ଼ିକ ଅବହେଳାରେ ପଡ଼ି ରହିବ । ଫଳତଃ ଅବଶେଷରେ ଏକ ସାଧନା ବିହୀନ ଅବିକଶିତ ଅସଫଳ ଜୀବନର ଯବନିକା ଘଟିବ । ଗୃହରେ ନିଷ୍ଠା ଓ ଆନ୍ତରିକତାର ସହିତ ଯତ୍ନଶୀଳ ହେଲେ, ଠାକୁରଙ୍କର କରୁଣାଧାରା ଆମ ଉପରେ ଅବାରିତ ଝରି ପଡ଼ିବ । କର୍ମ ବହୁଳ ଜୀବନରେ ଆମର ଅସଲ କର୍ମ ଓ ଲକ୍ଷ୍ୟ ଯେପରି ବିସ୍ମୃତ ଅବହେଳିତ ନ ହୁଏ ସେଥିପ୍ରତି ପ୍ରତ୍ୟେକ ନାରୀ ସତତ ଜାଗ୍ରତ ହେବା ଆବଶ୍ୟକ । 'ମାତୃ ଜାତିର ଜାଗୃତି' ଫଳରେ ଯେଉଁ ଦିବ୍ୟଶକ୍ତିର ସଂଚାର ହେବ, ତାହା ଏକ ସୁସ୍ଥ ସୁନ୍ଦର ଅଧ୍ୟାତ୍ମବାଦୀ ସଫଳ ସାମାଜିକ ବ୍ୟବସ୍ଥାର ଭିତ୍ତିଭୂମି ପ୍ରସ୍ତୁତ କରିବ,

କହିଲେ ସତ୍ୟର ଅପଳାପ ହେବ ନାହିଁ । ତେଣୁ ଗୃହରେ ଥାଇ ଚିତ୍ତଶୁଦ୍ଧିର ସାଧନା, ଆତ୍ମଗଠନ, ଧର୍ମାଚରଣ ଓ ନୀତିନିୟମ ପାଳନ ପୂର୍ବକ ସଂଯତ, ଆଧ୍ୟାତ୍ମିକ ଜୀବନଯାପନର ଅଭ୍ୟାସ କରିବା ନିମିତ୍ତ ଗୃହାସନର ବ୍ୟବସ୍ଥା କରାଯିବା ଉଚିତ ।

**ଜୀ**ବନର ସମସ୍ତ କର୍ମର ମୂଳରେ ରହିଛି ଦୁଃଖ ନିବୃତ୍ତି ଓ ସୁଖ ପ୍ରାପ୍ତିର ଦୁର୍ବାର ଆକାଂକ୍ଷା । କିନ୍ତୁ, ଅସଲ ସୁଖର ଉସ କେଉଁଠି ତାହା ଆମର ଅଜ୍ଞାତ । ବିଷୟ-କର୍ମରେ ଅଧିକ ଲିପ୍ତ ରହି ଯେଉଁ ସୁଖ ପାଉଁ, ତାହା କ୍ଷଣିକ । ହେଲେ କ୍ଷଣିକ ସୁଖ ବୃଦ୍ଧି କରିବାକୁ ଯାଇ ଆମେମାନେ ଅଧିକରୁ ଅଧିକ ବିଷୟ କର୍ମରେ ବ୍ୟସ୍ତ ଓ ନିୟୋଜିତ ହେବାକୁ ସୁଖ ମଣୁଁ । ସୁଖର ଆକାଂକ୍ଷା ପୂରଣ ନ ହେଲେ ଆମେ ଆଘାତ ପାଉ । ଅଶାନ୍ତି, ଅସ୍ଥିରତା, ଉଦ୍‌ବେଗ, ହତାଶା ଓ ଦୁଃଖ ଜୀବନକୁ କବଳ କରି ବସେ । ସୁଖ ଖୋଜି ବସି ଭୁଲ୍ ରାସ୍ତାରେ ପରିଚାଳିତ ହୋଇ ଦୁଃଖର ଅନଳରେ ଦଗ୍ଧୀଭୂତ ହେଉ । ଏହାର ନିରାକରଣ ନିମନ୍ତେ ଜ୍ଞାନ ଓ ବିଚାର ସହିତ ଜୀବନରେ ଆଧ୍ୟାତ୍ମିକ ଜାଗୃତିର ପ୍ରୟୋଜନ । 'ମାତୃଜାତିର ଜାଗୃତି' ଦ୍ୱାରା ପ୍ରତି ବ୍ୟକ୍ତି, ଦମ୍ପତି ପରିବାର ଓ ସର୍ବୋପରି ସମାଜ ଏହି ଭୁଲ୍ ବାଟରୁ ଫେରିବା ସମ୍ଭବ, ନଚେତ୍ ନୁହେଁ । ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ବିଷୟ ଭୋଗର ଅନିତ୍ୟତା ପ୍ରତି ଧାରଣା ଜନ୍ମେ । ଫଳରେ ବିଷୟ କର୍ମରୁ କେତେକାଂଶରେ ନିବୃତ୍ତି ମିଳେ ।

**ବି**ଷୟ ପରିଶ୍ରାନ୍ତ, ଦୁଃଖ ପରିକ୍ଲିଷ୍ଟ ମନ ପ୍ରକୃତ ସୁଖ ଲାଭ ନିମନ୍ତେ ଆଗ୍ରହ ପ୍ରକାଶ କରି କ୍ରମେ ବ୍ୟାକୁଳ ହୋଇ ଉଠେ । ବ୍ୟକ୍ତିର ଏହି ଜାଗ୍ରତ ବା ଚେତନ ଅବସ୍ଥା ଉପନୀତ ହେଲେ, ମହାପୁରୁଷଙ୍କର ଆଶ୍ରୟ ଲାଭ ଅନିବାର୍ଯ୍ୟ ହୋଇଉଠେ । ଆବଶ୍ୟକ ହୁଏ ଜୀବନରେ ତ୍ୟାଗ, ତପସ୍ୟା, ବିଚାର, ପ୍ରାର୍ଥନା, ସାଧନା, ଜପ, ତପ, ଧ୍ୟାନ, ମନନ, କୀର୍ତ୍ତନ ଏବଂ ତା'ର କୌଶଳ ଶିକ୍ଷା । ସଂସାର କ୍ଷେତ୍ରରେ ଉପଯୁକ୍ତ ଗୁରୁଙ୍କ ଶ୍ରୀଚରଣରେ ଆଶ୍ରୟ ଲାଭ କରି ତାଙ୍କରି ଦୀକ୍ଷା, ଶିକ୍ଷା, ଉପଦେଶ, ଭାବଧାରା ଓ ପରିଚାଳନାରେ ଜୀବନକୁ ସମର୍ପଣ କରିଦେଲେ, ଜୀବନ ବିକଶିତ ହୋଇ ଧନ୍ୟ ହୋଇଯିବ । ଗୃହସ୍ଥାଧର୍ମରେ ରହି ନାରୀସମାଜ ତଦନୁଯାୟୀ ପରିଚାଳିତ ହେଲେ ସେମାନଙ୍କ ମଧ୍ୟରେ ଆଦର୍ଶ ନାରୀତ୍ୱ ଜନନୀତ୍ୱର ସମସ୍ତ ଲକ୍ଷଣ କ୍ରମଶଃ ଫୁଟି ଉଠିବ, ଏଥିରେ ସନ୍ଦେହ ନାହିଁ । ଗୃହ କେବଳ କର୍ମକ୍ଷେତ୍ର ନୁହେଁ, ସାଧନାର କ୍ଷେତ୍ର ମଧ୍ୟ । ସାଧନ ଭଜନ ନିମିତ୍ତ ଗୃହତ୍ୟାଗର ଆବଶ୍ୟକତା ମଧ୍ୟ ନାହିଁ ।

**ମା**ତୃତ୍ୱ ବା ଜନନୀତ୍ୱର ଅତି ପବିତ୍ର ଓ ବିଶୁଦ୍ଧ ଏକ ଅବସ୍ଥା । ମାତୃସତ୍ତାରେ ବିଲୀନ ହୋଇଯିବା ନିମନ୍ତେ ସବୁ ମା'ଙ୍କ ଚରମ ଲକ୍ଷ୍ୟ ରହିବା ଉଚିତ । ଗୃହରେ ରହି ସବୁ ଅଶାନ୍ତି ଓ ଉଦ୍‌ବେଗ ମଧ୍ୟରେ ସ୍ଥୈର୍ଯ୍ୟ ଓ ଧୈର୍ଯ୍ୟ ଅବଲମ୍ବନ କରି ସଂସାର ଅନଳରେ ଜଳି ଜଳି ଶୁଦ୍ଧ ହୋଇ ସାଧନାରତ ରହିବାକୁ ପଡ଼ିବ । ମାତୃତ୍ୱ ବ୍ୟତୀତ ଭଗବାନଙ୍କ ପବିତ୍ର ମୂର୍ତ୍ତି କାହାରି ନୟନ ଗୋଚର ହୁଏ ନାହିଁ । ଶାନ୍ତି ବା ସୁଖ ଜଗତରେ କେଉଁଠି ଗୋଟିଏ ସ୍ଥାନରେ ଜମାଟ ବାନ୍ଧି ରଖାଯାଇ ନାହିଁ । ଆଉ ତାହା ଯାହାଙ୍କ ପାଖରେ ଅଛି, ସେ ଜଗଦ୍‌ପତି ଜଗନ୍ନାଥ ଶ୍ରୀଶ୍ରୀଶ୍ରୀଠାକୁର । ଯିଏ ଏହି ମହାପୁରୁଷଙ୍କ ସନ୍ଧାନ ପାଇଛନ୍ତି ଜଗତର ଯେ କୌଣସି ସ୍ଥାନରେ ଯେ କୌଣସି ଅବସ୍ଥାରେ ତାଙ୍କର ଶାନ୍ତି ଅବ୍ୟାହତ । ମନ ବଶ ବିନା ବନବାସରେ ହରି ମିଳନ୍ତି ନାହିଁ ।

**ଯେ**ଉଁ ଭାଷାରେ ପ୍ରଭୁଙ୍କର ଗୁଣଗାନ କଲେବି ତା'ର ଅନ୍ତର୍ନିହିତ ଭାବ ତାଙ୍କଠି ପହଞ୍ଚିବ କାରଣ ସେ ଭାବଗ୍ରାହୀ । ଆମ ଆଚରଣରେ କେହି ଯେପରି କର୍ମପୀଡ଼ା ନ ପାଏ ବା ଅନ୍ୟର କୁଟିଳ ବ୍ୟବହାର ଆମ ମଧ୍ୟରେ ଅନୁପ୍ରବେଶ କରି ଚିତ୍ତ ଉଦ୍‌ବେଳିତ କରି ନ ଦିଏ, ସେଥିପାଇଁ ସର୍ବଦା ଜାଗ୍ରତ ରହିବାକୁ ପଡ଼ିବ । ସଂଯମ ଆମ ପ୍ରାଣର ସହଚର ହେଉ, ସତ୍ୟ ହେଉ ଅଙ୍ଗର ଭୂଷଣ ଏବଂ ସରଳ ମନରେ କର୍ତ୍ତବ୍ୟ ସଂପାଦନ କରିବା ଆମର ଧର୍ମ ହେଉ । ମନର ସ୍ୱାଭାବିକ ଧର୍ମ ପାଳନରେ ବାଧା ଆସିଲେ, ଆକୁଳ ପ୍ରାଣରେ ପ୍ରଭୁଦତ୍ତ ନାମ ବା ବୀଜମନ୍ତ୍ର ସ୍ମରଣ କରି ମାନସ ଜପ କଲେ, ନିଶ୍ଚୟ ସବୁ ବାଧା ପ୍ରତିବନ୍ଧ ଅପସରି ଯିବ ।

ଅହଂକାର ଓ କପଟତାକୁ ତ୍ୟାଗ କରି ପ୍ରଭୁଙ୍କର ବିଶ୍ୱାସଭାଜନ ହେବା, ସେହି ଏକକୁ ନେଇ ମଜି ଯିବା, ଆନନ୍ଦ ଓ ପ୍ରେମର ସ୍ରୋତରେ ପ୍ରଭୁଙ୍କର ଉଦ୍ଦେଶ୍ୟ ଓ ଇଚ୍ଛାକୁ ସଫଳ କରିବା ମାତୃଜାତିର ପରମ ଲକ୍ଷ୍ୟ ହେଉ । ପ୍ରଭୁ ଆଜି ଆମ୍ଭମାନଙ୍କୁ ଜାତି, ଗୋତ୍ର, ବିଦ୍ୟା, ଜ୍ଞାନ, ଶିକ୍ଷାଗତ ଯୋଗ୍ୟତା, ବୟସ, ଦମ୍ଭ, ଅସୂୟା, ନାମ, ଯଶ, ଖ୍ୟାତି, ଧନ, ମାନ, ସମ୍ମାନ ଇତ୍ୟାଦି ସବୁକୁ ଭୁଲିଯାଇ ଏକ ମନ୍ତ୍ରରେ ଦୀକ୍ଷିତ କରାଇଛନ୍ତି । ସେ ମନ୍ତ୍ର ହେଉଛି ମାନବିକ ଧର୍ମ ପାଳନ ମାଧ୍ୟମରେ ଈଶ୍ୱରୋପଲବ୍ଧି । ଆମର ଧର୍ମ, କର୍ମ-ଜଗତକଲ୍ୟାଣ, ଲକ୍ଷ୍ୟ-ଚରମ ପ୍ରାପ୍ତି । ଶାନ୍ତି, ଆନନ୍ଦ, ମୁକ୍ତି ମଧ୍ୟ ଦେଇ ପରମର ଉପଭୋଗ । ଜନ୍ମମୃତ୍ୟୁର ନିୟନ୍ତ୍ରଣୀ ଶକ୍ତି ଯା' ହାତରେ , ଯୋଗମାୟା, ବିଷ୍ଣୁମାୟା, ମହାମାୟା ନିତ୍ୟ ଲୀଳା ସହଚରୀ, ଆମେ ଛାର ମାନବ-ତାଙ୍କର ଲୀଳା ବୁଝିବାକୁ କ'ଣ କ୍ଷମ ? ସମର୍ଥ ?? ସେ ଯେ ଅବାଂମନସ ଗୋଚର । ତଥାପି, ସେ ଆଜି କେବଳ ସନ୍ତାନ କଲ୍ୟାଣ କାମନା ନେଇ ମନ୍ତ୍ରଦୀକ୍ଷା, ସନ୍ଦେଶପତ୍ର, ସାଷ୍ଟାଙ୍ଗ ପ୍ରଣାମ, ଯୋଗବିଧି, ଅର୍ଘ୍ୟଫଳ, କୃତାଞ୍ଜଳି ଅର୍ଘ୍ୟ, ଆସନ, ମୁଦ୍ରା, ଲୟ ଇତ୍ୟାଦି ଦ୍ୱାରା ଆଧ୍ୟାତ୍ମିକ ଜଗତରେ ସୋପାନ ଶ୍ରେଣୀ ଅତିକ୍ରମ କରି ଆରୋହଣର ସରଳତମ ଧାରା ଆମରିମାନଙ୍କ ପାଇଁ ପ୍ରବର୍ତ୍ତନ କରିଅଛନ୍ତି । ଏହା ହିଁ ଜୀବନ୍ମୁକ୍ତ ହେବାର ସୁକୌଶଳ । ଜୀବନ୍ମୁକ୍ତ ଅବସ୍ଥାରୁ ଉତ୍କ୍ରାନ୍ତର ପଥ । ତାଙ୍କର ଦିବ୍ୟ ଦୃଷ୍ଟିରେ ନାରୀ ନୁହେଁ ନରକର ଦ୍ୱାର କିମ୍ବା ନର ନୁହେଁ ପିଶାଚ । ସେ ପାପକୁ କ୍ଷମା କରି ପାରନ୍ତିନି ସତ, ମାତ୍ର ପାପୀର ପାପ ଧୋଇ ଦେଇ କୋଳେଇ ନିଅନ୍ତି । ପାପ ତା'ର ଭସ୍ମ ହୋଇଯାଏ, ସେ ଦିବ୍ୟାତ୍ମା ପାଲଟେ । ତାଙ୍କ ଦୃଷ୍ଟିରେ କେହି ବା କିଛି ଅଲୋଡ଼ା, ହତଶ୍ରୀ ନୁହେଁ । ସେ କାହାରିକୁ ହତାଦର କରନ୍ତି ନାହିଁ । କେହି ତାଙ୍କର ଆପଣା/ପର ନୁହେଁ । ଆଜି ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ମାଧ୍ୟମରେ ବିଶ୍ୱସ୍ରଷ୍ଟା ତାଙ୍କରି ଅଙ୍ଗଜାତ ସୃଷ୍ଟିକୁ ଆପଣାର ପ୍ରେମ ଦେଇ କୋଳେଇ ନେବା ନିମନ୍ତେ ଦୁଇବାହୁ ପ୍ରସାରଣ କରି ଅପେକ୍ଷା କରି ରହିଛନ୍ତି ।

ବିଶ୍ୱ ମାନବର ଦୃଷ୍ଟିପଥରୁ ବିଶ୍ୱସ୍ରଷ୍ଟା ସୃଷ୍ଟିକଲ୍ୟାଣ ନିମନ୍ତେ କଳାପରଦା ଧିରେ ଧିରେ ଉନ୍ମୋଚନ କଲେଣି । ମହାଶକ୍ତିଧର ମହିମାପୁରୁଷ ମାତା, ପିତା, ଗୁରୁ, ଇଷ୍ଟରୂପୀ ଠାକୁର ଶ୍ରୀଶ୍ରୀଶ୍ରୀ କେଶବଚନ୍ଦ୍ର ଅନୁଗତ, ଭକ୍ତ, ଶିଷ୍ୟ, ଜିଜ୍ଞାସୁ, ଅର୍ଥାର୍ଥୀ, ଆର୍ତ୍ତୀ, ଜ୍ଞାନୀଙ୍କ ଗହଣରେ ମୀମାଂସାର ସୂତ୍ର ଖୋଲି ଦେଲେଣି । ଆଜିର ପ୍ରଗତି ପରିପ୍ରେକ୍ଷୀରେ ମାତୃଜାତିର ସଂଗଠନ ଏକ ଅପରିହାର୍ଯ୍ୟ ଅଙ୍ଗ । ମାତୃଜାତିର ବିକାଶ ଓ କଲ୍ୟାଣ ନିମନ୍ତେ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ମାତୃଜାତି ତାଙ୍କର ଇଚ୍ଛା ରୂପକ ଯଜ୍ଞର ପୂର୍ଣ୍ଣାହୁତି ନିମନ୍ତେ ପୂର୍ଣ୍ଣପ୍ରାଣରେ ଜାଗ୍ରତ ରହୁ ।

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!!**

| | |
|---|---|
| ଗୁରୁଦ୍ୱାରେ କେହି ନୁହେଁ ବଡ଼ ସାନ, | ଗୁରୁଙ୍କ ଦୃଷ୍ଟିରେ ସଭିଏଁ ସମାନ । |
| ଖୋଜ ନାହିଁ ଏଥି ମାନ ସନମାନ, | ଚଳୁଥାଅ ରଖି ଯୋଗ୍ୟ ବ୍ୟବଧାନ ॥ |
| ଦେଉଛ ଅନ୍ୟକୁ ତତ୍ତ୍ୱ ପ୍ରବଚନ, | ସଜାଡ଼ ପ୍ରଥମେ ନିଜ ଆଚରଣ । |
| ଆଚରଣେ ଯା' ଫୁଟି ନ ଉଠଇ, | ଯେତେ କହୁଥିଲେ ଶକ୍ତିହୀନ ହୋଇ ॥ |
| ସାମର୍ଥ୍ୟ ଖଟାଇ ଦିଅଇ ଦାନ, | ଦାତା ନ ଯାଚି ହୁଅଇ ଦୀନ । |
| ତ୍ୟାଗ ନିଷ୍ଠା କଥା କହିଲେ ସେହି, | କାଳ କାଳକୁ ତା' ବଚନ ରହି ॥ |

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଶିଶୁ କିଶୋରମାନେ ହିଁ ଆମର ଭବିଷ୍ୟତ ଦାୟାଦ । ଅନେକ ସମ୍ଭାବନାର ବୀଜ ତାଙ୍କରି ମଧ୍ୟରେ ସୁପ୍ତ ଓ ଲୁକ୍କାୟିତ । ତେଣୁହିଁ ଉପଯୁକ୍ତ ପରିଚର୍ଯ୍ୟା ଓ ପୋଷଣା ମାଧ୍ୟମରେ ସେହି ଲୁକ୍କାୟିତ ସୁପ୍ତ ସତ୍ତାକୁ ଜାଗ୍ରତ, ଅଙ୍କୁରିତ କରିବା ଏହାର ସବୁଠାରୁ ବଡ଼ କର୍ତ୍ତବ୍ୟ ଓ ଦାୟିତ୍ୱ । ସାମ୍ପ୍ରଦାୟିକ ଧର୍ମ ବିଭେଦର ବହୁ ଉର୍ଦ୍ଧ୍ୱକୁ କିଶୋର ସମାଜର ମାନସଚିତ୍ତକୁ ଉନ୍ନୀତ କରି ସତ୍ୟସନାତନ ଧର୍ମ ବା ମାନବିକ ମୂଲ୍ୟବୋଧ ଭିତ୍ତିକ ବିଚାରଚର୍ଯ୍ୟା ଉପରେ ସେମାନଙ୍କୁ ସତ୍ୟନିଷ୍ଠ କରିବାକୁ ହିଁ ହେବ । ମାନବିକ ପ୍ରେମପ୍ରୀତି ସଦ୍ଭାବ ସମ୍ପର୍କ ସହିତ ବିଶ୍ୱପ୍ରେମ ଏବଂ ସନାତନ ଧର୍ମର ମଧୁର ସମନ୍ୱୟରେ କୋମଳମତି କିଶୋର କିଶୋରୀମାନଙ୍କୁ ମଣିଷ ପରି ମଣିଷରୂପେ ଗଢ଼ି ତୋଳିବାକୁ ହେବ । ଏହି ଲକ୍ଷ୍ୟରେ ଚରମ ପୃଷ୍ଠାରେ 'ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି' ସ୍ତମ୍ଭରେ ନିୟମିତ ଓ ଧାରାବାହିକ ଭାବରେ ବିଭିନ୍ନ ଶୀର୍ଷକରେ ଶିଶୁ କିଶୋର ସମାଜ ଉପଯୋଗୀ ଆଲୋଚନାତ୍ମକ ପ୍ରବନ୍ଧ ଓ ଗଳ୍ପମାନ ପ୍ରକାଶ କରିବାର ସଂକଳ୍ପ ସଂପାଦନା ନେଇଛି । ଏଥି ନିମନ୍ତେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପ୍ରେରଣା ଓ ଉତ୍ସାହ ସହିତ ଆଜ୍ଞା ଓ ଆଦେଶ ହିଁ ଆମର ସମ୍ବଳ ।

## ସୀମିତ ହେଲା ଅସୀମାନନ୍ଦ

ଅନେକ ଦିନ ତଳର କଥା । ସେ ସମୟରେ ଆଜି ପରି ବିଦ୍ୟାଳୟ ମହାବିଦ୍ୟାଳୟ ଆଦି ନ ଥାଏ । ଧନୀ, ଗରିବ, ରାଜା, ପ୍ରଜା ସବୁ ପ୍ରକାର ପରିବାରର ପିଲାମାନେ ସମାଜଠାରୁ ବହୁ ଦୂରରେ ବଣ ଜଙ୍ଗଲ ପାହାଡ଼ ପର୍ବତର ପାଦଦେଶରେ ଗୁରୁମାନଙ୍କର ଆଶ୍ରମରେ ରହି ବିଦ୍ୟାଶିକ୍ଷା କରୁଥିଲେ । ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଗୁରୁଙ୍କର ଆଶ୍ରମ ଥିଲା ।

ଏହିପରି ଜଣେ ଗୁରୁଥିଲେ । ନାମ ତାଙ୍କର 'ସୁବିଦ୍ୟ' । ସୁବିଦ୍ୟଙ୍କର ଗୁରୁକୁଳ ଆଶ୍ରମରେ ବହୁ ଛାତ୍ର ଥିଲେ । ଗୁରୁ ସେମାନଙ୍କୁ ଦୀକ୍ଷା ଓ ଶିକ୍ଷା ଦେବା ସହିତ ବିଭିନ୍ନ ବୈଷୟିକ କାର୍ଯ୍ୟରେ ମଧ୍ୟ ତାଲିମ ଦେଉଥିଲେ । ମାତ୍ର 'ସୀମିତ' ନାମରେ ଜଣେ ଛାତ୍ରକୁ ସୁବିଦ୍ୟ ଦୀକ୍ଷାଯନ୍ତ୍ର ବା ଶିକ୍ଷା ମଧ୍ୟ ଦେଉ ନ ଥିଲେ । ସୀମିତ ଗୁରୁଙ୍କର ଆଜ୍ଞାବହ ଶିଷ୍ୟ ଭାବରେ ଆଶ୍ରମର ନାନାଦି କାର୍ଯ୍ୟ ଆନନ୍ଦ ଉତ୍ସାହର ସହିତ ପ୍ରଫୁଲ୍ଲ ଚିତ୍ତରେ କରିଯାଉଥିଲେ । ଆଳସ୍ୟ ବା ଅବାଧ୍ୟତା ବୋଲି କିଛି ସୀମିତଠାରେ ତିଳେ ମାତ୍ର ନ ଥିଲା ।

ବହୁ ବର୍ଷ ବିତିଗଲା । ସୀମିତର ସାଥୀମାନେ ବିଦ୍ୟାଶିକ୍ଷା ଶେଷ କରି ଗୁରୁଙ୍କୁ ଦକ୍ଷିଣା ଦେଇ ଆଶ୍ରମରୁ ବିଦାୟ ନେଇ ଗଲେଣି । ପୁରାତନ ଛାତ୍ରଙ୍କ ସ୍ଥାନରେ ଅନେକ ନୂତନ ଛାତ୍ର ମଧ୍ୟ ଆସି ଗୁରୁକୁଳରେ ବିଦ୍ୟା ଶିକ୍ଷା ଆରମ୍ଭ କଲେଣି । ମାତ୍ର, ଗୁରୁ ସୁବିଦ୍ୟ ସୀମିତକୁ ଦୀକ୍ଷା କିମ୍ବା ଶିକ୍ଷା ଦେଉ ନ ଥାନ୍ତି । ଏହିପରି ଭାବରେ ଅନେକ ବର୍ଷ ଅତିବାହିତ ହୋଇଗଲାଣି । ଦଳଦଳ ପୁରାତନ ଛାତ୍ର ଗୁରୁକୁଳରୁ ବିଦ୍ୟାଶିକ୍ଷା କରି ଦକ୍ଷିଣା ଦେଇ ଗୁରୁଙ୍କଠାରୁ ବିଦାୟ ନେଇ ଯାଉଥାଆନ୍ତି । ପୁଣି ଦଳଦଳ ନୂତନ ଛାତ୍ର ଆଶ୍ରମକୁ ଦୀକ୍ଷା ଓ ଶିକ୍ଷା ନିମନ୍ତେ ଆସୁଥାଆନ୍ତି ।

ଏଣେ ସୀମିତ କ୍ରମେ ଯୁବକ ହେଲାଣି । ଅସୀମ ଧୈର୍ଯ୍ୟର ସହିତ ସ୍ଥିରମନ ଓ ଏକପ୍ରାଣରେ ସେ ଆଶ୍ରମର ଯାବତୀୟ କର୍ମ ନିରଳସ ଭାବରେ କରି ଚାଲିଥାଏ । ଗୁରୁ ସୁବିଦ୍ୟଙ୍କ ସେବାରେ ମଧ୍ୟ ସେ ଆଦୌ ଅବହେଳା କରୁ ନ ଥାଏ କିମ୍ବା ଗୁରୁ କାହିଁକି ତାକୁ ଦୀକ୍ଷାମନ୍ତ୍ର ଦେଇ ଶିକ୍ଷା ଦେଉ ନ ଥାନ୍ତି ସେ ପାଇଁ ଅଭିଯୋଗ ମଧ୍ୟ କରୁ ନ ଥାଏ । ଆଶ୍ରମକୁ ଆସୁଥିବା ଛାତ୍ରମାନେ ତା'ଠାରୁ ବୟସରେ ସାନ ହୋଇଥିବାରୁ ସୀମିତ ସେମାନଙ୍କର ଯତ୍ନ ନେବାରେ ମଧ୍ୟ ଅବହେଳା କରେ ନାହିଁ । ସେମାନଙ୍କୁ ଆଦର ସ୍ନେହ କରେ । ଗୁରୁଜୀଙ୍କୁ ଭକ୍ତି କରିବା,

ସେବା କରିବା ଏବଂ ଗୁରୁଙ୍କର ଆଜ୍ଞାବହ ହେବା ନିମନ୍ତେ ସୀମିତ ସେମାନଙ୍କୁ ପ୍ରେରଣା ଦିଏ । ଗୁରୁଙ୍କୁ ସନ୍ତୁଷ୍ଟ କରିବାର ଉପାୟମାନ ବତେଇ ଦିଏ ।

ଗୁରୁ ସୁବିଦ୍ୟ ସୀମିତର ଚାଲିଚଳନ, ଆଚାରଆଚରଣ ଇତ୍ୟାଦି ବିଷୟରେ ତୀକ୍ଷ୍ଣ ଦୃଷ୍ଟି ରଖି ଥାଆନ୍ତି । ଏହା ସୀମିତ ଜାଣି ନ ଥାଏ । ଥରେ ଜଣେ ନୂତନ ଛାତ୍ର ସୀମିତକୁ ଏକାକୀ ଦେଖି କହିଲା : 'ଭାଇ, ତମ ବୟସ ତ ଅନେକ ହେଲାଣି । ତମ ବୟସର ଛାତ୍ର ତ ଜଣେ ହେଲେ ଆଶ୍ରମରେ ନାହାନ୍ତି । ତମେ ଆଉ କେତେଦିନ ଏଠାରେ ଏମିତି ପଡିରହିବ । ସୀମିତ ହସି ହସି ଉତ୍ତର ଦେଲା :- **'ଦେଖ ଭାଇ ! ତମ ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ ସମ୍ଭବ ନୁହେଁ । କେବଳ ଗୁରୁଜୀ ହିଁ ଏ ପ୍ରଶ୍ନର ଉତ୍ତର ଦେଇ ପାରିବେ । ତମେ ବରଂ ସୁବିଧା ସୁଯୋଗ ଦେଖି ଗୁରୁଜୀଙ୍କୁ ଏକଥା ପଚାରିପାର । ତେବେ, ମୁଁ ଏଠାରେ ଏମିତି ଗୁରୁଜୀ ଅନ୍ୟ ଆଦେଶ ନ ଦେବା ପର୍ଯ୍ୟନ୍ତ ରହିଥିବି । ଆଶ୍ରମର କାର୍ଯ୍ୟ ଓ ଗୁରୁଜୀଙ୍କର ସେବା କରୁଥିବି । ଏହା ବ୍ୟତୀତ ମୋର ଅନ୍ୟ ଚିନ୍ତା କିମ୍ବା କାର୍ଯ୍ୟ ମଧ୍ୟ ନାହିଁ ।**

ସେହି ଦିନ ଗଭୀର ରାତ୍ରିରେ ସୀମିତ ବିଛଣାରେ ଶୋଇଶୋଇ ଚିନ୍ତା କରୁଥାଏ । ଗୁରୁସେବା ଦୀର୍ଘ ଦିନ ପର୍ଯ୍ୟନ୍ତ କରିବାର ସୌଭାଗ୍ୟ ତାକୁ ମିଳିଛି । ଏପରି ସୌଭାଗ୍ୟ ତା ବ୍ୟତୀତ ଅନ୍ୟ କାହାକୁ ଏ ପର୍ଯ୍ୟନ୍ତ ମିଳି ନାହିଁ । ସେହିପରି ଦୀର୍ଘଦିନ ଗୁରୁକୁଳରେ ଗୁରୁଙ୍କ ସାନ୍ନିଧ୍ୟରେ ରହିବାର ସୁଯୋଗ ପାଇବାରେ ସେ ହିଁ ଏକମାତ୍ର ଶିଷ୍ୟ । ଗୁରୁ ସର୍ବଜ୍ଞାତା, ସେ ଇଚ୍ଛାକଲେ ଓ ସନ୍ତୁଷ୍ଟ ହେଲେ କୃପାକରି ଗୋଟିଏ ମୁହୂର୍ତ୍ତରେ ତାକୁ ରୂପାନ୍ତରିତ କରି ଦେଇ ପାରିବେ । ତେଣୁ ଗୁରୁଜୀଙ୍କୁ ସେବା ଦ୍ୱାରା ସନ୍ତୁଷ୍ଟ କରିବା ହିଁ ତା'ର ଏକମାତ୍ର ଯୋଗ ଓ ସାଧନା । ଏହିଥିରେ ଦୃଢ଼ ରହିବା ହିଁ ତା'ର ଏକମାତ୍ର କର୍ତ୍ତବ୍ୟ ।

ଏହିପରି ଚିନ୍ତା କରୁ କରୁ ସୀମିତ ଗାଢ଼ ନିଦ୍ରାରେ ଶୋଇପଡ଼ିଛି । ସେ ସ୍ୱପ୍ନ ଦେଖୁଛି । ସ୍ୱପ୍ନ ରାଜ୍ୟରେ ସେ ଗୁରୁଙ୍କ ସହିତ ପଦବ୍ରଜରେ ଆଶ୍ରମରୁ ବାହାରକୁ ଯାଇଛି । ନଗର ଜନପଦ ଇତ୍ୟାଦି ପାଦରେ ଚାଲିଚାଲି ସେମାନେ ଭ୍ରମଣ କରୁଛନ୍ତି । ଯାଉଁ ଯାଉଁ ଅନ୍ୟ ଜଣେ ଗୁରୁଙ୍କ ସହିତ ସୁବିଦ୍ୟଙ୍କର ସାକ୍ଷାତ ହେଲା । ସେ ଗୁରୁଜୀ ପ୍ରଶ୍ନ କଲେ : 'ବନ୍ଧୁ, ଏ ଯୁବକଙ୍କୁ ବ୍ରହ୍ମଚର୍ଯ୍ୟ ଆଶ୍ରମରୁ ଏ ଯାବତ୍ ମୁକ୍ତି ଦେଇ ନାହଁ କାହିଁକି ? ସୁବିଦ୍ୟ ସ୍ମିତ ହସି ଧିର ସ୍ୱରରେ ଉତ୍ତର ଦେଲେ : ' ଏ ଯାବତ୍ ଏ ମୋର ବିଶ୍ୱାସ ଭାଜନ ହୋଇପାରି ନାହିଁ । ତେଣୁ... ।' ସୀମିତ ଚିତ୍କାର କରି ଉଠିଲା : 'ବନ୍ଦ କରନ୍ତୁ ଗୁରୁଦେବ, ବନ୍ଦ କରନ୍ତୁ । ମୋର ଏତେ ଦିନର ସେବା ଓ ବିଶ୍ୱାସ, ଧୈର୍ଯ୍ୟ ଓ କର୍ତ୍ତବ୍ୟପରାୟଣତା କ'ଣ ସବୁ ବୃଥା ? ଏ କଥା ଆପଣ କହିପାରିଲେ ଯେ, ମୁଁ ଆପଣଙ୍କର ବିଶ୍ୱାସଭାଜନ ହୋଇପାରିନି ? ଧିକ୍ ମୋର ଶିଷ୍ୟ ପଣ । ଶତଧିକ୍ ମୋର ଜୀବନ ।'

ସୀମିତର ନିଦ୍ରାଭଙ୍ଗ ହୋଇଛି । ସେ ସ୍ୱପ୍ନରାଜ୍ୟରୁ ଫେରିଛି । ପ୍ରଭାତ ସମୟ । ପକ୍ଷୀମାନଙ୍କର କଳରବରେ ଆଶ୍ରମ ପରିବେଶ ପୂରି ଉଠିଛି । ସେ ବିଛଣାରୁ ଉଠିବସି ସ୍ୱପ୍ନ କଥା ଭାବିବାକୁ ଲାଗିଥାଏ । ସୁବିଦ୍ୟ ସେଠାରେ ପହଞ୍ଚିବା ମାତ୍ରେ ସୀମିତ ଗୁରୁଙ୍କ ପଦବନ୍ଦନା କରି ପ୍ରଣାମ ଜଣାଇଲା । ଗୁରୁଜୀ ଶିଷ୍ୟ ମଥାରେ ହାତ ବୁଲାଇ ଆଶୀର୍ବାଦ କରି କହିଲେ, **''ଗତ ରାତିରେ ବିଛଣାରେ ଶୋଇ ଶୋଇ ଯାହା ସବୁ ଚିନ୍ତା କରୁଥିଲୁ ତାହାହିଁ ସତ୍ୟ । ଆଶ୍ରମକୁ ଆସିବା ଦିନଠାରୁ ଏ ଯାବତ୍ ଯାହା ସବୁ କରିଛୁ ତାହାହିଁ ଜ୍ଞାନ । ସ୍ୱପ୍ନରେ ଯାହା ଦେଖିଲୁ ତାହାହିଁ ଧର୍ମ । ବର୍ତ୍ତମାନ ଯାହା ଅନୁଭବ କରୁଛୁ ତାହା ପ୍ରେମ । ଏହି ସତ୍ୟ, ଜ୍ଞାନ, ଧର୍ମ ଓ ପ୍ରେମ ବଳରେ ତୁ କ୍ଷମାଶୀଳ ହେବୁ, ତ୍ୟାଗୀ ହେବୁ, ସୀମିତ ନାମ ତୋର ଲୋପ ପାଉ । ଏହି ମୁହୂର୍ତ୍ତରୁ ତୁ ଅସୀମାନନ୍ଦ ନାମରେ ପରିଚିତ ହେଲୁ । ତୁ ମୋର ସର୍ବଶ୍ରେଷ୍ଠ ଶିଷ୍ୟ । ତୋ ପରାକାଷ୍ଠା, ସେବା, ପରିଚର୍ଯ୍ୟା, ଦୃଢ଼ ବିଶ୍ୱାସ, ଏକମୁଖୀ ଭାବର ତୁଳନା ନାହିଁ । ତୁ ଅତୁଳନୀୟ, ଦୀର୍ଘଜୀବୀ ହୁଅ । ଅର୍ଜିତ ସମ୍ପଦକୁ ଜନକଲ୍ୟାଣ ଉଦ୍ଦେଶ୍ୟରେ ଅକାତରରେ ବିନିଯୋଗ କର । ଈଶ୍ୱରୋପଲବ୍ଧିକୁ ବିଶ୍ୱକଲ୍ୟାଣରେ ନିୟୋଜିତ କର । ତମର ଦୀକ୍ଷା, ଶିକ୍ଷା, ସମାବର୍ତ୍ତନ ଶେଷ ହୋଇଛି । ତମେ ଆଶ୍ରମରୁ ମେଲାଣି ନେଇ ସମାଜକୁ ପ୍ରତ୍ୟାବର୍ତ୍ତନ କର ।''**

# ଉତ୍ତିଷ୍ଠତ ! ଜାଗ୍ରତ !!

*''ଅସୀମ ଶକ୍ତିଧର, ଭାରତୀୟ ସନାତନ ଧର୍ମର ବଂଶଧର ହେ ଯୁବସମାଜ ! ଆମେ ତମକୁ ଯୁଗଯୁଗ ଧରି ଧର୍ମକ୍ଷେତ୍ରରୁ ଧର୍ମକ୍ଷେତ୍ର ପର୍ଯ୍ୟନ୍ତ ଅପେକ୍ଷା କରି ରହିଛୁ । ଇତିହାସର ପୁନରାବୃତ୍ତି କରି ଧର୍ମକ୍ଷେତ୍ରରେ ବିପ୍ଳବର ପ୍ଲାବନ ଗଢ଼ି ତୋଳ ତମେମାନେ । ଶ୍ରୀଗୁରୁସ୍ୱାମୀଙ୍କର ଆଜିର ଯୁବସମାଜ ପ୍ରତି ଏହି କମ୍ବୁକଣ୍ଠର ମନ୍ଦ୍ର ମଧୁର ଆହ୍ୱାନ । ଚରମ ପୃଷ୍ଠାରେ ଏହି ସ୍ତମ୍ଭରେ ନିୟମିତ ଯୁବଗୋଷ୍ଠୀ ନିମନ୍ତେ ବିଭିନ୍ନ ଶୀର୍ଷକରେ ଯୁଗୋପଯୋଗୀ ପ୍ରବନ୍ଧମାନ ପ୍ରକାଶ ପାଇ ବିଶ୍ୱଯୁବଗୋଷ୍ଠୀକୁ ବିଶ୍ୱକଲ୍ୟାଣ ବ୍ରତରେ ବ୍ରତୀ କରିବାର ସ୍ୱପ୍ନ ସମ୍ପାଦନା ଦେଖି ଆସୁଛି । ସର୍ବୋପରି ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର କଲ୍ୟାଣ ଏବଂ ଆଶିଷ ରହିଛି ।*

## ଆଧ୍ୟାତ୍ମିକ ଚେତନାରେ ବୟସ ବିଚାର

**''ସୃଷ୍ଟି''** - ଏକ ସୁପରିଚିତ କିନ୍ତୁ ଅଦଭୁତ ଶବ୍ଦ । ସମସ୍ତେ ଏକ ସ୍ୱରରେ, ଏକତାନରେ ଉଚ୍ଚାରଣ କରନ୍ତି ଏଇ ଶବ୍ଦଟିକୁ । ମନରେ ବିଶ୍ୱାସ ଓ ଅନ୍ତରରେ ସ୍ୱୀକୃତି ଥାଉ ବା ନ ଥାଉ, ପ୍ରତ୍ୟକ୍ଷରେ ବା ପରୋକ୍ଷରେ ହେଉ ପ୍ରାୟ ସମସ୍ତେ ସ୍ୱୀକାର କରନ୍ତି ଏହି ଶବ୍ଦଟି ସହିତ ବିଶ୍ୱସ୍ରଷ୍ଟା ଭଗବାନଙ୍କର ନିବିଡ଼ ସମ୍ପର୍କଟିକୁ । ଆସ୍ତିକ-ନାସ୍ତିକ, ଜ୍ଞାନୀ-ଅଜ୍ଞାନ, ମୂର୍ଖ-ଶିକ୍ଷିତ ବା ଅର୍ଦ୍ଧ-ଶିକ୍ଷିତ ସମସ୍ତେ କହନ୍ତି ଭଗବାନ ଏଇ ବିଶ୍ୱ, ଏଇ ପୃଥିବୀ, ଏଇ ସଂସାର ଓ ତତ୍‌ସଂଲଗ୍ନ ପ୍ରକୃତି ଓ ଜୀବଜଗତକୁ ସୃଷ୍ଟି କରିଛନ୍ତି, କରୁଛନ୍ତି ଓ କରୁଥିବେ । କିନ୍ତୁ ଭଗବାନ ନାମଧାରୀ ସେଇ ବ୍ୟକ୍ତିଟି ପୁରୁଷ ନା ସ୍ତ୍ରୀ ? ସେ କେଉଁଠି ରହନ୍ତି ? କିପରି ରହନ୍ତି ? ପଚାରି ଦେଲେ ସମସ୍ତେ ଅବାକ୍ ଓ ନୀରବ । କାହାରିଠାରୁ ସନ୍ତୋଷଜନକ ଉତ୍ତରଟିଏ ପ୍ରାୟ ମିଳେ ନାହିଁ । ମାତ୍ର ଯେତେବେଳେ କୌଣସି ବିପଦ ଅବା ଦ୍ୱନ୍ଦ୍ୱରେ ମଣିଷ ପହଞ୍ଚିଯାଏ ସେତେବେଳେ ବିଶ୍ୱାସ ଥାଉ ବା ନ ଥାଉ, ଜାଣତରେ ବା ଅଜାଣତରେ ହେଉ ତା'ର ପାଟିରୁ ସ୍ୱତଃ ବାହାରି ଆସେ ଏକ ହତାଶାଯୁକ୍ତ ବେଦନାର ସ୍ୱର ! **''ହେ ଭଗବାନ୍ ! ରକ୍ଷାକର''** । ଆକୁଳ ମନରେ ସେ ଧାଇଁ ଯାଏ ନିକଟସ୍ଥ ମନ୍ଦିରକୁ । ସେ ଯେଉଁ ଦେବତା ବା ଦେବୀ ମନ୍ଦିର ହେଉ ନା କାହିଁକି, ସେଠାରେ ମୁଣ୍ଡ ପିଟି କାନ୍ଦି କାନ୍ଦି ଆଖି ଫୁଲାଇଦିଏ । କାରଣ ତା'ର ବିଶ୍ୱାସ ଠାକୁର ସେହି ମନ୍ଦିରରେ ହିଁ ଅଛନ୍ତି । ତେବେ କ'ଣ ଫଳ ପାଏ କି ନ ପାଏ କେବଳ ସେ ହିଁ ଜାଣେ ।

କିନ୍ତୁ ପ୍ରକୃତିର ଏକ ବିଚିତ୍ର ବିଡ଼ମ୍ବନା ଯେ, ବାସ୍ତବରେ ସେଇ ଚିର ଆକାଂକ୍ଷିତ, ବହୁଜନ ଚର୍ଚ୍ଚିତ, ଭାବାତୀତ, ଅଦୃଶ୍ୟମାନ ସୃଷ୍ଟିକର୍ତ୍ତା ଭଗବାନ କିଏ - କେଉଁଠାରେ ସେ ରହନ୍ତି, କ'ଣ ସେ କରନ୍ତି, ଜୀବଜଗତ ସହ କ'ଣ ତାଙ୍କର ସମ୍ପର୍କ କିପରି ତାଙ୍କୁ ଜାଣି ହୁଏ ଓ ତାଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଏ ସେ ବିଷୟରେ ଜାଣିବାକୁ ସାମାନ୍ୟତମ ପ୍ରୟାସ ମଧ୍ୟ କରାଯାଏ ନାହିଁ । ବରଂ ଭିନ୍ନ ମତ, ଭିନ୍ନ ସଂପ୍ରଦାୟ ଭିତ୍ତିରେ ଉପସ୍ଥାପନ କରାହୁଏ, ସେ ଅନେକ ଦୂରରେ ଅଛନ୍ତି । ତାଙ୍କ ପାଖକୁ ଯିବା ସମ୍ଭବ ନୁହେଁ । ମନ୍ଦିର ବିନା ତାଙ୍କୁ ଅନ୍ୟଠାରେ ମିଳେ ନାହିଁ । ଭଲ ଭଲ ଜିନିଷ ଭୋଗ ନ ଦେଲେ, ବାସନା ଧୂପ ନ ଜାଳିଲେ ସେ କାହାରି କଥା ଶୁଣନ୍ତି ନାହିଁ...ଇତ୍ୟାଦି । ହେଲେ ସେ ପ୍ରକୃତରେ କୌଣସି ନିର୍ଦ୍ଦିଷ୍ଟ ମନ୍ଦିରରେ ଆବଦ୍ଧ ନ ଥାନ୍ତି, ସ୍ୱର୍ଗରେ ନ ଥାନ୍ତି, କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଥାନ୍ତି । ସେ ଥାଆନ୍ତି ଏଇ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ପଥର, ବାଲି, ମାଟି, ପାଣି ଓ ପବନ ଆଦି ସମସ୍ତ ଜୀବ ଓ ପଦାର୍ଥ ମଧ୍ୟରେ । ଏ ସୃଷ୍ଟିର ପ୍ରତିଟି ଅଣୁ, ପରମାଣୁ ମଧ୍ୟରେ । ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । ତେଣୁ ତାଙ୍କୁ ଦେଖି ହୁଏ ନାହିଁ, କେବଳ ଅନୁଭବ କରି ହୁଏ । ସେ ଏତେ ସୂକ୍ଷ୍ମ ସତ୍ତା ନେଇ ଅଛନ୍ତି ଯେ, ସହଜରେ ମଧ୍ୟ ଅନୁଭବ କରି ହୁଏ ନାହିଁ । ସେ ଶିଶୁର ହସ, ସେ ମଧ୍ୟ ତା'ର କାନ୍ଦ, ସେହିଁ ଜୀବର ଭାବ, ଅଭାବ, ସେ ହିଁ ଜୀବର ଶକ୍ତି, ଜ୍ଞାନ, ପୁଣି ଅଜ୍ଞାନ । ସେ ହିଁ ଛାତ୍ରର ଶିକ୍ଷା, ବିଦ୍ୟା

ସେ ମଧ୍ୟ ଶିକ୍ଷାଦାତା ଓ ବିଦ୍ୟାଦାତା । ସର୍ବୋପରି ସେ ସର୍ବବ୍ୟାପୀ-ଅନନ୍ତ ସର୍ବାବସ୍ଥାରେ, ସର୍ବସ୍ଥାନରେ ବିରାଜିତ ସେ ନିଜେ ସ୍ରଷ୍ଟା ଓ ସୃଷ୍ଟି ମଧ୍ୟ । କେବଳ ଶ୍ରଦ୍ଧା, ପ୍ରେମ ଓ ଭକ୍ତି ସାହାଯ୍ୟରେ ହିଁ ତାଙ୍କୁ ଅନୁଭବ କରିବା ସହଜ ହୁଏ ।

ମାତ୍ର ଅନୁଭବ କରି ବା ଚେଷ୍ଟା କରିବା ପରିବର୍ତ୍ତେ ଏକ ଭୟଙ୍କର ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ଆଧ୍ୟାତ୍ମିକ ଜଗତରେ ପ୍ରବେଶ କରିବା ପାଇଁ କଳ୍ପିତ ବୟସର ବିତର୍କକୁ ନେଇ ସମାଜର ସଂଖ୍ୟାଧିକ ଲୋକଙ୍କ ମତରେ ଈଶ୍ୱରାଭିମୁଖୀ ହୋଇ ତତ୍‌ସମ୍ବନ୍ଧୀୟ ଜ୍ଞାନ ଆହରଣ, ଆଲୋଚନା ଓ ପର୍ଯ୍ୟାଲୋଚନା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସ ସୀମା ଅଛି । ସେହି ଲକ୍ଷ୍ମଣରେଖା ପାର ନ ହେବା ଯାଏ ସେ ବିଷୟରେ ମୁଣ୍ଡ ଖେଳାଇବା ଉଚିତ ନୁହେଁ । କାରଣ, ''ପିଲାଦିନୁ ଭଗବାନଙ୍କ ସମ୍ପର୍କରେ ଆକୃଷ୍ଟ ହୋଇଗଲେ ପିଲା ବାବାଜୀ ହୋଇଯିବ-ସଂସାର ପ୍ରତି ବୈରାଗ୍ୟ ଆସିଯିବ । ପାଠଶାଠ ପଢ଼ିବ ନାହିଁ । ସୁତରାଂ ଭବିଷ୍ୟତରେ ଜୀବନଧାରଣ, ସଂସାରକରଣ ଓ ପରିବାର ଭରଣପୋଷଣ କରିବାକୁ ଅକ୍ଷମ ହୋଇଯିବ ।'' କିନ୍ତୁ ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯିବ ଯେ ଏହି ଧାରଣାଟି ଖାଲି ଭ୍ରମାତ୍ମକ ନୁହେଁ - ଭୟଙ୍କର ବିପଜ୍ଜନକ । ଏହି ବିଶ୍ୱାସରେ ଆବଦ୍ଧ ହୋଇ ରହିଗଲେ ଜନ୍ମ, ଜନ୍ମ ବିତିଗଲେ ମଧ୍ୟ ଈଶ୍ୱରାନୁଭୂତି ଆସିବ ନାହିଁ ବା ସଂସାରରେ ଜଣେ ପୂର୍ଣ୍ଣାଙ୍ଗ ମଣିଷର ସ୍ୱୀକୃତି ମିଳିବ ନାହିଁ । ଈଶ୍ୱରାଭିମୁଖୀ ହେଲେ ସଂସାରଧର୍ମରେ ବ୍ୟାଘାତ ଆସେ ନାହିଁ, ବିଦ୍ୟାଧ୍ୟୟନରେ ପ୍ରତିବନ୍ଧକ ସୃଷ୍ଟି ହୁଏ ନାହିଁ ବରଂ ଈଶ୍ୱରାନୁରାଗ ନ ରହିଲେ ଜୀବନରେ ଅନେକ ବାଧା, ବିଘ୍ନ ତଥା ବିପତ୍ତି ଆସେ । ଏଇ ସମ୍ପର୍କରେ ତିନିଗୋଟି ଆଲୋଚନା ନିମ୍ନରେ ଉପସ୍ଥାପନ କରାଗଲା ।

୧. ଛୋଟ ପିଲା, ଯୁବକ ବା ବୃଦ୍ଧ ହେଉ, ଯଦି ପାଣିରେ ପହଁରିବା ଶିଖି ନ ଥାଏ ଏବଂ ତାକୁ ଏକ ଗଭୀର ଜଳାଶୟକୁ ଠେଲି ଦିଆଯାଏ, କ'ଣ ତା'ର ଅବସ୍ଥା ହେବ ? ଆଉ ସେ ପାଣିରୁ ଉଠି ତା'ର ବୟସର ହିସାବ ରଖି ପାରିବ ତ ? ସେ ବୁଡ଼ି ଯାଉଥିବା ବେଳେ କେଉଁ ନାଉରୀ ତାକୁ ରକ୍ଷା କରିବ ? ଠିକ୍ ସେହିପରି ବାଲ୍ୟାବସ୍ଥାରୁ ଶିକ୍ଷାଗ୍ରହଣ ସମୟରେ ଯଦି ପିଲାଟିକୁ ଏ ସୃଷ୍ଟି, ସମାଜ, ସଂସାର ଓ ପରିବାର ସଂପର୍କରେ ଉପଯୁକ୍ତ ଶିକ୍ଷା ତଥା ଧାରଣା ଦିଆ ନ ଯାଇ ସଂସାର ବନ୍ଧନରେ ଆବଦ୍ଧ କରିଦିଆଯାଏ, ତେବେ ସେ ସଂସାରରୂପକ ଏଇ ଜଳାଶୟରେ ନିଜର ସ୍ଥିତି ରଖି ବୟସର ସ୍ୱାଭିମାନ ରକ୍ଷା କରି ଏକ ପୂର୍ଣ୍ଣାଙ୍ଗ ମଣିଷ ରୂପେ ନିଜକୁ ଗଢ଼ି ତୋଳିବାର ସାମର୍ଥ୍ୟ ପାଇବ ତ ? ଏଇଟି କେତେ କଷ୍ଟକର ତା କେବଳ ବିଜ୍ଞ ଅନୁଭବୀମାନେ ହିଁ ଜାଣି ପାରୁଥିବେ । ତେଣୁ ବାଲ୍ୟାବସ୍ଥାରୁ ଯଦି ଈଶ୍ୱରାଭିମୁଖୀ ଓ ଈଶ୍ୱରାନୁରାଗୀ ହୋଇଥାଏ, ତେବେ ସେ ପରମ କାରୁଣିକ ନିଜେ ନାଉରୀ ସାଜି ପାର କରାଇ ଦେବେ - ଏଥିରେ ସନ୍ଦେହ ନାହିଁ ।

୨. ଜଣେ ଶିଳ୍ପୀ, କଣ୍ଢାମାଟି ପାଣିରେ ଚକଟି ମାଟି ନରମ ଥିବା ସମୟରେ ତା'ର ନିଜର କଳ୍ପନା ମୁତାବକ ଗୋଟିଏ ସୁନ୍ଦର ପ୍ରତିମା କରୁଛି ଓ ତାକୁ ବିଭିନ୍ନ ରଙ୍ଗ ଦେଇ ସୁନ୍ଦର କରି ଗଢ଼ି ତୋଳୁଛି । କିନ୍ତୁ ସମୟ ପ୍ରବାହରେ ଯେତେବେଳେ ସେଇ ପିତୁଳାଟି ନଷ୍ଟ ହୋଇ ଯାଉଛି ସେତେବେଳେ ସେଥିରେ ବ୍ୟବହାର ହୋଇଥିବା ମାଟିକୁ ପୁଣିଥରେ ପାଣିରେ ଚକଟି କ'ଣ ସେ -ପ୍ରତିମା ତିଆରି କରାଯାଇ ପାରିବ ? କଦାପି ନୁହେଁ । କାରଣ ଧୀରେ ଧୀରେ ପ୍ରତିମାସ୍ଥ ମାଟି ଶୁଷ୍କ ଓ କଠିନ ହୋଇ ତା'ର ମୌଳିକ ଗୁଣ ହଜାଇ ଦେଇଛନ୍ତି ଓ ଯୌଗିକ ଗୁଣଗୁଡ଼ିକ ମଧ୍ୟ କ୍ରମଶଃ କ୍ଷୟପ୍ରାପ୍ତ ହୋଇ ନଷ୍ଟ ହୋଇସାରିଛି । ଠିକ୍ ସେହିପରି ବିଶ୍ୱସ୍ରଷ୍ଟା ସେଇ ମାଟି, ପାଣି, ପବନ ଓ ଅଗ୍ନି ସାହାଯ୍ୟରେ ଏଇ ଶରୀର ପିଣ୍ଡୁଳାଟି ତିଆରି କରିଛନ୍ତି । ଯେ ପର୍ଯ୍ୟନ୍ତ ଶରୀରର ଉପାଦନାଗୁଡ଼ିକ ଯଥା- ମାଂସପେଶୀ, ଜୀବକୋଷ, ଅସ୍ଥି ଓ ଗ୍ରନ୍ଥି ଆଦି କୋମଳ ଅବସ୍ଥାରେ ଅଛି ସେ ପର୍ଯ୍ୟନ୍ତ ଯେପରି ଇଚ୍ଛା ସେପରି ରୂପ ଦିଆଯାଇ ପାରିବ ଅର୍ଥାତ୍ ବାଲ୍ୟାବସ୍ଥାରେ ଉପରୋକ୍ତ ଉପାଦାନଗୁଡ଼ିକ ନରମ ଥାଏ ଓ ସେଥିପାଇଁ ମନ ମଧ୍ୟ ବେଶ୍ ହାଲୁକା ଓ କୋମଳ ଥାଏ । ସେହି ସମୟରେ ଯଦି ପିଲାଟିକୁ ଈଶ୍ୱରାଭିମୁଖୀ ହେବାର ସୁଯୋଗ ଦିଆଯାଏ ତେବେ ସେହି ଭାବର ଛାପ ତା' ମନରେ ସ୍ଥାୟୀ ଭାବେ ରହିବା ସଙ୍ଗେ ସଙ୍ଗେ ତା'ର ସେଇ ଉପାଦାନଗୁଡ଼ିକ ଚିରଦିନ ସତେଜ ଓ ସକ୍ରିୟ ରହିବେ । କିନ୍ତୁ ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଉପଯୁକ୍ତ ଶିକ୍ଷା ଓ ଅଭ୍ୟାସର ଅଭାବରୁ ସେଇ ଅବୟବଗୁଡ଼ିକ ଏପରି କଠିନ ଓ ଶୁଷ୍କ ହୋଇଯିବେ ଯେ, କଳ୍ପିତ ପରିଣତ ବୟସରେ

ନା ଆଧ୍ୟାତ୍ମିକ ଚେତନା ନା କିଛି ଅନୁଭୂତି ଆସିବ । ତେଣୁ ଛାତ୍ରାବସ୍ଥାରୁ ହିଁ ଆଧ୍ୟାତ୍ମିକ ଚେତନା ପାଇଁ ଯତ୍ନଶୀଳ ହେବା ଏକାନ୍ତ ଜରୁରୀ ଓ ଆବଶ୍ୟକ ।

୩. ଏକ ପୌରାଣିକ କିମ୍ବଦନ୍ତୀ : ଦ୍ୱାପର ଯୁଗର କଥା । ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ହସ୍ତିନାର ସମ୍ରାଟ । ଅବଶିଷ୍ଟ ଚାରିଭାଇଙ୍କୁ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଥାଏ । ଦ୍ୱିତୀୟ ପାଣ୍ଡବ ଭୀମସେନ ଏକ ବିଶେଷ ଦାୟିତ୍ୱରେ ଥାଆନ୍ତି । ସେଇଟି ହେଉଛି ତାଙ୍କର ଭୀମନାଦ । ତାଙ୍କର ଏପରି ଏକ ଶକ୍ତି ଥାଏ ଯା'ର ବଳରେ ସେ ଏତେ ପ୍ରଚଣ୍ଡ ଭାବରେ ସେ ଶବ୍ଦଟି ସୃଷ୍ଟି କରନ୍ତି ଯେ, ଶବ୍ଦଟି ସାରା ରାଜ୍ୟରେ ପ୍ରତିଧ୍ୱନିତ ହୁଏ । ଯେତେବେଳେ ରାଜ୍ୟ ପାଇଁ କୌଣସି ଏକ ଶୁଭ ସମୟ ଆସେ ସେତେବେଳେ ତାଙ୍କୁ ସେ ଶବ୍ଦ କରିବାକୁ କୁହାଯାଏ । ତାଦ୍ୱାରା ରାଜ୍ୟବାସୀମାନେ ଜାଣନ୍ତି ଯେ ରାଜ୍ୟ ପାଇଁ ଏକ ଶୁଭ ସୂଚନା ଆସିଛି । ତେଣୁ ସେମାନେ ମଙ୍ଗଳ ପ୍ରଦୀପ ଓ ଶୁଭ କଳସ ସେମାନଙ୍କ ଘରେ ବସାନ୍ତି । ଦିନେ ସମ୍ରାଟ କୌଣସି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ରାଜସଭାରେ ବ୍ୟସ୍ତ ଥାଆନ୍ତି । ଏହି ସମୟରେ ଦ୍ୱାରପାଳ ସୂଚନା ଦେଲା ଯେ, ଜଣେ କେହି ଭିକ୍ଷୁ ରାଜଦର୍ଶନ ଭିକ୍ଷା କରୁଛି ତା'ର ଦୁଃଖ ଜଣାଇବାକୁ । ସମ୍ରାଟ କହିଲେ ''ତାକୁ କୁହ - ଆଜି ମୁଁ ବହୁତ ବ୍ୟସ୍ତ ଅଛି । ଆସନ୍ତା କାଲି ସେ ଆସୁ ତାହାର ସମସ୍ତ ଦୁଃଖ ଶୁଣିବି ।'' ଏହି ଖବର ଶୁଣି ଭିକ୍ଷୁ ସିନା ଫେରିଗଲା, କିନ୍ତୁ ଭୀମ ବାହାରକୁ ଆସି ତାଙ୍କର ସେହି ନାଦ ସୃଷ୍ଟି କରିଦେଲେ । ସମସ୍ତେ ଚକିତ ହୋଇଗଲେ । ସମ୍ରାଟ ମଧ୍ୟ ବୁଝି ପାରିଲେନି କ'ଣ ଶୁଭ ସଙ୍କେତ ମିଳିଲା । ଅର୍ଜୁନଙ୍କୁ ପଠାଇ ଭୀମଙ୍କୁ ରାଜଦରବାରକୁ ଡ଼କାଗଲା । ନାଦର କାରଣ ପଚାରିବାରୁ ଭୀମ ହାତ ଯୋଡ଼ି ବିନମ୍ର ଭାବରେ କହିଲେ ''ପ୍ରଭୋ ! ଆଜି ଯେଉଁ ଶୁଭ ସଙ୍କେତ ମୁଁ ପାଇଛି ତାହା ପୂର୍ବରୁ କେବେ ପାଇ ନ ଥିଲି କି ଭବିଷ୍ୟତରେ ପାଇବି କି ନା ସନ୍ଦେହ । ପ୍ରଥମରେ ମୋର ଜ୍ୟେଷ୍ଠଭ୍ରାତା ଓ ହସ୍ତିନା ଚକ୍ରବର୍ତ୍ତୀ ତ୍ରିକାଳଦର୍ଶୀ ହୋଇ ଯାଇଛନ୍ତି । ନିଜର ମୃତ୍ୟୁ ଉପରେ ମଧ୍ୟ ତାଙ୍କର କର୍ତ୍ତୃତ୍ୱ ଜାହିର୍ କରି ପାରିଛନ୍ତି । ଭିକ୍ଷୁକ କହିବା ଅନୁଯାୟୀ ଅନ୍ତତଃ ଆସନ୍ତା କାଲି ଯାଏ ସମ୍ରାଟ ତାଙ୍କ ସ୍ଥିତି ପାଇଁ ନିଃସନ୍ଦେହ । ଫଳରେ ରାଜ୍ୟ ସଂପୂର୍ଣ୍ଣ ସୁରକ୍ଷିତ । ଦ୍ୱିତୀୟରେ ଭିକ୍ଷୁଟିର ଆୟୁଷ ବିଷୟରେ ମଧ୍ୟ ରାଜା ବେଶ୍ ସଚେତନ । ସେ ଭିକ୍ଷୁ ମଧ୍ୟ ଅନ୍ତତଃ ଆସନ୍ତା କାଲି ଯାଏ ନିଶ୍ଚୟ ବଞ୍ଚିବ । ଏହାଠାରୁ ବଳି ଆନନ୍ଦ କି'ଣ ଥାଇପାରେ ପ୍ରଭୋ !'' ଚମକି ଉଠିଲେ ସମ୍ରାଟ ଯୁଧିଷ୍ଠିର ବାସ୍ତବିକ ଭିକ୍ଷୁକଟିକୁ ଫେରାଇ ଦେଇ କେତେ ଅନ୍ୟାୟ ସେ କରିଛନ୍ତି । ଏ କ୍ଷଣଭଙ୍ଗୁର ଜୀବନ ଆସନ୍ତା କାଲି ଯାଏ ଯେ ରହିବ ଏହାର କି ନିଶ୍ଚିତତା ଅଛି ? ଠିକ୍ ଏହାର ପରମୁହୂର୍ତ୍ତରେ ଯେ ଜୀବନଦୀପ ଲିଭି ନ ଯିବ କିଏ କହିବ ? ତେଣୁ ସଙ୍ଗେ ସଙ୍ଗେ ଖୋଜି ସେ ଭିକ୍ଷୁକଟିକୁ ଡକାଇ ତା'ର ଦୁଃଖମୋଚନ କରାଇଥିଲେ ।

ଠିକ୍ ସେହିପରି ଯେଉଁ ଭବିଷ୍ୟତ ଉପରେ ଭରସା ରଖି ଆଧ୍ୟାତ୍ମିକ ଚେତନା ସମ୍ପର୍କୀୟ ଜ୍ଞାନ ଆହରଣ ପ୍ରକ୍ରିୟାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉଛି, ସେଇ ଭବିଷ୍ୟତର କଳ୍ପିତ ବୟସ ପର୍ଯ୍ୟନ୍ତ ନିଜର ଆୟୁରେଖା ଅଛି ତ ? ତେଣୁ ଏକ ନିଶ୍ଚିତ ସୁଯୋଗକୁ ଅନାଗତ, ଅଜଣା ଭବିଷ୍ୟତର ଅନିଶ୍ଚିତତା ଭିତରକୁ ଠେଲି ଦେବା ଉଚିତ ନୁହେଁ । ଏପରିକି ଆସନ୍ତା କାଲି ପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରିବା ଠିକ୍ ନୁହେଁ । ଆଜିଠାରୁ ଏହି ମୁହୂର୍ତ୍ତରୁ ପ୍ରେମମୟ ଠାକୁରଙ୍କୁ ପାଇବାର, ଅନୁଭବ କରିବାର ସଂକଳ୍ପ ନେଇ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଶରଣାପନ୍ନ ହୋଇଯିବା ଉଚିତ । ଏହା ଧ୍ରୁବ ସତ୍ୟ ଯେ, ଏହି ଈଶ୍ୱରାଭିମୁଖୀ ପ୍ରକ୍ରିୟା କୌଣସି ଅବସ୍ଥାରେ କୌଣସି ବାଟରେ ପିଲାମାନଙ୍କର ବିଦ୍ୟାଧ୍ୟୟନଠାରୁ ଆରମ୍ଭ କରି ସାଂସାରିକ କର୍ମରେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବରଂ ପଥ ସୁଗମ ଓ ପୁଷ୍ପମୟ ହୋଇ ଉଠିବ । କାରଣ ନିଜେ ସୃଷ୍ଟିକର୍ତ୍ତା ତାଙ୍କ ଅନୁଗତର ସମସ୍ତ ଦାୟିତ୍ୱ ଗ୍ରହଣ କରିନେବେ ।

| | |
|---|---|
| ଖୋଜୁଛି କି ଧନ ପଦବୀ ପଦ ? | ପଦବୀ ନୁହଇଁ, ସେହୁ ବିପଦ । |
| ପଦ ଭୁଲି ଖୋଜ ପଦବୀ ସିନା, | ପଦବୀ ନ ମିଳେ ଶ୍ରୀପଦ ବିନା ॥ |

# ଜିଜ୍ଞାସା : ଜିଜ୍ଞାସୁ

*ଶ୍ରୀ ଶ୍ରୀଶ୍ରୀ ଠାକୁରଙ୍କ ସହିତ କଥୋପକଥନ ଓ ଆଲୋଚନା ପ୍ରସଙ୍ଗରେ ଆଧ୍ୟାତ୍ମିକ ଚିନ୍ତନର କେତେକ ପ୍ରଶ୍ନୋତ୍ତର ନିୟମିତ ଭାବରେ ଏହି ସ୍ତମ୍ଭରେ ପରିବେଷଣ କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । 'ଚରମ'ର ପ୍ରଥମ ପୃଷ୍ଠ ତୃତୀୟ ପାଖୁଡ଼ାରେ କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ଆଚାର୍ଯ୍ୟ ଦିବଂଗତ ଯତୀଶ ଭାଇଙ୍କ ସହିତ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କର କତିପୟ ପ୍ରଶ୍ନୋତ୍ତର ବାର୍ତ୍ତା ଦେଉଅଛୁ ।*

## ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ଯତିଶ ଭାଇ : **ଶ୍ରୀ**ମଦ୍ ଭାଗବତରେ ଉଲ୍ଲେଖ ଅଛି, ପ୍ରଭୁଙ୍କ ପାଦପୀଠ ହିଁ ସକଳ ତୀର୍ଥସ୍ଥାନ ଅଟେ । ତେଣୁ ବଦ୍ରିକାଶ୍ରମ ଯିବା ବା ତୀର୍ଥ ପର୍ଯ୍ୟଟନ କରିବାର କୌଣସି କାରଣ ନାହିଁ । ବଦ୍ରିକାଶ୍ରମ ଅପେକ୍ଷା ପ୍ରଭୁଙ୍କ ପାଦପୀଠ ଅଧିକ ପବିତ୍ର ପୀଠ । ତେବେ ପ୍ରଶ୍ନ ହେଉଛି, ସକଳ ତୀର୍ଥ କିଏ ? ବଦ୍ରିକା କିଏ ? ଚରଣ କିଏ ହେଲା ?

ଶ୍ରୀ ଶ୍ରୀ ଠାକୁର : **ବି**ଷ୍ଣୁଙ୍କ ନଖକୋଣରେ ଗଙ୍ଗା ଥିଲା । ସେହି ନଖକୋଣରୁ ଚୌରାଶି କାଠି ଜନ୍ମ ନେଲେ । ସଗରଙ୍କ ନାତି ଭଗୀରଥ ଗଙ୍ଗାଙ୍କୁ ଆଣି ଏ ଧରଣୀ ସ୍ଥାପନା କଲେ । କପିଳ ମୁନିଙ୍କ ଦଗ୍ଧାନଳରେ ସଗର ପୁତ୍ରମାନେ ଜଳି ଯାଇଥିଲେ । ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଗଙ୍ଗାଙ୍କର ଆବିର୍ଭାବର ଆବଶ୍ୟକତା ଥିଲା । ଏହି ପିଣ୍ଡରେ ଲଲାଟ ହେଉଛି ବଦ୍ରିକା । ସେଠାରେ ଜୀବପରମ (ନରନାରାୟଣ) ବାସ କରନ୍ତି । ଜୀବ ନର ଓ ପରମ ନାରାୟଣ ଅଟନ୍ତି । ଆଜ୍ଞାଚକ୍ର ହେଉଛି ନିତ୍ୟ ରାହାସସ୍ଥଳୀ, ତାହା ହିଁ ସକଳ ତୀର୍ଥ ଗଙ୍ଗା, ଯମୁନା, ସରସ୍ୱତୀ ବା ଇଡ଼ା, ପିଙ୍ଗଳା, ସୁଷୁମ୍ନା ହେଉଛି ବିଷ୍ଣୁଙ୍କ ଚରଣ । ଉଦ୍ଧବ ହେଉଛି ସୁମନ ବା ଶୁଦ୍ଧଜ୍ଞାନ । ଇୟାଙ୍କୁ ବଦ୍ରିକାଧାମ କହନ୍ତି । ଏଗୁଡ଼ିକ ସବୁ ଶରୀରତତ୍ତ୍ୱ ଓ ସାଧନାମାର୍ଗର କଥା । ଜଗନ୍ନାଥ ଦାସଙ୍କ ଭାଗବତ ବାହାରକୁ ଖୁବ୍ ସରଳ ଜଣା ପଡୁଥିଲେ ମଧ୍ୟ ତାହାର ଭିତିରି ଅର୍ଥ ଗୂଢ଼ ରହସ୍ୟପୂର୍ଣ୍ଣ ତତ୍ତ୍ୱ ସମ୍ବଳିତ ।

ଯତିଶଭାଇ : **ଭା**ଗବତରେ ଅଛି - ''ପ୍ରଦ୍ୟୁମ୍ନ ନାଶି ଚକ୍ରଗଲା । କିମ୍ପାଇ କରକୁ ନଇଲା ।'' ଏଠାରେ ଚକ୍ର କିଏ ଏବଂ ପ୍ରଦ୍ୟୁମ୍ନ କିଏ ?

ଶ୍ରୀ ଶ୍ରୀ ଠାକୁର : **ଏ**ଠାରେ ପ୍ରଦ୍ୟୁମ୍ନ ବିବେକ ଏବଂ ଅଜ୍ଞାନ ହେଉଛି କାଳଚକ୍ର । ଗୋକୁଳ ଚେତନା ପୁରୁଷ ଅଟନ୍ତି । ଯେ ମଦମତ୍ତରେ ଅନ୍ଧ, ସେ ମାୟା ଜାଲରେ ପଡ଼ିଛି । ଯେଉଁ ବିନ୍ଦୁ ଖସିଲା, ତାହା ରକ୍ତରେ ପରିଣତ ହୋଇ ଜୀବ ସୃଷ୍ଟି ହେଲା ଓ ବିବେକକୁ ବୁଡ଼ିଗଲା । ଏହି ରକ୍ତ ହିଁ ଇନ୍ଦ୍ରିୟ । ପୁଣି ଅନ୍ୟ ପଟରୁ ଦେଖିବାକୁ ଗଲେ ପ୍ରଦ୍ୟୁମ୍ନ କନ୍ଦର୍ପ ବୋଲି ଖ୍ୟାତ । ନେତ୍ର ପ୍ରତିମା ଶ୍ରୀକୃଷ୍ଣ ଅଟନ୍ତି । ନେତ୍ର ପ୍ରତିମା ଶୁଦ୍ଧ ଦୃଷ୍ଟି ରୂପକ ସୁଦର୍ଶନରେ କାମ ପ୍ରବୃତ୍ତିକୁ ବିନାଶ କରିବା କଥା ଏଠାରେ କୁହାଯାଇଛି । କାମ ବା କାମନା ହିଁ ସକଳ ଗୋଳର ମୂଳ କାରଣ । ଏହାକୁ ଇଷ୍ଟଙ୍କର ସୁଦର୍ଶନ ଦ୍ୱାରା ବିନାଶ କଲେ, ପରମ ଶାନ୍ତି ମିଳେ । ସୁଦାମା ବ୍ରାହ୍ମଣ ଏହିପରି

ସୁଦର୍ଶନ କରିଥିଲା । ତେଣୁ ସବୁ ପ୍ରକାର ଅଭାବ ଅସୁବିଧା ସତ୍ତ୍ୱେ ସେ ସଦାସର୍ବଦା ଶାନ୍ତ ରହି ଅମୀୟ ପୀୟୁଷ ପାନ କରି ସୌଭାଗ୍ୟ ଲାଭ କରିଥିବାର ଭାଗବତରେ ବର୍ଣ୍ଣନା ଅଛି ।

ଯତିଶ ଭାଇ : ଠାକୁରେ, ଆଜ ଗୋଟିଏ ସନ୍ଦେହ ମୋଚନ କରନ୍ତୁ । ଭାଗବତରେ ଅଛି - ''ତ୍ରିଗୁଣ ତେଜି ଅନ୍ତକାଳେ, ପଶିବୁ ମୋ ପାଦ କମଳେ ।'' ଏହାର ପ୍ରକୃତ ଅର୍ଥ କ'ଣ ?

ଶ୍ରୀ ଶ୍ରୀ ଠାକୁର : ବଦ୍ରିକାଶ୍ରମ ହିଁ ଅଗମ୍ୟ ଅଳକାଭୂମି । ଲଲାଟ ଚକ୍ର ହିଁ ବଙ୍କନାଳ । ତାକୁ ହିଁ ବଦ୍ରିକାଶ୍ରମ କୁହାଯାଏ । ମନ, ଇନ୍ଦ୍ରିୟ, ବୁଦ୍ଧି, ପ୍ରକୃତି ଇତ୍ୟାଦିକୁ ସୁନିୟନ୍ତ୍ରଣରେ ରଖିବାକୁ ପଡ଼େ । ଶରୀରର ନବଦ୍ୱାରକୁ ସାଧିବାକୁ ହୁଏ । ଇଡ଼ା, ପିଙ୍ଗଳା, ସୁଷୁମ୍ନା (ଗଙ୍ଗା, ଯମୁନା, ସରସ୍ୱତୀ)ର ମିଳନ ସ୍ଥଳ ହିଁ ତ୍ରିବେଣୀ ଘାଟ । ଏକାନ୍ତ ମନରେ, ଏକ ଧ୍ୟାନରେ, ପ୍ରାଣାଦି ଦଶପବନକୁ ଏକ କରିପାରିଲେ, ଲଲାଟ ଚକ୍ରକୁ ପ୍ରବେଶ କରାଯାଇପାରେ । ସେ ସମୟରେ ଜୀବ ତ୍ରିଗୁଣ ରହିତ ହୋଇ ଜୀବନ୍ତ କି ମୃତ ଜାଣି ପାରିବ ନାହିଁ । ସେ ବେଳେ ନିର୍ଗୁଣ ବ୍ରହ୍ମପଦକୁ ସେ ଧାରଣ କରେ ଓ ଦୁସ୍ତର ଭବସାଗରର ବନ୍ଧନକୁ ନିସ୍ତାର କରି ପାର ହୁଏ । ବ୍ରହ୍ମ ପଦ ଧରି ସେ ଶୂନ୍ୟମାର୍ଗରେ ଗତି କରି ଉପରକୁ ଉଠେ ଓ ବ୍ରହ୍ମଶିରାରେ ଗଣ୍ଠି ପକାଇ ଏକାନ୍ତ ଭାବରେ ଊର୍ଦ୍ଧ୍ୱମୁଖୀ ହୋଇ ଜୀବ ପରମ କୋଳାକୋଳି ହୁଅନ୍ତି ବା ଜୀବପରମର ମହାମିଳନ ହୁଏ ।

### -: 'ଚରମ' ପାଇଁ ଲେଖା ପଠାଇବାର ବିଧି :-

(୧) ଚରମର ପ୍ରଥମ ପୃଷ୍ଠାରେ ଯୋଗାଯୋଗ / ସମ୍ପର୍କ ରକ୍ଷା କରିବା ନିମନ୍ତେ ଦିଆଯାଇଥିବା ଠିକଣାରେ ଲେଖା ପଠାନ୍ତୁ ।

(୨) ଆକ୍ଷେପମୂଳକ, ରାଜନୀତି, ସାମ୍ପ୍ରଦାୟିକ ମନୋଭାବ ପ୍ରତିଫଳିତ ଲେଖା ପଠାନ୍ତୁ ନାହିଁ ।

(୩) ସୁନ୍ଦର ଅକ୍ଷରେ ପରିଷ୍କାର ପରିଚ୍ଛନ୍ନ ଭାବରେ ଅଧା ଫରଦିଆ କାଗଜର ଗୋଟିଏ ପାଖରେ ଲେଖି ପଠାନ୍ତୁ ।

(୪) ଆଧ୍ୟାତ୍ମିକ ପ୍ରବନ୍ଧ, ନାରୀ ଜାତିର ସମ୍ମାନ ରକ୍ଷା ମୂଳକ ସୂଚନା, ଯୁବସମାଜକୁ ଉଦ୍‌ବୋଧନ ମୂଳକ ଲେଖା, ଶିଶୁ ଓ କିଶୋରମାନଙ୍କ ନିମନ୍ତେ ଆଧ୍ୟାତ୍ମିକ ଉତ୍ସାହମୂଳକ ଲେଖା ତଥା ଧର୍ମ ଓ ଆଧ୍ୟାତ୍ମ ଗବେଷଣା ମୂଳକ ପ୍ରବନ୍ଧ ପଠାନ୍ତୁ ।

(୫) ଚରମରେ ପତ୍ରସ୍ଥ ଲେଖାର ଲେଖକ / ଲେଖିକାମାନଙ୍କର ନାମ ପ୍ରକାଶିତ ହୁଏ ନାହିଁ । ତେଣୁ ସେଥି ନିମିତ୍ତ ଜିଦ୍ ଧରିବେ ନାହିଁ ।

(୬) ଲେଖାର ଯେକୌଣସି ପରିବର୍ତ୍ତନ କରିବାର ସ୍ୱାଧୀନତା ସଂପାଦନାର ବିଚାର ସାପେକ୍ଷ । ଏଥି ନିମନ୍ତେ ଆପତ୍ତି ଅଭିଯୋଗ ଶୁଣାଯାଏ ନାହିଁ ବା କାରଣ ଦର୍ଶାଇବା ନିମନ୍ତେ ସମ୍ପାଦନା ବାଧ୍ୟ ନୁହଁନ୍ତି ।

# ମହାବିବେକ ଗ୍ରନ୍ଥ

*'ବନ୍ଦେ ମହାପୁରୁଷ । ତେ ଚରଣାରବିନ୍ଦମ୍ !!' ସ୍ତମ୍ଭରେ 'ଅଚ୍ୟୁତଙ୍କ ଲେଖନୀରୁ' ପ୍ରସଙ୍ଗରେ ଚରମର ପ୍ରଥମ ପୃଷ୍ଠ : ତୃତୀୟ ପାଖୁଡ଼ାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରୁ ନିର୍ବାଚନ କରି ମହାବିବେକଗ୍ରନ୍ଥର ଷଷ୍ଠ ଖଣ୍ଡରୁ ଉଦ୍ଧୃତ ସାତ ପଦର ସରଳ ବ୍ୟାଖ୍ୟା ଏଠାରେ ଦିଆଯାଇଛି । ଆଜିର ସମାଜ ଜୀବନ ପରିପ୍ରେକ୍ଷୀରେ ସାଧାରଣ ଗୃହୀ, ବୁଦ୍ଧିଜୀବୀ, ବିଷୟୀ ମାନବମାନଙ୍କ ନିମନ୍ତେ ଯେଉଁ ପଦ୍ଧତିର ସାଧନା ଓ କର୍ମଧାରା ସହଜ, ସରଳ, ସୁନ୍ଦର ଓ ଯୁଗୋପଯୋଗୀ ତାହା ସିଦ୍ଧପୁରୁଷ ତ୍ରିକାଳଦ୍ରଷ୍ଟା ଅଚ୍ୟୁତାନନ୍ଦ ଆଜକୁ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ କିପରି ନିର୍ଦ୍ଧାରଣ କରିଯାଇଥିଲେ, ତାହା ଏଥିରୁ ସ୍ପଷ୍ଟ ଜଣାଯାଏ । ଦୁଃଖ, ଶୋକ, ରୋଗ, ଯନ୍ତ୍ରଣା, ହତାଶାରେ ଜର୍ଜରିତ ମାନବ ଏହା ଜାଣି ମଧ୍ୟ ଅଜଣା ପରି ରହିଲେ, ତ୍ରିତାପ ମୋଚନ ହେବ କିପରି ? ମହାପୁରୁଷଙ୍କ ନିର୍ଦ୍ଦେଶିତ ପଥରେ ଧାରା ଧରି ଧରାଧାମରୁ ମୁକ୍ତି ପାଇବାର ପଥରେ ପଥିକ ହେବାକୁ ହିଁ ହେବ । ନ ଅନ୍ୟ ପନ୍ଥା ବିଦ୍ୟତେ ଅୟନାୟ-ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ ।*

କହୁଅଛି ରାମ ତୋତେ ଗୁପତ ବାରତା । **କଳିଅନ୍ତ ପୁଣି କୋଷ ଦେହେ କିତା କିତା ।।୧।।**

ମହାପୁରୁଷ ଅଚ୍ୟୁତାନନ୍ଦ, ପ୍ରିୟଶିଷ୍ୟ ରାମଦାସଙ୍କ ପ୍ରଶ୍ନର ଉତ୍ତର ଦେଇ କହୁଛନ୍ତି : ରେ ରାମ ! ତୁ ଯେଉଁ ପ୍ରଶ୍ନ କଲୁ, ତାହା ଅତି ନିଗୂଢ଼ । ସେହି ଗୂଢ଼ ତତ୍ତ୍ୱର ଗୁପ୍ତ ବାର୍ତ୍ତା ଏବେ ମୁଁ ତୋତେ ଉତ୍ତର ଛନ୍ଦରେ କହୁଅଛି । ମନ ଦେଇ ଶୁଣ, ମନେରଖି ସେହି ଅନୁସାରେ କାର୍ଯ୍ୟକର୍ମ କରିବା ନିମନ୍ତେ ଅନ୍ତକଳିରେ ଜୀବ (ମନୁଷ୍ୟ) ମାନଙ୍କୁ ବେଳକାଳ ଯୋଗ ଦେଖି କହିବୁ । ଅନ୍ତକଳିରେ ଦେହର କୋଷ କିତା କିତା (ଅସଂଲଗ୍ନ / ଅସଂଶ୍ଳିଷ୍ଟ) ଅଟେ । ତେଣୁ ଏ ଅନ୍ତକଳିରେ ତପସ୍ୟା, ଯଜ୍ଞ, ଧ୍ୟାନ, ଦାନ ଏପରିକି ଅଷ୍ଟାଙ୍ଗଯୋଗ ସାଧନ ସମ୍ଭବ ନୁହେଁ ।

(କଳିଯୁଗରେ ସହଜ ସାଧନ ସୂତ୍ର କ'ଣ ଏବଂ କେଉଁ ସାଧନ ମାର୍ଗରେ ଏ ଘୋର କଳିରେ ଜୀବ ଉଦ୍ଧାର ପାଇବ, ତାହା ଜାଣିବା ନିମନ୍ତେ ରାମଦାସ ସିଦ୍ଧ ପରମପୁରୁଷ ଗୁରୁଅବତାର ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କୁ ପ୍ରଶ୍ନ କରିଥିଲେ ।)

**ରକ୍ତ ମାଂସ ଚର୍ମରେ ଯେ ପ୍ରାଣ ଅଛି ରାମ । ଅନ୍ତକଳିରେ ଧିଆନ ବଢ଼ିବ ଯେ କାମ ।।୨।।**

**ଏ** ଘୋର କଳିକାଳରେ ଜୀବର **ରକ୍ତ,** ମାଂସ ଏପରିକି ଚର୍ମରେ ପ୍ରାଣଶକ୍ତି ରହିଛି । ପୂର୍ବେ ସତ୍ୟଯୁଗରେ ପ୍ରାଣ ଶକ୍ତି ମଜ୍ଜାଗତ, ତ୍ରେତୟାରେ ଅସ୍ଥିଗତ ଏବଂ ଦ୍ୱାପରରେ ବୀର୍ଯ୍ୟଗତ ଥିଲା, ତେଣୁ ଯୁଗାନୁପାତରେ ଧ୍ୟାନ, ତପସ୍ୟା, ଯଜ୍ଞ, ଦାନ ଓ ଅଷ୍ଟାଙ୍ଗ ଯୋଗ ସାଧନ ସେତେବେଳେ ଜୀବକୁଳ ସହଜ ଭାବରେ କରି ଉଦ୍ଧାର ପାଇ ଯାଉଥିଲେ । ପୁରାଣ ପୃଷ୍ଠାରେ ଏହାର ଯଥେଷ୍ଟ ପ୍ରମାଣ ରହିଛି । ମାତ୍ର **କଳିଯୁଗରେ** ପ୍ରାଣଶକ୍ତି ରକ୍ତ ମାଂସ ଚର୍ମଗତ ହୋଇଥିବାରୁ ସାମାନ୍ୟତମ ଶାରୀରିକ କଷ୍ଟ **ସହିବା ମଣିଷମାନଙ୍କ ପକ୍ଷରେ ସମ୍ଭବ ନୁହେଁ ।** ତେଣୁ ଏ ଯୁଗରେ ଧ୍ୟାନ, ତପସ୍ୟା ବା **ଯଜ୍ଞକର୍ମ** ଯୁଗାନୁପାତିକ ସାଧନ ମାର୍ଗ **ନୁହେଁ** । ଏହି ଅନ୍ତ କଳିକାଳରେ ଜୀବମାନଙ୍କର ଧ୍ୟାନ କାମଭାବ ପ୍ରତି ବଢ଼ିବ । ଲୋକେ କାମନାବାସନାରେ **ଜର୍ଜରିତ** ହୋଇ କାମୁକ ସାଜିବେ । ଦେହ ଭୋଗର

କ୍ଷଣିକ ସୁଖ ପ୍ରତି ଧ୍ୟାନ ଦେବେ । ସେମାନଙ୍କର ଧ୍ୟାନ ଲୟ ନିର୍ଭୁଲ ହେବ କିପରି ? ଧ୍ୟାନରେ ବସିବା ମାତ୍ରେ ଏପରି କାମୁକମାନଙ୍କର ଲୟ ପରମଧ୍ୟେୟଙ୍କଠାରେ ନ ରହି କାମ ଭାବ ପ୍ରତି ଢଳିବ ।

**ବାଣ ଅନ୍ତ ଲିତା କାଳେ ଖସିବ ପୁରୁଷ । କେହି ନ ଜାଣିବେ ସର୍ବେ ହେବେ ଅବଶୋଷ ।।୩।।**

ଦେବନାଗରୀର ୧୫ ଅଙ୍କରେ ପୁରୁଷ ଖସିବ ଅର୍ଥାତ୍, ପରମପୁରୁଷ ସେହି ବର୍ଷ ମର୍ତ୍ତ୍ୟରେ ଅବତରଣ କରିବେ । ବାଣ ଅର୍ଥ ୫ କଳ୍ପ ଏବଂ ଅନ୍ତଲିତା ଅର୍ଥ ୧୦ କଳ୍ପ । ଏହିପରି ମୋଟରେ ୧୫ କଳ୍ପ ବା ଅଙ୍କ ଅର୍ଥାତ୍ ୧୯୫୫ ମସିହାରେ ଅବ୍ୟକ୍ତ ବ୍ରହ୍ମ ପୂର୍ବ ନିର୍ଦ୍ଧାରିତ ସୂତ୍ରରେ ଆପଣାର ପ୍ରତିଶ୍ରୁତି ରକ୍ଷା କରି ଜୀବ ଉଦ୍ଧାର ନିମନ୍ତେ ଆପଣା ଭକ୍ତଙ୍କ ଗହଣରେ ଲୀଳା ରଚିବେ । ଏହି ଗୋପନ ରହସ୍ୟ ଅନ୍ୟ କେହି ଜାଣି ପାରିବେ ନାହିଁ, ତେଣୁ ସେମାନେ ସମସ୍ତେ ଅବଶୋଷ ହେବେ ।

**ଏ କଳି ଅନ୍ତରେ ରାମ ମୁକତିର ପଥ । ମନେ ମନେ ଗମିବୁ ତୁ ଏ କଥାଟି ସତ ।।୪।।**

ସେହି ପରମ ପୁରୁଷ ଅନ୍ତକଳିର ଅନ୍ତିମ ପର୍ଯ୍ୟାୟରେ ମୁକ୍ତିର ପଥ ଦେଖାଇ ଦେବେ । ସେହି ପ୍ରଦର୍ଶିତ ମୁକ୍ତି ପଥରେ ସଶରୀର ଗମନ କରି ହୁଏନା । ସାଧନ ଭଜନ ପ୍ରିୟ ଭକ୍ତମାନେ କେବଳ ମନେ ମନେ ବା ମାନସ ପ୍ରକ୍ରିୟାରେ ଗୋପନରେ ସେହି ପଥରେ ଗମନ କରିବେ ।

**କୋଷ ଚିହ୍ନି ମନ୍ତ୍ର ଦେବେ ଗୁରୁ ରୂପେ ଜାଣ । ସ୍ନାୟୁ ଦେଖି ପ୍ରଣାମକୁ କରିଥିବୁ ଟାଣ ।।୫।।**

ସେହି ପରମପୁରୁଷ ଉଭୟ ଗୁରୁ ଅଙ୍ଗ ଓ ଇଷ୍ଟ (ଈଶ୍ୱର) ଅଙ୍ଗରେ ଧରାଧାମରେ ଆବିର୍ଭୂତ ହେବେ । ପ୍ରଥମେ ସେ ଗୁରୁଅଙ୍ଗରେ ଗୁରୁ ରୂପେ ବିରାଜମାନ କରି ଗୁରୁଲୀଳା ଭିଆଣ କରିବେ । ଅନେକ ଦିବ୍ୟାତ୍ମା ତାଙ୍କ ପଦ୍ମପାଦପୀଠରେ ସମବେତ ହୋଇ ତାଙ୍କୁ ଗୁରୁ ରୂପେ ବରଣ କରି ଶିଷ୍ୟତ୍ୱ ଗ୍ରହଣ କରିବେ । ସେ ପ୍ରତ୍ୟେକ ଦିବ୍ୟାତ୍ମାଙ୍କର କୋଷ ଓ ସ୍ନାୟୁ ଦେଖି ଚିହ୍ନି ଜୀନ୍ (ଆତ୍ମଃସ୍ୱରୂପ) (ଯାହାକି ଶ୍ରୀମଦ୍ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ଶ୍ରୀ ପୁରୁଷୋତ୍ତମଯୋଗଃର ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ଳୋକରେ ବର୍ଣ୍ଣିତ) ନିର୍ବାଚନ କରି ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ମନ୍ତ୍ର ତଥା ପ୍ରଣାମ ବିଧି ବିଧାନ ଦେବେ । ପ୍ରତ୍ୟେକ ବ୍ୟକ୍ତି (ଶିଷ୍ୟ)ର ଜୀବନ ଅନ୍ୟଠାରୁ ଭିନ୍ନ । ତେଣୁ ପ୍ରତ୍ୟେକଙ୍କର ଆସନ, ମୁଦ୍ରା, ଲୟ, ମନ୍ତ୍ର, ପ୍ରଣାମ, ଅର୍ଘ୍ୟଫଳ ଓ ଅର୍ଘ୍ୟତିଥି ମଧ୍ୟ ସ୍ୱତନ୍ତ୍ର ଓ ଭିନ୍ନ । ଏ ଯୁଗରେ ସାର୍ବଜନୀନ ମନ୍ତ୍ର ଦ୍ୱାରା ମୁକ୍ତି ମୋକ୍ଷ ନିର୍ବାଣର ପଥ ଖୋଲେ ନାହିଁ ବା ଜୀବ ଗୁରୁଙ୍କ ସାର୍ବଜନୀନ ମନ୍ତ୍ର ଦ୍ୱାରା ବା ସାଧନ ପ୍ରକ୍ରିୟା ଦ୍ୱାରା ଉକ୍ତ ହୋଇପାରିବ ନାହିଁ । ଗୁରୁଅଙ୍ଗରେ ଆବିର୍ଭୂତ ପରମପୁରୁଷଙ୍କ ପ୍ରଦତ୍ତ ଧାରାରେ ଟାଣ ରଖି ନିର୍ଦ୍ଦେଶିତ ସାଧନ ପ୍ରକ୍ରିୟାରେ ଅଭ୍ୟସ୍ତ ହୋଇପାରିଲେ, ବଦ୍ଧଜୀବ ମୁକ୍ତ ହେବା ସମ୍ଭବ ।

**ଅଷ୍ଟଅଙ୍ଗ ଲଗାଇ ତୁ ପ୍ରଣାମ କରିବୁ । ସହଜ ସୂତ୍ରର ନାମ କଳିକି ତରିବୁ ।।୬।।**

ଧରାଧାମକୁ ଗୁରୁଅଙ୍ଗରେ ଓହ୍ଲାଇ ଆସିଥିବା ପରମପୁରୁଷ ଜୀନ୍ ନିର୍ବାଚନ କରି ଯାହାକୁ ଯେପରି ସାଧନ ସୂତ୍ର ଦେଇଅଛନ୍ତି, ସେ ତାହା ନିଖୁଣ ଓ ନିର୍ଭୁଲ ଭାବରେ ଆନ୍ତରିକତାର ସହିତ କଲେ, ଏ ଘୋର କଳିକାଳରୁ ତରିଯିବା ସମ୍ଭବ ହେବ । ସେହି ସାଧନ ସୂତ୍ରର ସହଜ ସୂତ୍ର ହେଉଛି ସାଷ୍ଟାଙ୍ଗ ପ୍ରଣାମ । ଶରୀରର ଅଷ୍ଟ ବା ଆଠଗୋଟି ଅଙ୍ଗ ଭୂମିରେ ଲଗାଇ ପ୍ରଣାମ କରିବାର ଧାରା ହିଁ ସାଷ୍ଟାଙ୍ଗ ପ୍ରଣାମ । ଏହି ଅଷ୍ଟଅଙ୍ଗ ହେଉଛି ଦୁଇ ଆଣ୍ଠୁ, ଦୁଇ କହୁଣି, ନାସାଗ୍ର, କପାଳ, ଏକ ପାଦର ବୃଦ୍ଧାଙ୍ଗୁଳି ଓ ଯୋଡ଼ହସ୍ତ ।

ଏହାର ସୂତ୍ର ନିମ୍ନରେ ଦିଆଗଲା ।


ହାତ ଗୋଡ଼ ଯୋଡ଼ି ହୋଇବୁ ଉଭା । ବିନୟେ ବିନୟୀ ଭାଙ୍ଗିବୁ ଗ୍ରୀବା ।।
ଦୃଷ୍ଟି ପକାଇବୁ ପାଦ ପଦ୍ମକୁ । ତିନି ନିଶ୍ୱାସରେ ଖସ ତଳକୁ ।।
ଆଣ୍ଠୁମାଡ଼ି ବସ ଯୋଡ଼ ହସ୍ତରେ । ମନ୍ତ୍ର ପଢି ଯାଅ ତିନି ଧାପରେ ।।
ହାତେ ହାତେ ଛାଡ଼ି ପାହୁଲ ନବୁ । ତିନି ପାହୁଲରେ ଭୂଇଁ ଛୁଇଁବୁ ।।
ଆଣ୍ଠୁ ଦୁଇଗଣ୍ଡି କହୁଣି ଦୁଇ । ପାପୁଲି ଦୁଇରେ ଭରା ଲଗାଇ ।।
ନାସିକା ମସ୍ତକ ମୁଦ୍ରାରେ ଲଗା । ଦୁଇପାଦୁଁ ଏକ କର ଅଲଗା ।।
ଭୂମିରୁ ଦ୍ୱାଦଶ ଆଙ୍ଗୁଳ ନାଭି । ପ୍ରାଣାୟାମ ସୂତ୍ରେ ଶ୍ରୀଗୁରୁ ଭାବି ।।
ମେରୁଦଣ୍ଡ ରଖ ସଳଖ କରି । କୁଣ୍ଡଳିନୀ ଦ୍ୱାରେ ପବନ ଭରି ।।
ବ୍ରହ୍ମରନ୍ଧ୍ରେ ପ୍ରାଣ ପଶିବ ଯାଇ । ଚରମ ସ୍ଥାନକୁ ବାଟ ଫିଟାଇ ।।
ହେବୁରେ ଚେତନ ଆସିବ ଜ୍ଞାନ । ସାଷ୍ଟାଙ୍ଗ ପ୍ରଣାମ ସୂତ୍ର ସାଧନ ।।
ଏକଥା କହୁଛି ତୋତେ ସହଜସୂତ୍ରରେ । ଜାଣିଥା ଅଚ୍ଛୁତ କହେ ଏ ଦିବାରାତ୍ରରେ ।।

ମହାପୁରୁଷ ଅଚ୍ୟୁତାନନ୍ଦ ପଞ୍ଚଶିଷ୍ୟ ରାମଦାସଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ଦିନର ରାତ୍ରିକାଳରେ ଏକଥା କହୁଛନ୍ତି । ଏହା ହିଁ କଳିକାଳରେ ବିଷୟାବିଷଜ୍ୱାଳାରୁ ମୁକ୍ତି ପାଇବାର ଏକମାତ୍ର ସହଜ ସୂତ୍ର । ଦିବ୍ୟାତ୍ମା ଆଧାତ୍ମବାଦୀ ଜୀବଗଣ ଏହି ସୂତ୍ର ପ୍ରତି ଆସ୍ଥାବାନ୍ ହୋଇ ଅଭ୍ୟାସ ଯୋଗରୁ ଏହା ନିୟମିତ ବିଧିବଦ୍ଧ ଭାବରେ ସାଧନ କଲେ ମୁକ୍ତି ଅବଶ୍ୟ ପାଇବେ । ଅନ୍ୟମାନେ ଏଥି ପ୍ରତି ଆକୃଷ୍ଟ ନ ହୋଇ ଦୂରେଇ ଯିବେ ଓ ଗୃହୀତ ଫଳ ଭୋଗି ଭୋଗି ନୟାନ୍ତ ହେବେ ।

ଗୁରୁ ଭଜ, ଗୋବିନ୍ଦ ଭଜ,
ଭଜ ବୀଜ ନାମ ।
ସ୍ଥିର ଚିତ୍ତେ ସନ୍ତୋଷରେ
ଖୋଜ ନିଜ ଧାମ ।।

ଜଞ୍ଜାଳରେ ଜଳି ଗଲେ ବି
ଗୁରୁଙ୍କୁ ନ ଦିଅ ଦୋଷ
ସୂକ୍ଷ୍ମ ସତ୍ତା ସୂକ୍ଷ୍ମରେ ତୋର
ଭରି ଦେବ ସନ୍ତୋଷ ।।

# ସମ୍ଭବାମି ଯୁଗେ ଯୁଗେ
# ଗର୍ଭବେଦୀ



*ସ୍ଥୂଳଜଗତରେ ଏହି ଧରାଧାମରେ ମାନବଲୀଳା ସଂରଚନ ନିମନ୍ତେ ରାମ, କୃଷ୍ଣ ଆଦି ଜନନୀ, ଜଠର, ଜରାୟୁ ମଧ୍ୟ ଦେଇ ନରତନୁ ଧାରଣ କରନ୍ତି । ଆଜି ଅନ୍ତକଳିର ଅନ୍ତିମ ପର୍ଯ୍ୟାୟରେ ପରମକାରୁଣିକ ପରମ ପ୍ରେମମୟ ଜୀବନ ଦେବତା ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ସେହି ଅନୁସୃତିରେ ମାତା ସୁକାନ୍ତି ଦେବୀଙ୍କ ଗର୍ଭମଣ୍ଡନ କରି ଅବତରଣ କରନ୍ତି । ସେହି ଆବିର୍ଭାବ ଅନୁଭୂତି ହିଁ ''ସମ୍ଭବାମି ଯୁଗେ ଯୁଗେ''ର ସ୍ୱାକ୍ଷର । ଶ୍ରୀଶ୍ରୀଶ୍ରୀ ଠାକୁର ଚରମର ପ୍ରଥମ ସଂଖ୍ୟାରୁ ଏଯାବତ୍ କ୍ରମାନୁସାରେ ତାହାର ବିବରଣୀ ଜନମାନସରଂଜନ ନିମନ୍ତେ ପ୍ରଦାନ କରି ଆସୁଛନ୍ତି । ସମ୍ପ୍ରତି ଏହି ସଂଖ୍ୟାରେ ପ୍ରଭୁଙ୍କର ମାତୃଗର୍ଭରେ ଚତୁର୍ଥ ମାସର ଅନୁଭୂତି ପ୍ରଦତ୍ତ ହୋଇଛି ।*

## ଜନନୀ ଜଠର ଜରାୟୁ

**ମାତୃ** ଗର୍ଭରେ ମାଂସ ପିଣ୍ଡ - ଚଉଦ ବ୍ରହ୍ମାଣ୍ଡ ସ୍ଥୂଳତ୍ୱ ଧାରଣ ପର୍ଯ୍ୟନ୍ତ ବ୍ୟାପିଥିବା ସୂକ୍ଷ୍ମର ମୂଳଭିତ୍ତି ପିଣ୍ଡକୁ ନେଇ ତୃତୀୟ ମାସରେ ତାହା ଅନୁଭୂତ ହୁଏ । ସେହି ଅନୁଭୂତିରୁ ଦେଖାଯାଏ ଯେ, ମହାଶୂନ୍ୟର ଶଙ୍କଟକ ବ୍ରହ୍ମମଣ୍ଡଳରେ ବାଇଗଣି ରଙ୍ଗର ସୂକ୍ଷ୍ମଆତ୍ମା ସରୀସୃପ ପ୍ରାଣୀଗୁଡ଼ିକ ଭଳି ଏକରୁ ଅନେକ ରୂପ ଧାରଣ କରି ଭାସମାନ ଅବସ୍ଥାରେ ତଳୁ ଉପରକୁ ଯାଉଛନ୍ତି । ଏହି ଗତି ସୂତ୍ରରେ ଆତ୍ମା ସପ୍ତଲୋକକୁ ଆସି ମର୍ତ୍ତ୍ୟଭୂମିକୁ ଅଣ୍ଡଜ, ସ୍ୱେଦଜ ଶରୀର ଧାରଣ ନିମନ୍ତେ ଖସୁଛନ୍ତି । ଉଦ୍ଭିଦଜଗତ ମଧ୍ୟରେ ବକ୍ରାକୃତି ଆତ୍ମା ବ୍ରହ୍ମମଣ୍ଡଳରେ ଥାଇ ମର୍ତ୍ତ୍ୟମଣ୍ଡଳରେ ମଧ୍ୟ ଦେହ ଧାରଣ କରୁଥିବାରୁ ଅନୁଭୂତ ହୁଏ । ବ୍ରହ୍ମମଣ୍ଡଳର ବାଇଗଣି ରଙ୍ଗ ମଧ୍ୟରେ କେତେକ ଘନନୀଳବର୍ଣ୍ଣର ଆତ୍ମା ଏପଟ ସେପଟ ଗତି କରୁଥାଆନ୍ତି । ସମୟ ସମୟରେ ଆତ୍ମାଗୁଡ଼ିକର ଗତି ପଥମାନ ସ୍ପଷ୍ଟ ଦେଖାଯାଏ । ହିମାଳୟର ଏଭରେଷ୍ଟ ଶୃଙ୍ଗ ଆରୋହଣ କାଳୀନ ଗତି ଭଳି ସେମାନଙ୍କର ଗତି । ଏହି ଶୃଙ୍ଗର ବର୍ଣ୍ଣ ଘନନୀଳ । ଏଠାରେ ନୀଳବର୍ଣ୍ଣର ଚବିଶ (୨୪) ଗୋଟି ସୋପାନ ମଧ୍ୟ ଦେଖାଯାଏ । ଏହି ସୋପାନରେ ସତ୍ତ୍ୱଗୁଣର ବ୍ରହ୍ମସତ୍ତା ଦ୍ୱିଗୁଣିତ ହୋଇ ସାନ ହୋଇ ଯାଉଥାଆନ୍ତି । ବେଳେବେଳେ କେତେକ ସତ୍ତ୍ୱଗୁଣ ବ୍ରହ୍ମସତ୍ତା ବକ୍ରାକୃତି ମଧ୍ୟ ହେଉ ଥାଆନ୍ତି ।

ଏହି ବକ୍ରାକୃତି ବ୍ରହ୍ମସତ୍ତାର ବର୍ଣ୍ଣ ନୀଳ ତଥା ଈଷତ୍ ଧୂସର । ରଜଗୁଣର ଆତ୍ମାଗୁଡ଼ିକ ସୂକ୍ଷ୍ମ ଜ୍ୟୋତି ରୂପରେ ମାୟାଚକ୍ଷୁ ଧାରଣ କରି ଗ୍ରହ ନକ୍ଷତ୍ର ନିକଟକୁ ଗତି କରୁଥାଆନ୍ତି । ଜନନୀ ଜଠରରେ ଚାରିମାସ ବେଳକୁ ଏହା ସ୍ପଷ୍ଟ ଅନୁଭୂତ ହେଉଥାଏ । ଗାଢ଼ ସବୁଜ ବର୍ଣ୍ଣରେ ସମଗ୍ର ସପ୍ତଲୋକର ସୂକ୍ଷ୍ମଲୀଳାସବୁ ଅନୁଭୂତ ହୁଏ । ଏହି ଲୀଳା ଭିତରେ ବ୍ରହ୍ମା, ବିଷ୍ଣୁ, ଶିବ, ଶକ୍ତିମାନେ ସୂକ୍ଷ୍ମାତିସୂକ୍ଷ୍ମ ସ୍ତରରେ ଜୀବକୁ ଆଶିଷ ପ୍ରଦାନ କରୁଥାଆନ୍ତି । ମର୍ତ୍ତ୍ୟଲୋକରେ ଜନ୍ମମୃତ୍ୟୁର କାରଣ ତଥା କର୍ମଯୋଗର ଗୃହିତ ଫଳରେ ଉପରୋକ୍ତ ଦୈବୀଶକ୍ତି ଗୁଡ଼ିକ ଯୁକ୍ତହୋଇ

ବେଳେ ବେଳେ ସବୁଜ ବା ନୀଳ ରଙ୍ଗ ଧାରଣ କରି ପୁଣି ହିରଣ୍ୟ ଗର୍ଭକୁ ଠେଲି ଦେବାର ଅନୁଭବ ହୁଏ ।

ଯେଉଁ ବ୍ରହ୍ମମଣ୍ଡଳରେ ୬୪ ପାହାଚ ଦେଖାଯାଏ, ସେଠାରେ ବିଭିନ୍ନ ଆତ୍ମାସ୍ୱରୂପ ବା ଜିନ୍ ବିରାଜି ଥାଏ । ସେହି ପାହାଚରେ ନରଦେହର ଗୁଣପିଣ୍ଡ ବା ଜିନ୍ କେବଳ ଦେଖାଯାଏ । ନରଦେହର ଗୁଣପିଣ୍ଡର ଆତ୍ମା ବା ବ୍ରହ୍ମକୋଷ ଗୁଡ଼ିକ ପ୍ରାରବ୍ଧ କର୍ମଫଳ ହିସାବ ନେଇ ଯୋନି ଧାରଣ କରୁଥାଆନ୍ତି । ପାପଆତ୍ମାର ପିଣ୍ଡଗୁଡ଼ିକ ପ୍ରକୃତିସ୍ଥ ପ୍ରେତମଣ୍ଡଳରେ ଟାଣି ହୋଇ ରହି ଯାଉଥାଆନ୍ତି । ଏହି ପ୍ରେତମଣ୍ଡଳର ବର୍ଣ୍ଣ ଦେଖିବାକୁ ହଳଦିଆ ଓ ଭିତରେ ଈଷତ୍ ଲାଲ ରଙ୍ଗ । ଏହି ରଙ୍ଗର ମଣ୍ଡଳ ମଧ୍ୟରେ ପାପାତ୍ମାଗୁଡ଼ିକ ଦୀର୍ଘ ଦିନ ଧରି ଭ୍ରମଣ କରୁଥିବାର ଦେଖାଯାଏ । ପୁଣ୍ୟାତ୍ମା ପରମବ୍ରହ୍ମ ସହିତ ଲୀନ ହୋଇ ଯାଉଥାଆନ୍ତି । ଅଧିକ କ୍ରିୟାଶୀଳ ପ୍ରାଣର ଶକ୍ତିସ୍ୱରୂପ ଗୁଣପିଣ୍ଡର ଆତ୍ମା ସାହସ, ଧୈର୍ଯ୍ୟ, ଶୌର୍ଯ୍ୟ, ପ୍ରଖର ବୁଦ୍ଧି, ସଦ୍‌ସଂକଳ୍ପ ଓ ସକ୍ରିୟତା ପ୍ରକୃତି ସହିତ ନିୟୋଜିତ ହୁଏ । ଏହି ମଣ୍ଡଳ (ବ୍ରହ୍ମମଣ୍ଡଳ)ରେ ପ୍ରଜ୍ଞା ଦ୍ୱାରା ସଦ୍‌ସଂକଳ୍ପ, ସତ୍‌କର୍ମ, ସଦ୍ ଜ୍ଞାନ ଓ ସଦ୍‌ସଙ୍ଗ ଭିତ୍ତିରେ ପ୍ରାଣୀ ଜାଣନ୍ତି ଓ ଅଧିକ ସଦ୍‌ବୁଦ୍ଧିର ସଦୁପଯୋଗ କରି ଜୀବନର ସଦ୍ ଉଦ୍ଦେଶ୍ୟ ପ୍ରାପ୍ତ ହେବାର ଦେଖାଯାଏ । ଏହି ଜୀବନ୍ତ ପ୍ରାଣ ଦ୍ୱାରା ଉତ୍କୃଷ୍ଟ ଜୀବର ଉପଲବ୍ଧ ହେବାର ଅନୁଭୂତ ହୁଏ । ଏଠାରେ ଥିବା ଧାତୁପିଣ୍ଡର ଚେତନାର ଅନେକାଂଶ ଅନୁଭୂତ ହୁଏ ।

ପ୍ରାଣ ଜୀବନସତ୍ତାର ଜନକଗତର ସୂକ୍ଷ୍ମ ସକ୍ରିୟ ତଥା ସତେଜ କରି କୋଷରେ ପରିଣତ କରିଥାଆନ୍ତି । ଏହି କୋଷପ୍ରାପ୍ତ ଆତ୍ମାଗୁଡ଼ିକ ପୁଣ୍ୟକୁଣ୍ଡରେ ବୁଡ଼ଦେଇ ବ୍ରହ୍ମର ସଦ୍‌ଶକ୍ତି ଗ୍ରହଣ କରି ଦେହ ଧାରଣ କରିବାକୁ ଝାମ୍ପ ଦେବାର ଦେଖାଯାଏ । ସେହି ଅବସ୍ଥାରେ ସେଗୁଡ଼ିକର ବର୍ଣ୍ଣ ନାରଙ୍ଗୀ ରଙ୍ଗର, ପରେ ସେଗୁଡ଼ିକ ଧୂସରବର୍ଣ୍ଣ ହୋଇଯାଏ । ଗୁଣପିଣ୍ଡଗୁଡ଼ିକ ପୃଥୁଳାକାର କୋଷରେ ଭାସମାନ ଅବସ୍ଥାରେ ଦେଖାଯାଆନ୍ତି । ନିରଞ୍ଜନ ବ୍ରହ୍ମମଣ୍ଡଳରେ ରହି ମହାକାଶରେ ହରିଦ୍ରାବର୍ଣ୍ଣ ଧାରଣ କରି ଅନେକ ବ୍ରହ୍ମର ଅଣ୍ଡ ଧାରଣ କରେ । ଏହି ଅଣ୍ଡକୋଷରୁ ଅନେକ ପ୍ରାଣର କୋଷ ଆତ୍ମା ହୋଇ ଛପି ରହିଥାଆନ୍ତି । ଏହି ଅବସ୍ଥାରେ ମହାମାୟାର ମାୟାଜ୍ୟୋତି ସୂକ୍ଷ୍ମ ଚକ୍ଷୁ ଅଗ୍ନିକଣିକା ପ୍ରକୋପ ଭାବେ ପ୍ରକାଶ ପାଏ । ତାହା ଏହି କୋଷଗୁଡ଼ିକୁ କୋଳକୁ ନେଇଯାଆନ୍ତି । କୋଷଗୁଡ଼ିକ ମୋହମାୟାଚ୍ଛନ୍ନ ସୂକ୍ଷ୍ମବୀଜ ଧାରଣ କରି ବ୍ରହ୍ମକାର୍ଯ୍ୟ ଅନୁରୂପେ, ଅଣୁଚକ୍ର ଶିଖାରୂପେ ହିରଣ୍ୟଗର୍ଭରେ ଅଙ୍କିତ ହେବାର ଦେଖାଯାଏ । ଯେଭଳି ଜୁକୁଜୁକିଆ ପୋକଗୁଡ଼ିକ ଆକାଶରେ ଭ୍ରମିଲା ବେଳେ ଏକାଠି ହୋଇ ପୁଣି ବିଚ୍ଛିନ୍ନ ହୋଇଯାଆନ୍ତି, ସେହିପରି କୋଷଗୁଡ଼ିକ ଭାସମାନ ଅବସ୍ଥାରେ କ୍ରିୟାଶୀଳ ଥାଆନ୍ତି । ଦୁଇ ତିନୋଟି ଏକାଠି ହୋଇ ଯାଆନ୍ତି, ପୁଣି ପୁଞ୍ଜାଏ ତଳ ଉପର ବା ଏକାଠି ହୋଇ ମହାଶୂନ୍ୟରେ ଭ୍ରମଣ କରନ୍ତି । ସେହିଭଳି ହିରଣ୍ୟଗର୍ଭର ଶକଟକ ବ୍ରହ୍ମମଣ୍ଡଳରେ ଆତ୍ମାଗୁଡ଼ିକ ଆଲୋକ ଚିତ୍ର ସ୍ୱରୂପ ଧାରଣ କରି ରହିଥାଆନ୍ତି । ଏଠାରେ ଆହୁରି ମଧ୍ୟ ଦେଖାଯାଏ ଯେ, ଜୀବକୋଷର ସୂକ୍ଷ୍ମ ଆତ୍ମାଗୁଡ଼ିକ ସଂସାରର ସ୍ୱତଃକରଣ ଅନ୍ତଃକୋଷରେ ପୃଥକ୍ ଭାବରେ ଗତି କରୁଥାଆନ୍ତି । ଏହି ସମସ୍ତ ଗତିକୁ ପରମସତ୍ତା କାରଣ ଭାବେ ନିୟନ୍ତ୍ରଣ କରନ୍ତି ।


ଚାରିମାସ ଏକୋଇଶ ଦିନ ବେଳକୁ ବ୍ରହ୍ମ ଶିମ୍ବମଞ୍ଜି ଭଳି ଆକାର ଧାରଣ କରି ସୂକ୍ଷ୍ମ ଶରୀରରେ ଖେଳୁଥାଏ । ବିଜୁଳିର ଝଲକ୍ ପରି ଚକ୍ ଚକ୍ ଦେଖାଯାଏ । ଭାସମାନ ମେଘମାଳା ମଧ୍ୟରେ ବିଜୁଳିର ଛଟା ପରି ସ୍ୱର୍ଣ୍ଣାଭ ହରିଦ୍ରାବର୍ଣ୍ଣ ଧାରଣ କରି ସୂକ୍ଷ୍ମକୋଷର ଗୁଣପିଣ୍ଡମାନ ପାଦଚ୍ଛରେ ତଳୁ ଉପରକୁ ସୂକ୍ଷ୍ମଭାବେ ଗତି କରି ଏପଟ ସେପଟ ହେଉଥାଆନ୍ତି । ବେଳେବେଳେ ଚୈତନ୍ୟର ସୂକ୍ଷ୍ମଦ୍ୱାର ଚେତାପଟଳ ଲାଲବର୍ଣ୍ଣ ଧାରଣ କରି

ଜ୍ଞାନତତ୍ତ୍ୱମାନ ସାଇତି ରଖିବାର ଅନୁଭୂତ ହୁଏ । ଏହି ମଣ୍ଡଳରେ ପାପାତ୍ମାମାନେ ମାୟାପଟହ ଚକ୍ଷୁ ନେଇ ଥାଆନ୍ତି । ସେମାନେ ଅଚେତନ ଅବସ୍ଥାରେ ଥିବା ଯୋଗୁଁ ଚେତନ ଦୃଷ୍ଟି ପାଇ ପାରନ୍ତି ନାହିଁ । ପୁଣ୍ୟାତ୍ମାମାନେ ଚୈତନ୍ୟରେ ଥାଇ ମାୟା ପଟହ ହଟାଇ ହିରଣ୍ୟଗର୍ଭର ସମସ୍ତ ଚେତନା ଦୃଷ୍ଟି ନେଇ ଆସନ୍ତି ।

ଏହି ଅବସ୍ଥାରେ ସାଧାରଣ ଜୀବ ମାତୃଗର୍ଭରେ ଥିବାବେଳେ, ମାଆମାନେ ବିଶେଷ କରି ବ୍ରାହ୍ମମୁହୂର୍ତ୍ତରେ ବାରମ୍ବାର ଚମକି ଉଠନ୍ତି । ଦେହ ଉଲ୍ଲସିତ ଓ ପୁଲକିତ ଅବସ୍ଥାରେ ଥାଏ । ଚେତନଶିଶୁର ମାଆର ଅବସ୍ଥା ଭିନ୍ନ । ସେ ବ୍ରହ୍ମମୁହୂର୍ତ୍ତରେ ଚେତାଶୂନ୍ୟ ହୋଇ ଯାଆନ୍ତି । ଏହି ଅବସ୍ଥା ବହୁ ସମୟରେ ପରିଲକ୍ଷିତ ଓ ଦୃଷ୍ଟିଗୋଚର ହୋଇଥାଏ । ଏହି ଅବସ୍ଥାରେ ମାଆର ହୃଦୟ ବିଦାରଣ ହୁଏ । ମସ୍ତିଷ୍କ ବୁଲାଏ, ଆଖି ଝଲସି ଉଠେ । ସେମାନେ ଏସବୁ ଅବସ୍ଥାର ପ୍ରକୃତ-କାରଣ ଜାଣି ନ ପାରି, ବାରମ୍ବାର ଚମକି ଉଠନ୍ତି । ପଞ୍ଚମ ମାସ ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଶକଟକ ବ୍ରହ୍ମମଣ୍ଡଳରେ ତଥା ହିରଣ୍ୟଗର୍ଭର ସୂକ୍ଷ୍ମଲୀଳା ପର୍ଯ୍ୟନ୍ତ ଏହି ଲକ୍ଷଣ ଦୃଶ୍ୟମାନ ଜଗତରେ ପରିଲକ୍ଷିତ ହେଉଥାଏ ।

ଆମ ମୁଖୁ ଶୁଣ କାର୍ଯ୍ୟର ଭାର ।
ତହିଁ ଯୋଖ ତମ ନିସ୍ତର ଧାର ॥
ଏକାଗ୍ର ଚିତ୍ତରେ ସାଧି କରମ ।
ଜନମ ସଫଳ ପ୍ରାଳି ଧରମ ॥

ନିରତେ ନୀରବେ ବୀଜ ତୁ ଜପ ।
ତା' ଠାରୁ ଅଧିକ କି ଅଛି ତପ !!
ମନୁ ବଡ଼ପଣ କରରେ ଦୂର ।
ଅହଂକାର ଅଟେ ନରକ ଦ୍ୱାର ॥



# କଲ୍ୟାଣ ଦେଲି ତୋତେ

*''ସବୁ ପ୍ରାପ୍ତି ମୋର ହଜିଯାଉ ପଛେ ମିଳୁ ସଦା ତମ କଲ୍ୟାଣ !'' ଭକ୍ତ ଦାସର ମାଗୁଣି ଶୁଣି ଭାବଗ୍ରାହୀ ଗୁରୁସ୍ୱାମୀ ଶ୍ରୀ ଶ୍ରୀଠାକୁର ଆମକୁ କଲ୍ୟାଣ ଦେଇ ଅଗଣିତ ଅନୁଗତ ଭକ୍ତ ଭାଇଭଉଣୀଙ୍କର ଭିକ୍ଷାଥାଳି ପୂର୍ଣ୍ଣ କରିଛନ୍ତି । ଚରମ ପୃଷ୍ଠାରେ 'କଲ୍ୟାଣ ଦେଲି ତୋତେ' ଏକ ନିୟମିତ ଧାରାବାହିକ ସ୍ତମ୍ଭରେ ପ୍ରଭୁପାଦ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ସ୍ୱହସ୍ତ ଲିଖିତ ଆଶୀର୍ବାଣୀ ବିଶ୍ୱଜନତାର ବେଦନାର୍ତ୍ତ ହୃଦୟରେ ଆଶା ଆଶ୍ୱାସନାର ପ୍ରଲେପ ଦେବାପାଇଁ ପ୍ରସ୍ତୁତ । ଲକ୍ଷ୍ୟ ପଥରେ ସକଳ ବାଧାବନ୍ଧ ଅତିକ୍ରମ କରି ଆଗେଇ ଯିବା ପାଇଁ ଏହା ପ୍ରତ୍ୟେକଙ୍କୁ ଉତ୍ସାହ ଦିଏ । ଏହା କେବଳ ଏକ ସୁଖ ପାଠ୍ୟ ବିଭାଗ ନୁହେଁ, ନିତ୍ୟ ପାଠ୍ୟ, ଅନୁସରଣୀୟ ଏବଂ ସକଳ ସମସ୍ୟା ଓ ଶଙ୍କା ଦୂର କରିବା ନିମନ୍ତେ ସମୟୋପଯୋଗୀ ପରାମର୍ଶରେ ଭରିଛି ।*

ଚରମରେ ! ମୋର କଳାମାଣିକ ! ମୋ ନୟନ ପିତୁଳିରେ ! ମୋ କଥା ମନେ ରଖିଛୁଟି ବାପ ! ମନକୋଣୁ ମୋତେ ପୋଛିଦେଇ ନାହୁଁ ତ ? ତୋର ନିତିଦିନର କାର୍ଯ୍ୟଜଞ୍ଜାଳ ମଧ୍ୟରେ ମୋତେ ଟିକିଏ ସ୍ଥାନ ଦେଉଛୁ ତ ? ସକାଳୁ ବିଛଣା ଛାଡ଼ିବା ମାତ୍ରେ ମୋତେ ମନେ ପକାଇ ପାରୁଛୁ ? ରାତିରେ ଶୋଇବାବେଳେ ମୁଁ ତୋର ମନେ ପଡୁଛିଟି ? ଶଯ୍ୟା ତ୍ୟାଗଠାରୁ ଆରମ୍ଭ କରି ପୁଣି ଶଯ୍ୟା ଗ୍ରହଣ କରିବା ପର୍ଯ୍ୟନ୍ତ ଦୈନନ୍ଦିନ ଯାହା ସବୁ କରିଯାଉଛୁ, ସେହି ସବୁ କର୍ମରେ ମୋତେ ଯୋଗ କରିପାରୁଛୁ ତ ? ଏହାହିଁ ପରା ପ୍ରକୃତ କର୍ମଯୋଗ ! କର୍ମଯୋଗ ହିଁ ପରା ନିଷ୍କାମ କର୍ମ ! ଏହି ସୂତ୍ରରେ କର୍ମ କଲେ, କର୍ମଫଳ ଭୋଗ ହୁଏ ନାହିଁ । ଏହି ପରା ଅସଲ ତତ୍ତ୍ୱ । ଏହି ତତ୍ତ୍ୱରୁ ଜ୍ଞାନ ଉଦୟ ହୁଏ, ଜ୍ଞାନରୁ ମୁକ୍ତି ମିଳେ, ମୁକ୍ତିରୁ ଭକ୍ତିଭାବ ଆସେ । ଭକ୍ତିଭାବ ଆସିଲେ, ତୁ ଭକ୍ତ ହୋଇଯିବୁରେ ଧନ, ମୋର ପ୍ରିୟଭକ୍ତ ହୋଇଯିବୁ । ଏଇଟି ସାରକଥା । ମନେରଖି ପ୍ରତିଦିନ ପ୍ରତ୍ୟେକ କାର୍ଯ୍ୟ କରୁଥିବୁ । ପାଶୋରି ଯିବୁନି ।

ଚରମରେ, ବାପଧନଟି ମୋର ! ଏଇମାତ୍ର ଚତୁର୍ଥ ପାଦ ଏ ଜଗତରେ ପକାଇଲୁ । କିଛି ନୂଆ ଅନୁଭୂତି ପାଇଲୁ ତ ? ପ୍ରଥମ ପାଦରେ ବଳ ସଞ୍ଚୟ କରି ଦ୍ୱିତୀୟ ପାଦକୁ ଦୃଢ଼ କଲୁଣି ତ ? ତୃତୀୟ ପାଦରେ ତୋର ଢଙ୍ଗ ବଦଳାଇ ଚତୁର୍ଥ ପାଦ ପକାଇବାକୁ ଯାଉଛୁ ବାପ ! ବୁଝୁଛୁ କି କିଛି ? ଦେଖି ଦେଖି ପାଦ ପକେଇ ଚାଲିବୁ । ଲକ୍ଷ୍ୟ ସ୍ଥିର ରଖିଥିବୁ, ଅସ୍ଥିର ହେବୁ ନାହିଁ ବାପ ! ଲୟ ବଦଳି ଗଲେ, ମନ ବଦଳି ଯାଏ । ମନ ବଦଳିଲେ, ଲକ୍ଷ୍ୟ ସ୍ଥିର ହେବ କିପରି ? ଖସଡ଼ା ପଥ ପରା ! ଖସଡ଼ି ପଡ଼ିଯିବୁ ଯେ ରେ ବାପଧନ ! ଚାଲିବା ଧାରା ପରା ମୋ ପାଖରୁ ଶିଖି ନେଇଛୁ ? ଭୁଲି ନାହୁଁ ତ ବାପ ? ମନେ ରଖି ଯେମିତି ଶିଖାଇଛି ସେମିତି ପାଦ ପକାଇ ଆଗକୁ ଆଗକୁ ମାଡ଼ି ଚାଲିବୁ ।

ବାପରେ, ଭୟ କରିବୁନି । ନିର୍ଭୀକ ହୋଇ ତୋ ଲକ୍ଷ୍ୟ ପଥରେ ଚାଲିଥିବୁ । ଥମକି ଥକି ଅଟକି ଯିବୁନି ଧନମଣି ମୋର ! ନିର୍ଭର କରିଥିବୁ, ନିର୍ଭର କଲେ ଅଭୟ ପାଇବୁ । ଅଭୟ ପାଇଲେ ଭୟ କଟିଯିବ । ନିର୍ଭୀକ ହୋଇଯିବୁ ରେ, ନିର୍ଭୀକ ହୋଇଯିବୁ । ଆମେ ପରା ସବୁବେଳେ ତୋ ପଛେ ପଛେ ସାହା ହୋଇ ରହିଛୁ, ଭୟ ଗୋଟାଏ କ'ଣ ? ବୀରବିକ୍ରମରେ ଶକ୍ତିର ସନ୍ତାନ ପରି ତୀବ୍ର ଗତିରେ ଆଗକୁ ମାଡ଼ି ଯା, ଆଗକୁ, ଆହୁରି

ଆଗକୁ । ଏଇ ତିନି ପାଦ ଯାଇ ଯେତିକି ପାଇଛୁ, ସେତିକିରେ ସନ୍ତୁଷ୍ଟ ହୋଇ ଅଟକି ଗଲେ, ଚରମ ପ୍ରାପ୍ତି ହେବ କି ବାବୁ !!

ଚରମରେ, ମୋ ଧନମଣି ! ନିନ୍ଦା ପ୍ରଶଂସାରେ ବାନ୍ଧି ହୋଇ ଯିବୁ ନାହିଁ । ତାହା ମଧ୍ୟ ଆସକ୍ତି, ବନ୍ଧନ ମଧ୍ୟ । ତାହା ବି ମୋହ । ନିନ୍ଦା କିମ୍ବା ପ୍ରଶଂସା ମିଳୁ, ତାକୁ ସବୁ ପାଦରେ ଚଲାପଥରେ ଦଳି ମକଚି ଆଗକୁ ମାଡ଼ିଯିବୁ । ତିନିପାଦରେ ଏ ଧରାଧାମ ଚମକି ଉଠିଲାଣି । ଆଉ ଦୁଇପାଦ ଆଗକୁ ଗଲେ ତୁ ପରା ଜଗଜ୍ଜୟୀ ହୋଇଯିବୁ ରେ ! ତୋତେ ବଳି ବଢ଼ିକି ଆଉ କିଏ ଆଗେଇ ଯିବ କି ? ତୁ ପରା ଅଗ୍ରଣୀ, ଅଗ୍ରଦୂତ ! ଏ ମର୍ତ୍ତ୍ୟଧାମକୁ 'ଚରମ' ନାମ ଧରି ଓହ୍ଲାଇ ଆସିଛୁ 'ଚରମ' ସନ୍ଦେଶ ଦେବାପାଇଁ ! 'ଚରମ' ପ୍ରାପ୍ତିର ଲକ୍ଷ୍ୟ ନେଇ ! ତୁ 'ଚରମ', 'ଚରମ' ପ୍ରାପ୍ତି କରାଇବୁ ।

ଚରମରେ ମୋର ! ମୋ ବାପଟି ପରା ! ଉଚ୍ଚନୀଚ ଭେଦଭାବ, ଜାତିଭେଦ ରଖିବୁ ନାହିଁ । ସମସ୍ତେ ସେହି ଗୋଟିଏ ଜାତି ମଣିଷ ଜାତି । ଗୋଟିଏ ଧର୍ମ : ମାନବ ଧର୍ମ : ସତ୍ୟ ସନାତନ ଧର୍ମ । ବହୁ ପୂର୍ବରୁ ଜାଣିଛୁ, ଶୁଣିଛୁ, ପଢ଼ିଛୁ, ଆମେ କହିଛୁ ପରା ! ଏ ବସୁଧା ଗୋଟିଏ କୁଟୁମ୍ବ । ଏତେ ଶୀଘ୍ର ଏତେ ସହଜରେ ଭୁଲି ଯାଉଛୁ କିପରି ରେ ବାୟା ! ଲଜ୍ଜା ? ଲଜ୍ଜା ତୋର ଗତିପଥ ରୋଧ କରୁଛି ପରା ! ଅରେ ଜୋର୍ କରି ସାମାଜିକ ଚଳଣିକୁ ଛାଡ଼ି ଲଜ୍ଜା, ସଙ୍କୋଚ, କୁଣ୍ଠା, ଭୟ ତଡ଼ି ଦେ ତୋ ହୃଦୟରୁ । ଲଜ୍ଜା, ଘୃଣା, ଭୟ ହିଁ ଆଧ୍ୟାତ୍ମିକ ଜୀବନ ପଥର କଣ୍ଟା । ସେ କଣ୍ଟା ଏଡ଼େଇ ଦେ ରେ ଧନ । ରେ ମୋର ପ୍ରିୟ ଚରମ ! ଭୌତିକ ଜଗତର ଶିକ୍ଷାଗତ ଯୋଗ୍ୟତାକୁ ମାପି ଅନ୍ୟମାନଙ୍କୁ ହେୟ ଜ୍ଞାନ କରିବୁ ନାହିଁ । ଯେଉଁମାନେ ଜାଗତିକ ଶିକ୍ଷାର ମାପକାଠିରେ ତୋତେ ମାପି ତୁଚ୍ଛ ମଣୁଛନ୍ତି, ସେମାନଙ୍କ ଅଜ୍ଞତାକୁ କ୍ଷମା ଦେବୁ । ସେମାନେ କ'ଣ ତୋ ମହିମା ଜାଣିଲେଣି ? ଅହଂକାର କରିବୁ ନାହିଁ । ମାନ, ସମ୍ମାନ, ଉପାଧି, ପଦବୀ, ପ୍ରତିପତ୍ତି ପଛରେ ଧାଇଁବୁ ନାହିଁ । ପରଶ୍ରୀକାତର ହୋଇ ଆପଣାର ଅମଙ୍ଗଳକୁ ଆହ୍ୱାନ କରିବୁ ନାହିଁ । ଏ ସକଳ ପରା ମାନସିକ ବନ୍ଧନ ! ଏ ବନ୍ଧନରେ ପଡ଼ିବୁ ନାହିଁ ରେ ମଣି ! ସଦା ସର୍ବଦା ମୁକ୍ତ ହୋଇ ରହିଥିବୁ ମୋ ବାପଧନଟି ପରା !!

ଚରମରେ, ମୋ ଏକୋଇର ଧନ ବିଶିକେଶନ ! ସ୍ୱାର୍ଥବୁଦ୍ଧି ସମ୍ପନ୍ନ ହୋଇ ଦିନ ମାପିବୁ ନାହିଁଟି ! ଭଲ ପାଇବୁ, ଦେହଘସା ଭାବ ରଖିବୁ ନାହିଁ । ଯାହାକୁ ଯେତେ ବେଶି ଭଲ ପାଇବୁ, ତା'ଠାରୁ ସେତେ ଅଧିକ ଦୂରେଇ ରହିବୁ । ବହୁ ମିଳାମିଶା କରି ବିକୃତ ହେବୁ ନାହିଁ । ମୁଁ କହିଥିବା କଥାକୁ ସ୍ମରଣ କରି ଆପଣାର ଆଚରଣରେ ଫୁଟାଇବୁ । ଖାଲି ତୁଣ୍ଡଟାରେ ବାକ୍‌ବିତଣ୍ଡା କରିବୁ ନାହିଁଟି ! ଲୋକେ କୁହାମୁଣ୍ଡା କପିଳା ବୋଲି ଭାବି ନେବେ ରେ ! ଯେତିକି କହୁଥିବୁ ତହିଁରୁ ଅଧିକ କାମରେ କରି ଦେଖାଇବୁ ମୋ ବାୟାହାତୀ ! କର୍ମଯୋଗକୁ ପାଶୋରିବୁ ନାହିଁରେ ମଣି ! ମୋ ଧନଟି ପରା ! ମୋ ସ୍ନେହରେ ବାନ୍ଧି ହୋଇ ରହିବୁ । ତୋ ସ୍ନେହରେ ମୋତେ ବାନ୍ଧିବାକୁ ଚେଷ୍ଟା କରିବୁ ନାହିଁ, ଠକିଯିବୁ । ଶୂନ୍ୟର ବନ୍ଧନରେ ସକଳ । ଶୂନ୍ୟକୁ କିଏ ବାନ୍ଧି ପାରିବ ରେ ? ନିରାଶ ହେବୁ ନାହିଁ ? ତୁ ସେପରି ପାଗଳାମି କରିବୁ ନାହିଁ ପୁଅ ! ଯାହା ଦେବୁ, ତା' ବଦଳରେ କିଛି ଆଶା ରଖିବୁନି ରେ । ତୋ ମନକୁ ଯାଆ ଆସୁଛି ଦେବୁ, ବାଧା ନାହିଁ । ସେ ସବୁ ତୋ ପାଇଁ ସାଇତା ରହିଛି, ରହିବ । ପ୍ରତିଦାନ ପ୍ରତ୍ୟାଶା କଲେ ସବୁ ଶୂନ୍ୟ, ସବୁ ନାସ୍ତି । ମୁଁ ପରା ଯାଚି ଦେବି ! ତୁଣ୍ଡ ଖୋଲି କହିବୁ କାହିଁକିରେ ପାଗଳା !

ଚରମ, ଧନରେ ମୋର ! ଏ ସ୍ଥୂଳ ଜଗତରେ ନାନା ପଥ, ନାନାମତ, ନାନା ଗତ ରହିଛି । ସେସବୁ ବୁଝି ବିଚାରି ନିଷ୍ପତ୍ତି ନେବା ଜୀବ ପକ୍ଷରେ କଷ୍ଟକର । ତୁ ଏ ସବୁର ଉର୍ଦ୍ଧ୍ୱରେ ରହିବୁ । ନିନ୍ଦା କରିବୁ ନାହିଁ, କେହି ତୋତେ ନିନ୍ଦା କଲେ, ମୋ କଥା ମନେ ପକାଇବୁ, ମୋ ମୁହଁକୁ ଚାହିଁ ଧିରସ୍ଥିର ଶାନ୍ତ ହୋଇ ସହିଯିବୁ ଧନ ! ଏତିକି ନିଶ୍ଚୟ ପରତେ ଯିବୁ: ''ତୁ ମୋର ପ୍ରିୟ ସନ୍ତାନ ତୋ ବୁକୁରେ ମୋର ସ୍ୱହସ୍ତ ଲିଖିତ ବାଣୀ ରହିଛି । ତହିଁରେ ଅସୀମ ଶକ୍ତି ଭରି ରହିଛି । ଗୀତା ଅପେକ୍ଷା ତୁ ଅଧିକ ନିକଟତର, କାରଣ ତୁ ପ୍ରତ୍ୟକ୍ଷପୁରୁଷର ହାତଲେଖା । ତୁ ଯୁଗୋପଯୋଗୀ ଆଲୋକବର୍ତ୍ତିକା ।''

ଚରମରେ ! ଏ ସମାଜରେ କିଏ କେତେ କଥା କହୁ ନାହାନ୍ତି ସତେ ! ତୁ ସବୁ ଶୁଣୁଛୁ । ସବୁ ଜାଣୁଛୁ । ସବୁ ଶୁଣିବୁ, ଜାଣିବୁ, ବୁଝିବୁ ବାପ, ହେଲେ ତୋ ମତରେ ଅଟଳ ଅଚଳ ରହିବୁ । ମୋ ମତ, ପଥ, ଗତ ମୁଁ ତୋତେ ଜଣେଇଛି, ଶୁଣେଇଛି, ଦେଖେଇ ଦେଇଛି ପରା ! କ'ଣ ଭୁଲିଗଲୁ କି ଧନ ! ମୋ ସହିତ ଯୋଗସୂତ୍ର ରଖିଲେ ସିନା ମୁଁ ପୁଣି ଥରେ ଚେତେଇ ଦେବି, ବତେଇ ଦେବି ! ସଂଯୋଗରୁ ଯୋଗ ହୁଏ । ସଂହତିରୁ ଶକ୍ତି ମିଳେ । ବିକାରଗ୍ରସ୍ତ ହୋଇ ଯୋଗସୂତ୍ର ଛିନ୍ନ କରିବୁ ନାହିଁଟି । ବିକୃତ ଜୀବଧର୍ମରେ ପଡ଼ି ସଂହତି ହରାଇବୁ ନାହିଁ । ସଂଘ ସଙ୍ଗ ତ୍ୟାଗ କରିବୁ ନାହିଁ ନଚେତ୍ ଠକିଯିବୁ ଯେ । ଖସରାପଥରେ ପାଦଦେଇ ଖସଡ଼ି ପଡ଼ିବୁ ଯେ । ମୋର ବୋଲ ମାନିବୁ, ବୋଲକରା ହେବୁ ।

ମନକୁ ମେରୁ ପରି ଅଟଳ ରଖିବୁ ମୋ ବାୟା ! ପରନିନ୍ଦା, ପରକୁତ୍ସା ଗାଇ ବୁଲିବୁନି । ତୋ ମୁହଁରୁ ମୋ କଥା ଫୁଟି ବାହାରୁ । ପର କଥାରୁ ତୋତେ କ'ଣ ମିଳିବ ରେ ? କିଏ କ'ଣ କଲା ତହିଁରୁ ତୋର କ'ଣ ଯାଏ ଆସେ ? ତୁ କ'ଣ କରୁଛୁ ନ କରୁଛୁ ସେହି ହିସାବ କଷି ଆମ କଥିତ ପଥରେ ପାଦ ଚାଲି ଅଟଳ ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ଆଗେଇ ଚାଲିବୁ । ଭୂମିର ସନ୍ଧାନ କରିବା ପାଇଁ ମୁଁ କ'ଣ ତୋତେ ସମାଜକୁ ପଠେଇଛି ବାପ ? ତୁ ଭୂମାର ସନ୍ଧାନ କରିବୁ । ତୁ ସତ୍ୟ ସନାତନର ସନ୍ଧାନ କରିବୁ । ଆତ୍ମସ୍ଥ ହେବୁ, ଆପଣା ଭାବରେ ଆମକୁ ରସାଇ ମଜ୍ଜି ରହିଥିବୁ । ଆମ ଭାବର ମନକୁ ରସାଳ କରିବୁ । ପୂର୍ଣ୍ଣାନନ୍ଦ ପାଇବୁ । ବ୍ରହ୍ମାନନ୍ଦ ହୋଇ ଯିବୁ ରେ !!

ନମ୍ର ହେବୁ ଧନମଣି ମୋର, ବିନୟୀ ହେବୁ । ଆତ୍ମବଡ଼ିମା ଗାଇ ବୁଲିବୁନି । ଅନ୍ୟମାନଙ୍କୁ ହେୟ ଜ୍ଞାନ କରିବୁନି । ସେମାନେ ତୋଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି, କି ତୁ ତାଙ୍କଠାରୁ ମଧ୍ୟ କୌଣସି ଗୁଣରେ ଅଧିକ ନୋହୁ । ସାମ୍ୟଭାବ ପୋଷଣ କରିବୁ । ବୈଷମ୍ୟ ଆଣିବୁ ନାହିଁ । ଏହା ହିଁ ବିଷମ ସମସ୍ୟାର ଜନନୀ । ଆପଣା ବୟସ, ସାଧନା, ଶିକ୍ଷାଗତ ଯୋଗ୍ୟତାକୁ ଜାହିର୍ କରି ଆପଣା ଅହଂସର୍ବସ୍ୱ ମତକୁ ଅନ୍ୟମାନଙ୍କ ଉପରେ ଜବରଦସ୍ତ ଲଦି ଦେବୁ ନାହିଁ । ତୁ ପରା ମୋ ମତକୁ ଲୋକସମାଜରେ ବପନ କରିବାର ଦାୟିତ୍ୱ ମୁଣ୍ଡେଇ ବାଟ ଚାଲିଛୁ ? ପୁଣି ତୋ ମତ ଆସିଲା କେଉଁଠୁ ? ତୁ ପରା ଶରଣାଗତିର ବାନା ଉଡ଼େଇଛୁ ? ପୁଣି ପୌରୁଷ ଦେଖାଉଛୁ କିପରି ? ହଁ, ପୁରୁଷାର୍ଥ ଦେଖାଇ ଚରମର ନିକଟତର ହେବାକୁ ସବୁବେଳେ ସାଧ୍ୟ ସାଧନା କରି ଚାଲିବୁ । ପ୍ରାପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେ, ତେଣିକି ଦୈବୀକୃପା ଉପରେ ନିର୍ଭର କରି ଶାନ୍ତ ସମାହିତ ହୋଇ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟର ସହିତ ଅପେକ୍ଷା କରିବୁ ବାପ !!

ଚରମରେ, ମୋର କଳାମାଣିକ ! ସମାଜରେ ଜୀବ ଆପଣା ଭାବରେ ଖେଳ ଖେଳୁଛି । ନିଜ ଇଚ୍ଛାକୁ ଇଷ୍ଟଇଚ୍ଛା ବୋଲି ପ୍ରଚାର କରୁଛି । ବଚନ ସର୍ବସ୍ୱ ବାକ୍ୟବୀରମାନେ ପ୍ରଚାରକ ନୁହଁନ୍ତିରେ, ସେମାନେ ପ୍ରତାରକ, ପ୍ରତାରକ । ସେମାନଙ୍କ କଥାରେ ପରତେ ଯିବୁ ନାହିଁଟି ! ଠକିଯିବୁ ଯେ ଧନମଣି, ଠକିଯିବୁ । ସେମାନଙ୍କ କଥା ଶୁଣି ପ୍ରତିବାଦ କରିବୁ ନାହିଁ । ଏ କାନରେ ପୁରେଇ ସେ କାନରେ କାଢ଼ି ଦେବୁ । ସେମାନେ ଆତ୍ମ ପ୍ରଶଂସକ, ଆତ୍ମ ପ୍ରଚାରକ, ପ୍ରବଞ୍ଚକ, ପ୍ରତାରକ । ସେମାନଙ୍କଠାରୁ ନିଜକୁ ଦୂରେଇ ରଖିବୁ, ନିଜେ ଦୂରେଇ ରହିବୁ । ସେମାନେ ଈର୍ଷା ପରାୟଣ, ହିଂସୁକ । ଅହଂକାରକୁ ଅନ୍ତଃକରଣରେ ସଞ୍ଚି ରଖି ତୋତେ ସେମାନେ ଈର୍ଷା କରନ୍ତି, ହିଂସା କରନ୍ତି, ସାମନାରେ ପ୍ରଶଂସା କରି ପଶ୍ଚାତ୍‌ରେ ନିନ୍ଦା କୁତ୍ସା ରଟନ୍ତି । ସେମାନେ ସର୍ପ ପରି କ୍ରୁର, ଖଳଲୋକ ।

ଚରମ ! ତୁ ମୁହୂର୍ତ୍ତ ସାଧନା କରୁଥିବୁ । ଧାରାଧରି ଧରାଧାମରେ ଚଳୁଥିବୁ । ଆଳସ୍ୟରେ ଅବହେଳା କରିବୁ ନାହିଁ । ତୋତେ ଯାହା ବତାଇଛି, ତୋ ପାଇଁ ତାହାହିଁ ପନ୍ଥା । ଅନ୍ୟ କିଏ କ'ଣ କରୁଛି, ସେଥିକୁ ନଜର ଡୋଳିବୁ ନାହିଁ । ତା' ପାଇଁ ତା' ପନ୍ଥା । ଦିବ୍ୟ ସତ୍ତା ଅନୁଭବ କରିବୁ । ଅନୁଭୂତିରେ ସେହି ସତ୍ତାକୁ ଚୋଳି ଧରିବୁ । ବିଶ୍ୱାସୀ ଭକ୍ତଜନଙ୍କୁ ଅନୁଭୂତି କହି ଭକ୍ତିଭାବ ଉଦ୍ରେକ କରିବୁ । ଅନ୍ୟକୁ ଆଦର ପ୍ରେମ କରିବୁ । ଅବିଶ୍ୱାସୀଙ୍କୁ କିଛି ହେଲେ କହିବୁ ନାହିଁ । ନୀରବ ରହିବୁ । ଅବିଶ୍ୱାସୀମାନେ ତୁଚ୍ଛତାଚ୍ଛଲ୍ୟ କରନ୍ତି । ବିକାରଗ୍ରସ୍ତ

ଜୀବ ସେମାନେ , ବିକୃତ ଭାବ ନେଇ ଖେଳୁଛନ୍ତି । ଖେଳନ୍ତୁ ମନଇଚ୍ଛା । ଚିତା ଲାଗିଲେ ବଳେ ତୁଟି ଯିବେନି ? ଭାବଭେଳିକିରେ ଆମେ ନ ଥାଉଁ । ଆମେ ପରା ଅନ୍ତରତମରେ ଆସନ ମାଡ଼ି ବସିଥାଉଁ ।

**କ**ର୍ମହୀନ ହେବୁ ନାହିଁରେ ଚରମ ! ଆମେ କ'ଣ ସବୁବେଳେ ସବୁକଥା ସମସ୍ତଙ୍କୁ ନିଜେ କହିପାରିବୁ ? ସେଥିପାଇଁ ଆମେ ଲୋକ ବାଛିଛୁ । ସେମାନଙ୍କୁ ନେଇ କାମ କରାଇ ନେଉଛୁ । ତାଙ୍କୁ ତୁ ଅବମାନନା କରିବୁ ନାହିଁ । ଆମ ବାର୍ତ୍ତା ସେମାନେ ନେଇ ତୋତେ ଦେଲେ, ଶିରପାତି ଗ୍ରହଣ କରିବୁରେ ବାୟା ! ବାଉଳା ହୋଇ ତାଙ୍କୁ ଅବମାନନା କଲେ, ତୋର ଅହଂକାର ମୁଣ୍ଡ ଟେକିବ । ଆମକୁ ଅବମାନନା କରିବା ଦୋଷ ଲାଗିବ ଯେ ! ସାମାଜିକ ଅଭ୍ୟର୍ଥନାରେ ମଜିଯାଇ ଅସଲ ଲକ୍ଷ୍ୟ ପଥରୁ ଓହରି ଯିବୁ ନାହିଁ । ସ୍ୱାର୍ଥପରତା ଗୋଟିଏ ମାନସିକ ରୋଗ । ବ୍ୟକ୍ତିଗତ ସମ୍ପର୍କ ରଖି ଆତ୍ମିକ ଉନ୍ନୟନର ପଥ ରୋଧ କଲେ, ଏହି ରୋଗ ଆକ୍ରମଣ କରେ । ଭୌତିକ ପ୍ରାପ୍ତି ପଛରେ ଜୀବ ଧାଇଁ ଧାଇଁ ବନ୍ଧ ହୁଏ । ମୁକ୍ତି ପଥ ଆପଣା ଛାଏଁ ରୁଦ୍ଧ ହୋଇଯାଏ ରେ ! ପରମାର୍ଥିକ ଜୀବନ କଳଙ୍କିତ କଳୁଷିତ ବିଷାକ୍ତ ବିକୃତ ହୋଇଯାଏ । ସାବଧାନରେ ଥିବୁ । ଆମ ପ୍ରତି ଅବଧାନ କରି ରହିଥିବୁ ।

**କେ**ହି ତୋତେ ନ ଚିହ୍ନନ୍ତୁରେ ଚରମ ! ତୁ ଅଚିହ୍ନା, ଅଜଣା ହୋଇ ରହିଥା । ଏଇମାତ୍ର ତିନିପାଦ ପକେଇ ସମାଜକୁ ପଶିଛୁ । ଚତୁର୍ଥ ପାଦ ପକାଇବାକୁ ଯାଉଛୁ । ଏଥିହୁଁ ଏତେ ତରବର କିଆଁ ? ମୁହୂର୍ତ୍ତ ଆସିଲେ ତୋତେ ଖୋଜିବେ, ତୋତେ ହିଁ ଲୋଡ଼ିବେ । ତୁ ମଉଡ଼ମଣି ହୋଇ ଜଗତରେ ପ୍ରତ୍ୟେକ ଜୀବର ହୃଦସ୍ଥଳରେ ବିରାଜିବୁ, ନାହିଁ ? ତୋତେ ଛାଡ଼ି କ'ଣ କୀର୍ତ୍ତନ ହୁଏ ରେ ? ମନଉଣା କରିବୁ ନାହିଁ ଧନ ! କହିଛି ପରା ତୋତେ, ତଳମୁହାଁ ହୋଇ ମଉନ ରହି ଅନ୍ତଃସ୍ଥଳରେ ଆମରି ଭାବକୁ ମୂଳ କରି ଆମ ପ୍ରେମରସରେ ମଜ୍ଜି ରହିବୁ । ଧୈର୍ଯ୍ୟ ଧରିବୁ । ସ୍ଥିର, ଶାନ୍ତ ହୋଇ ରହିଥିବୁ । ଆମେ ସୂକ୍ଷ୍ମରେ କ୍ରିୟା କରି ଚାଲିଛୁ, ଚାଲିବୁ । ତୋ ଉପରେ ଶୁଭ ନଜର ଢାଳି ଦେଉଛୁ, ଦେବୁ । ସବୁ ତୁ ପାଇବୁ ରେ ଗଜାମାଳି, ଚରମ ପ୍ରାପ୍ତି ଲଭିବୁ । ଲକ୍ଷ୍ୟରେ ଲୟ ରଖି ଭୟଶୂନ୍ୟ, ଶଙ୍କାହୀନ ହୋଇ ପାଦ ଗୋଟିଏ ଗୋଟିଏ ପକେଇ ଆଗେଇ ଚାଲ୍ ମୋ ବାୟା !

**ସା**ମାଜିକ ପ୍ରଶଂସା, ପ୍ରତିପତ୍ତି, ଚାଟୁବାଣୀରେ ମୋହିଯିବୁ ନାହିଁ ରେ ଚରମ ! ମୋର ଧନଟି ପରା ! ଏ ସବୁ ଅଢ଼େଇ ଦିନିଆ, ଅନିତ୍ୟ । ନିତ୍ୟ, ସତ୍ୟ, ସନାତନ, ଶାଶ୍ୱତ, ଅବିନଶ୍ୱରର ସନ୍ଧାନୀ ହେବୁ । ନିଷ୍ଠା, ତ୍ୟାଗ, ପ୍ରେମ, ଆନ୍ତରିକତା, ସେବା ଆଦିର ଫଳ ଅମୃତମୟ । ତାହାହିଁ ତୋର ଧ୍ୟେୟ ହେଉ । ମୋର ବୀର ସନ୍ତାନ ହୋଇ ତୁ ଲକ୍ଷ୍ୟ ଭେଦ କର । ଅବିଚଳ ଅଟଳ ମେରୁ ସଦୃଶ ରହ, ଏହାହିଁ ତୋତେ ମୋର ଆଶୀର୍ବାଦ । ତୋର ପ୍ରତ୍ୟେକ ପଦକ୍ଷେପରେ ମୁଁ ତୋତେ କଲ୍ୟାଣ କରୁଛି । ପ୍ରଥମ ପାଦର ଆଶିଷ, ଦ୍ୱିତୀୟ ପାଦର ଆଶୀର୍ବାଦ ଏବଂ ତୃତୀୟ ପାଦର ଆଶୀର୍ବଚନକୁ ପଠନ, ପାଠନ, ମନନ, ସ୍ମରଣ, ଧ୍ୟାନ, କୀର୍ତ୍ତନ କରି ଚାଲିଥିବୁ । ମୁହୂର୍ତ୍ତକ ପାଇଁ ପାଶୋରି ବିସ୍ମରି ଯିବୁ ନାହିଁ ରେ ଗଜାମାଳି !

**ନୀ**ଳରତନ ମୋ ଚରମରେ ! ମୁଁ କଲ୍ୟାଣ ଦେଉଛି ତୋତେ । ତୋ ଜୀବନ କାଳରେ ଦିନଚର୍ଯ୍ୟାରେ ତୁ ଗୋଟିଏ ପରେ ଗୋଟିଏ ପାଖୁଡ଼ା ମେଲାଇ ବିକଶିତ ଅମଳିନ ପବିତ୍ର ଦ୍ୱିତୀୟ ପୁଷ୍ପ ହୋଇ ଆପଣାର ସୁଗୁଣ, ସୁଜ୍ଞାନ, ସୁକର୍ମ, ସୁବାକ୍ୟରେ ଏ ଧରାଧାମକୁ ସୁବାସିତ, ସୁଭାଷିତ କରି ତୋଳ । ଆପଣା ଭିତରେ ଗଚ୍ଛିତ ଶକ୍ତିର ସନ୍ଧାନ କର । ଲକ୍ଷ୍ୟ ପଥରେ ଏକ ଲୟରେ ଅତୁଟ ଅଟଳ ବିଶ୍ୱାସ ଓ ଆନୁଗତ୍ୟର ସହିତ ଆଗେଇ ଚାଲ୍ । ତ୍ୟାଗକର, ତ୍ୟାଗ । ତ୍ୟାଗର ଶକ୍ତି ଅମାପ । ତ୍ୟାଗରୁ ମୁକ୍ତି, ମୋକ୍ଷ, ନିର୍ବାଣ ମିଳେ । ତୋତେ ଏହା ପ୍ରାପ୍ତ ହେବ ହିଁ ହେବ । ଆମେ ପରା ସର୍ବଦା ତୋ ପାଖେ ପାଖେ ରହିଛୁ । ଆଖି ଖୋଲି ଦେଖିରେ ବାୟା ! ତୋ ଚଲାପଥକୁ ମୁକ୍ତି ମଶାଲରେ କିଏ ଆଲୋକିତ କରିଛି ? ଚିହ୍ନି ପାରୁନୁ ? ଭଲ ଭାବରେ ନିରେଖି ଦେଖ୍ । ଚିହ୍ନିବୁ, ନିଶ୍ଚୟ ଚିହ୍ନିବୁ । ନିଜେ ଚିହ୍ନି ଅନ୍ୟ ସମସ୍ତଙ୍କୁ ଚିହ୍ନାଇ ଦେବୁ । ପୂର୍ଣ୍ଣିମା ଚନ୍ଦ୍ରର ଜ୍ୟୋସ୍ନା ବିଛେଇ ଦେବୁ ରେ ମୋର ଅମୃତ ପୁତ୍ର ! ପୁଣି ଥରେ ମୋ କୋଳକୁ ଫେରିଆ ରେ ଚରମ ! ମୋ କୋଳକୁ ଫେରିଆ !!

ଇତି,

ତୋର ଶୁଭାକାଂକ୍ଷୀ

ପିତା

# କେଶବ କୈବଲ୍ୟ କଣିକା

*ପ୍ରଥମ ପୃଷ୍ଠ-ତୃତୀୟ ପାଖୁଡ଼ାରେ 'କେଶବ କୈବଲ୍ୟ କଣିକା' ସ୍ତମ୍ଭରେ ପରମକାରୁଣିକ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀ କତିପୟ ପ୍ରକାଶ ହୋଇଥିଲା । ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ବିଭିନ୍ନ ଦିବସରେ ଆଲୋଚନା ପ୍ରସଙ୍ଗରେ ଦେଇଥିବା ବାଣୀଗୁଡ଼ିକୁ ଗୁରୁଭାଇମାନେ ଲିପିବଦ୍ଧ କରିଅଛନ୍ତି । ଚରମର ପ୍ରତ୍ୟେକ ପାଖୁଡ଼ାରେ ପ୍ରଭୁଙ୍କର ଶ୍ରୀମୁଖବାଣୀରୁ କେତେକ ସୁନିର୍ବାଚିତ ସାର୍ବଜନୀନ ବାଣୀ ପ୍ରକାଶ କରିବା ନିମନ୍ତେ ସଂପାଦନା ସ୍ଥିର କରିଛନ୍ତି ।*

- ସତ୍‌ସଙ୍ଗ ଦିନ କିମ୍ବା ଅର୍ଘ୍ୟ ତିଥିରେ କୌଣସି ବିଷୟ ବାସନା ସମ୍ବନ୍ଧରେ ପ୍ରଶ୍ନ ନ କରିବା ଭଲ । ପରମାର୍ଥ ଦରବାରକୁ ଆସି ସେଥିରେ ସାର୍ଥକ ହେବା ହିଁ ଉଚିତ ।
- ତମେ ତମର କର୍ତ୍ତବ୍ୟ (ଗୁରୁଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ) କରି ଚାଲ ଓ କେବଳ ଗୁରୁଙ୍କର ଆଜ୍ଞାବହ ହୁଅ ।
- ଏଠାରେ ଅନେକେ ଅନେକ ପ୍ରସ୍ତାବ ଦେଇ ନିଷ୍ପତ୍ତି ମଧ୍ୟ ଦେଇ ଦେଉଛନ୍ତି । ସେମାନେ ବୁଝୁ ନାହାନ୍ତି ଯେ, ଏହା ଉପରେ ଏକ ଅଦୃଶ୍ୟ ଶକ୍ତି ନିଷ୍ପତ୍ତି ଦେବା ପାଇଁ ରହିଛି ତେଣୁ ସବୁବେଳେ ପ୍ରସ୍ତାବ ଦେଇ ନିଷ୍ପତ୍ତି ପାଇଁ ଅପେକ୍ଷା କରିବା ଉଚିତ ।
- ଆଶୀର୍ବାଦ ଓ କୃପା କୌଣସି ସ୍ଥୂଳ ବସ୍ତୁ ନୁହେଁ, ଏହା ଅବ୍ୟକ୍ତ । ଏଠାରେ ରହିଲେ ବା ଆନୁଗତ୍ୟ ପ୍ରକାଶ କଲେ ଯେ କୃପା ପାଇଯିବ, ତାହା ନୁହେଁ । କୃପା ପାଇବାକୁ ହେଲେ ଭାବ ଦରକାର ।
- ସମସ୍ତେ ଧର୍ମକଥା ଶୁଣି ପାରିବେ ନାହିଁ । ଶ୍ରୁତିମଣ୍ଡଳରୁ ଯିଏ ଆସିଥାଏ, ସେ କେବଳ ଧର୍ମକଥା ଶୁଣିବ । ବକ୍ତା ଅପେକ୍ଷା ଶ୍ରୋତା ଆଗେ ସମାଧିପ୍ରାପ୍ତ ହୁଅନ୍ତି ।
- ସାଧନାର ପୂର୍ଣ୍ଣ ସିଦ୍ଧି ପରେ ବ୍ରହ୍ମ ଭିତରେ ବ୍ରହ୍ମକୁ ଦେଖି ପାରିବ ଅର୍ଥାତ୍, ବ୍ରହ୍ମ ବ୍ରହ୍ମକୁ ଉପଲବ୍ଧି କରି ପାରିବ ।
- ନିର୍ଦ୍ଦିଷ୍ଟ ବ୍ୟକ୍ତିର ମସ୍ତିଷ୍କର ବୋଧଶକ୍ତିକୁ ମାପି ବା ଲକ୍ଷ୍ୟ କରି ଗୁରୁବାଣୀ ଦେଇ ଥାଆନ୍ତି ।
- ନିର୍ଦ୍ଦିଷ୍ଟ ବ୍ୟକ୍ତି ନ ହେଲେ, ନିର୍ଦ୍ଦିଷ୍ଟ କଥା ଅନ୍ୟକୁ କୁହାଯାଏ ନାହିଁ ।
- ଈଶ୍ୱରଙ୍କ ସନ୍ନିଧାନରେ ଆନନ୍ଦ: ପ୍ରେମାନନ୍ଦ ଅନୁଭୂତ ହେବ । କିନ୍ତୁ ଜୀବ ନିକଟରେ ଭାବ ସୁଖ ଲାଗିବ ।
- ଜୀବ ପାପାଚାରୀ ହୋଇ ପାପର ଚରମ ସୀମାରେ ପହଞ୍ଚିଲେ, ଧର୍ମ ଆଡ଼କୁ ଗତି କରେ ।
- ଅନ୍ୟର ଦୋଷ ଦୁର୍ଗୁଣ ସବୁବେଳେ ଧରିଲେ, ନିଜେ ଦୋଷଦୁଷ୍ଟ ହୋଇଯିବ ।
- ଜୀବ ନିଜର ଭୁଲ୍ ବାରି ବାଛିପାରେ ନାହିଁ । ଅନ୍ୟର ଭୁଲ୍ ବାରିବାରେ ଓ ବାଛିବାରେ ସେ ସଦା ସର୍ବଦା ବ୍ୟସ୍ତ । ତା'ର ଆପଣାର ଭୁଲ୍ କିନ୍ତୁ ଅନ୍ୟମାନେ ବାରି ପାରନ୍ତି ଓ ଧରି ପାରନ୍ତି ।

☆ ବିଷୟ ଜଗତରେ ନାରୀର ପ୍ରାଧାନ୍ୟ ରହିଛି । ନାରୀ ଭିତରେ ବନ୍ଧନର ଶକ୍ତି ରହିଛି । ବନ୍ଧନର ଶକ୍ତି ଯାହା ପାଖରେ ଅଛି, ସଂଚାରିଣୀ ଶକ୍ତି ମଧ୍ୟ ତା'ର ଅଛି । ଆଧାତ୍ମିକ ଜଗତରେ ମଧ୍ୟ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

☆ ଦୟା କ'ଣ ? ମନେକର ଜମିଅଛି, ଚାଷ ନ କଲେ ପ୍ରଭୁ କ'ଣ ଖାଇବାକୁ ଦେବେ ? କର୍ମକର, ପରେ ଦୟା ଆପେ ଆସିବ ।

☆ ଶାରୀରିକ ଶକ୍ତି ଓ ବୋଧଶକ୍ତିର ଅଭାବରୁ ଜୀବ ଧୈର୍ଯ୍ୟହରା ହୋଇପଡ଼େ । ଫଳତଃ ସେ ପରିବାରର ଓ ସମାଜର କଷଣ ସହିବା ପାଇଁ ଅକ୍ଷମ ହୁଏ ।

☆ ଶରୀର ସନ୍ଦେହୀ । ସନ୍ଦେହୀ ଶରୀରରେ ବୋଧଶକ୍ତି ଅଭାବ ହେତୁ ଜୀବର ଈର୍ଷା ଓ ଅବିଶ୍ୱାସ ଭାବ ସୃଷ୍ଟି ହୁଏ, ହେବା ମଧ୍ୟ ସ୍ୱାଭାବିକ । ଅପର ପକ୍ଷରେ ସନ୍ଦେହ ଦ୍ୱାରା ମସ୍ତିଷ୍କର ବ୍ୟାୟାମ ହୁଏ । ମାନସିକ ବ୍ୟାୟାମ ନ ହେଲେ, ଜିଜ୍ଞାସା ଭାବର ଉଦ୍ରେକ ହୁଏ ନାହିଁ ।

☆ ଦୃଢ଼ଭାବରେ ପ୍ରତ୍ୟକ୍ଷ ଗୁରୁଙ୍କ ଉପରେ ବିଶ୍ୱାସ ରଖ । ନିଜର ଦୃଢ଼ତା ଥିଲେ ପରୋକ୍ଷରେ ପ୍ରତ୍ୟକ୍ଷ ଗୁରୁଙ୍କୁ ଜଣାଇଲେ, ସେ ନିଶ୍ଚୟ ଶୁଣିବେ ଓ ସହାୟ ହେବେ । ଗୁରୁ ବା କୌଣସି ସାଧୁପୁରୁଷଙ୍କ ନିକଟରେ ଜୀବ ପ୍ରତ୍ୟକ୍ଷ ଭାବରେ ସମସ୍ୟା ଜଣାଏ । କିନ୍ତୁ ଭାବ ଓ ବିଶ୍ୱାସର ଦୃଢ଼ତା ଥିଲେ, ପରୋକ୍ଷ ଭାବରେ ଗୁରୁଙ୍କୁ ନିଜର ସମସ୍ୟା ଜଣାଇ, ଫଳ ଅବଶ୍ୟ ପାଇପାରିବ ।

☆ "ଏ ଦେହ ଥିଲେ ସର୍ବ ପାଇ" । କର୍ମକଲେ ଏ ଜନ୍ମରେ ଏଠାକୁ ବାରମ୍ବାର ଆସୁଥିବା ଫଳ ଅବଶ୍ୟ ପାଇବ । ତା' ନ କଲେ, ପରଜନ୍ମରେ ପୁଣି କର୍ମ କରିବାକୁ ପଡ଼ିବ ।

☆ ଯୁକ୍ତି କରିବା ଗୋଟିଏ ଦିଗରୁ ଠିକ୍ । କିନ୍ତୁ ଅନ୍ୟ ଦିଗରୁ ଭୁଲ୍ । ଯୁକ୍ତି ଦ୍ୱାରା ଭକ୍ତିଭାବ କମିଯାଏ । ସାଂଖ୍ୟବାଦୀମାନଙ୍କର ଭକ୍ତି ଅଛି, ଯୁକ୍ତି ମଧ୍ୟ ଅଛି । କିନ୍ତୁ ସାଧାରଣ ଲୋକଙ୍କର ଭକ୍ତି ବିହୀନ ଯୁକ୍ତି ତର୍କ ରୂପରେ ଛିଡ଼ା ହୁଏ । ଏହି ପ୍ରକାର ତର୍କ କଲେ ବା ଶୁଣିଲେ ଅନ୍ତରରେ ସଞ୍ଚିତ ଭକ୍ତିଭାବ କ୍ରମେ କ୍ରମେ ହ୍ରାସ ପାଇ ଶୂନ୍ୟ ହୋଇଯିବ ।

☆ ଗୁରୁକୁଳରେ ନିୟମ : ତମ ସିଦ୍ଧାନ୍ତ ତମେ ନେଇ ପାରିବ ନାହିଁ । ଗୁରୁ ହିଁ କେବଳ ସିଦ୍ଧାନ୍ତ ଦେବେ । ଗୁରୁଙ୍କ ସିଦ୍ଧାନ୍ତ ହିଁ ସ୍ଥିର । ଏ ପର୍ଯ୍ୟନ୍ତ ଏପରି ସିଦ୍ଧାନ୍ତ କେହି ନେଇ ନାହାନ୍ତି ।

# ଆଧ୍ୟାତ୍ମିକ ପ୍ରବନ୍ଧ

*ବିଶ୍ୱପ୍ରାଣ ଭାରତରେ ଆଧ୍ୟାତ୍ମିକ ଜୀବନ ବିଗତ କେତେ ଶତାବ୍ଦୀ ଧରି ଅବକ୍ଷୟମାଣ । ସେହି ଅବକ୍ଷୟମାଣ ଆଧ୍ୟାତ୍ମିକ ଜୀବନର ପୁନର୍ବିନ୍ୟାସ ନିମନ୍ତେ ସଂସ୍କାର ମନୋବୃତ୍ତି ନେଇ 'ଚରମ'ର ପ୍ରତି ପାଖୁଡ଼ାରେ ଏକ ବିଶେଷ ଧରଣର ପ୍ରବନ୍ଧ ପ୍ରକାଶ କରିବାର ନିୟମିତତା ସଂପାଦନା ରଖି ଆସିଛି । ଏହି ମାଧ୍ୟମରେ ଏକ ବିଶୁଦ୍ଧ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରି ଅନ୍ଧବିଶ୍ୱାସର ବହୁ ଊର୍ଦ୍ଧ୍ୱକୁ ଉଠିଯିବାର ପ୍ରେରଣା ହେବା ହିଁ ଏହି ସ୍ତମ୍ଭର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ସଂସ୍କୃତିସମ୍ପନ୍ନ ଆଧ୍ୟାତ୍ମିକ ଜୀବନଧାରାରେ ଚଳି ସକଳ ଅସୂୟା, ଅସ୍ମିତା, ଅହଂକାର, ଈର୍ଷା, ହିଂସା, ଦ୍ୱନ୍ଦ୍ୱ, ସଂଘର୍ଷ, ଛଳନା, କପଟାଚାରିତାକୁ ସର୍ବୋତ୍ତକରଣରୁ ଦୂରେଇ ଦେଇ ବିଶ୍ୱଭ୍ରାତୃତ୍ୱ ପ୍ରେମରେ ଅବଗାହନ କରିବା ହିଁ ଆଧ୍ୟାତ୍ମଶିକ୍ଷାର ଚରମ ଓ ପରମ ଲକ୍ଷ୍ୟ । ଆସନ୍ତୁ, ଆମେ ସବୁ ଭୁଲିଯାଇ ଏହି ମଧୁମୟ ସୃଷ୍ଟିକୁ ଅଧିକ ମଧୁର କରି ତୋଳିବା, ମାଧୁର୍ଯ୍ୟ ଉପଭୋଗ କରିବା ।*

## ଅକର୍ମେ ବାସୁଦେବ ପ୍ରୀତି

''କେ'' କ୍ଲୀବ ଭାବଣ୍ଡ ''ଶ'' ସନକାଦିବ ସମସ୍ତୁତ ।
''ବ'' ବ୍ରହ୍ମାଣ୍ଡ ନାଥାୟ ''କେଶବ'' ତ୍ୱଂହି ପ୍ରକୀର୍ତ୍ତିତଃ ॥୧॥
ସ୍ୱର୍ଣ୍ଣକ୍ଷେତ୍ର ମଣ୍ଡନାୟ ମାହାଙ୍ଗା ଗ୍ରାମ ସମ୍ଭିଦଃ ।
ବିଦିତ ଇଦଂ ଭୂଲୋକେ ଅଧୁନା ଜଗଦୀଶ୍ୱର ॥୨॥
ନୀଳାଚଳ ନାଥ ସ୍ୱର୍ଣ୍ଣକ୍ଷେତ୍ରେ ଅବତୀର୍ଯ୍ୟାୟତ ।
କଳୌ କ୍ଲେଶ ବିମୁକ୍ତାୟ ଭକ୍ତାନାଂ ଅଭୟାୟ ଚ ॥୩॥
ମ୍ଳେଚ୍ଛ ସଂହରଣ ନିର୍ବେ ଧର୍ମ ପ୍ରତିଷ୍ଠା କୈବଲ୍ୟ ।
ବିତରଣ ହେତୁ ବିଭୋ ଠାକୁର ତ୍ୱଂ ଇହାଗତ ॥୪॥
ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନ ପ୍ରଦାନ ହେତବ ।
ଆଗତ ନରଶରୀରେ ପାହି ମାଂ ତ୍ୱଂ ହେ କେଶବ ॥୫॥

ଆମେ ସମସ୍ତେ ବିଭିନ୍ନ ଜାଗତିକ କାର୍ଯ୍ୟରେ ରତ ରହି ସ୍ୱଆଚରଣବଶ ବିଭିନ୍ନ କ୍ଷେତ୍ରରେ ନିଜର ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପରାକାଷ୍ଠା ନିମିତ୍ତ ସଦା ଉଦ୍ଭିଷ୍ଟତ ଓ ଜାଗ୍ରତ । ଦୃଶ୍ୟ ସଦା ପରିବର୍ତ୍ତନଶୀଳ ଜଗତରେ ଅନିତ୍ୟ ଶରୀରଧାରୀ ମନୁଷ୍ୟ ନିଜର ଛଳନାତ୍ମକ ଓ ସ୍ୱାଭିମାନରେ ଜର୍ଜରିତ । ନିଜ ଶରୀରରୁ ଉଦ୍ଭବ ଅହମିକାରେ ଆରୁଢ଼ ରହି କର୍ତ୍ତାପଣରେ ନିଜର ଗାରିମାକୁ ଉଦ୍ଦୀପ୍ତ ରଖିବାରେ ବ୍ୟସ୍ତ । ସେ ନିଜ ଭାଗ୍ୟର ପ୍ରତିଷ୍ଠାତା । ସମସ୍ତ ଜଡ଼ ଐଶ୍ୱର୍ଯ୍ୟ, ବୈଭବ ତଥା ଜନାଦୃତ ସମ୍ମାନ ଓ ଯଶର ସେ ନିଜସ୍ୱ ଉଦ୍ୟମ ବଳରେ ଅଧିକାରୀ ଏଭଳି ସଦା ଆସ୍ଫାଳନ କରିଥା'ନ୍ତି । ନିଜର ଉଦ୍‌ଯୋଗ ଓ ପ୍ରଗାଢ଼ ଉଦ୍ୟମ ଦ୍ୱାରା ଏଭଳି ପ୍ରତିପତ୍ତି ସେ ହାସଲ କରିଛନ୍ତି ବୋଲି ସଦା ତାଙ୍କଠାରୁ କ୍ଷରିତ ପ୍ରତ୍ୟେକ ଭାବ ଓ ଅଭିବ୍ୟକ୍ତିରେ ପ୍ରକାଶ୍ୟ ଥିବା ଅପ୍ରକାଶ୍ୟ ଭାବେ ଏଭଳି ଦମ୍ଭୋକ୍ତି ପ୍ରକଟିତ ହୋଇଥାଏ । ସ୍ୱାଭିମାନଗ୍ରସ୍ତ ଜଡ଼ବାଦୀ ଓ ଆଧ୍ୟାତ୍ମବାଦୀ ଉଭୟ ଶ୍ରେଣୀୟ ବ୍ୟକ୍ତିଙ୍କ ମଧ୍ୟରେ ଏଭଳି ଉଦ୍‌ଘୋଷ ପରିଲକ୍ଷିତ ହୋଇଥାଏ । ନିଜର ସ୍ଥିତାବସ୍ଥା ଓ ଅର୍ଜିତ ସ୍ଥିତିରେ ଆରୁଢ଼ ବ୍ୟକ୍ତି ବିଶେଷରେ (ଜଡ଼ ପ୍ରତିଷ୍ଠାବିତ୍ ଅବା ଅଧ୍ୟାତ୍ମବିତ୍) ଏଭଳି ଅସ୍ମିତାର ପରିପ୍ରକାଶ କରୁଥିବାର ଇହଲୋକରେ ସଦା ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ ।

ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ଅଛି ''ଭୋ ଦେବ କର୍ମପାଦେ ସେବ, କର୍ମହୁଁ ନାହିଁ ଅନ୍ୟ ଦେବ' । ପୁନଶ୍ଚ ଉକ୍ତ ପୁଣ୍ୟ ପୁସ୍ତକରେ ଉଲ୍ଲେଖ ଅଛି 'କର୍ମ କରଣେ ଫଳ ପାଇ, ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ।'' ଉଲ୍ଲିଖିତ ଏହି ଦୁଇଟି ଭାଗବତ ବାଣୀ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ କିନ୍ତୁ ବାହ୍ୟ ଦୃଷ୍ଟିରୁ ପରସ୍ପର ବିରୋଧାଭାସ ଭଳି ପ୍ରତୀତ ହେଉଛି । କିନ୍ତୁ ଏହି ଉଭୟବାଣୀ ନିଗୂଢ଼ ତତ୍ତ୍ୱ ଆଧାରିତ ପରସ୍ପର ପରିପୂରକ ଅଟେ । ଏହାର ଅନ୍ତର୍ନିହିତ ତାତ୍ତ୍ୱିକ ସମାବେଶ ଜାଣିବାକୁ ହେଲେ କର୍ମ, ବିକର୍ମ ଓ ଅକର୍ମ ଏଭଳି କର୍ମର ତ୍ରିଧାର ଗତି ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ଆବଶ୍ୟକ । ଏହା କର୍ମର ତାମସିକ, ରାଜସିକ ଓ ସାତ୍ତ୍ୱିକ ଗୁଣ ସମ୍ବଳିତ ରୂପ ଅଟେ ।

**କର୍ମ** ବୋଲିଲେ ସାଧାରଣତଃ ଶରୀରସ୍ଥ ବିଭିନ୍ନ ଅବୟବର ଚାଳନା ଜନିତ ଶାରୀରିକ ଓ ଚିନ୍ତନ ଆଦି ମାନସିକ କର୍ମ ଆଦିକୁ ବୁଝାଏ । ଏହା ଗୌଣ କର୍ମ ଏବଂ ପ୍ରାଣୀର ଅଧୀନ କର୍ମ ଅଟେ । କାରଣ ମୃତ ବ୍ୟକ୍ତିର କାୟିକ ତଥା ମାନସିକ ସମସ୍ତ କର୍ମ ବିରୁଦ୍ଧ ହୋଇଥାଏ । ଏଭଳି ଅବଲମ୍ବିତ କର୍ମ ବିଚାରାନୁଯାୟୀ କେବେ ହେଁ ମୁଖ୍ୟ ବୋଲି ଗଣ୍ୟ ହୋଇ ନ ପାରେ । ମନୁଷ୍ୟ ଶରୀରରେ ଜୀବନୀଶକ୍ତିର ସଂଚାଳନ ହେଉଥିବା ପର୍ଯ୍ୟନ୍ତ ଶାରୀରିକ ଓ ମାନସିକ କର୍ମାଦି ସଂପାଦିତ ହୋଇଥାଏ । ଏଣୁ ସର୍ବୋପରି ପ୍ରାଣକର୍ମ ହିଁ ମୁଖ୍ୟ କର୍ମ ଏଥିରେ ଦ୍ୱିମତ ହେବାର ଅବକାଶ କେଉଁଠି ? ପୁନଶ୍ଚ ଶାରୀରିକ କର୍ମ ଓ ମାନସିକ କର୍ମ ସବୁବେଳେ ଏକାପରି ଅବା ଏକପ୍ରକାର ଏଭଳି ନୁହେଁ । ଏହା ସଦା ପରିବର୍ତ୍ତନଶୀଳ । ଏଭଳି ପରିବର୍ତ୍ତନ, ପରିବର୍ତ୍ତିତ ପରିସ୍ଥିତି ଓ ଶାରୀରିକ ଜୀବନ ପ୍ରବାହର ବିଭିନ୍ନ ସ୍ଥିତାବସ୍ଥା ଉପରେ ନିର୍ଭରଶୀଳ । ଶରୀରର ଭିନ୍ନ ଭିନ୍ନ ଅବସ୍ଥା ଯଥା :- ଶିଶୁ, ବାଳକ, କିଶୋର, ଯୁବକ, ପ୍ରୌଢ଼ ଓ ବୃଦ୍ଧ ଏଭଳି ପ୍ରତିଟି ଅବସ୍ଥାରେ ଶାରୀରିକ ଓ ମାନସିକ ସ୍ଥିତି, ଗୁଣାତ୍ମକ ଦୃଷ୍ଟିରୁ ଭିନ୍ନ ଭିନ୍ନ । ଏତଦ୍‌ବ୍ୟତୀତ ଭିନ୍ନ ଭିନ୍ନ ସମୟରେ ଏବଂ ଉପସ୍ଥିତି ବିଭିନ୍ନ ପ୍ରକାର ପରିସ୍ଥିତିମାନଙ୍କର ବେଷ୍ଟନୀରେ ସାମୁହିକ ପ୍ରଭାବାନୁଯାୟୀ ସଦା ପରିବର୍ତ୍ତନଶୀଳ । ଏଣୁ କାୟିକ ତଥା ମାନସିକ କର୍ମମାନ କେବେହେଁ ସ୍ୱତନ୍ତ୍ର ଏବଂ ମୁଖ୍ୟ ହୋଇ ପାରିବ ନାହିଁ । ଏହା ସର୍ବଦା ଗୌଣକର୍ମ ଅଟେ । ଏହା ମୁଖ୍ୟ ବିଶେଷ କର୍ମ ପ୍ରାଣକର୍ମ ଉପରେ ଆଧାରିତ । ପ୍ରାଣକର୍ମ ବା ବିକର୍ମର ଅବସାନରେ କାୟିକ ଓ ମାନସିକ କର୍ମର ମଧ୍ୟ ପରିସମାପ୍ତି ଘଟିଥାଏ । କିନ୍ତୁ ପ୍ରାଣକର୍ମ ଅବା ବିକର୍ମର ଅବସାନରେ କାୟିକ ଓ ମାନସିକ କର୍ମର ମଧ୍ୟ ପରିସମାପ୍ତି ଘଟିଥାଏ । କିନ୍ତୁ ପ୍ରାଣକର୍ମ ଅବା ବିକର୍ମ ମୁଖ୍ୟ. ସ୍ୱତନ୍ତ୍ର ଏବଂ ସ୍ୱୟଂକ୍ରିୟ ଅଟେ । ଏହା ଶରୀର ଅବା ମନର ନିୟନ୍ତ୍ରଣାଧୀନ ନୁହେଁ । ଅଥଚ ଶରୀର ଓ ମନର କାର୍ଯ୍ୟ ନିଶ୍ଚିତ ରୂପେ ପ୍ରାଣକର୍ମ ଉପରେ ନିର୍ଭରଶୀଳ । କାରଣ ପ୍ରାଣକର୍ମ ସକ୍ରିୟ ଥିବା ଯାଏ ଶରୀର ଓ ମନ କାର୍ଯ୍ୟ କରୁଥାନ୍ତି । ଏଣୁ ପ୍ରାଣକର୍ମ ହିଁ ବିଶେଷ କର୍ମ ବିକର୍ମ ଅଟେ । କିନ୍ତୁ ଏହା ସର୍ବମୁଖ୍ୟ ନୁହେଁ । ପ୍ରାଣକର୍ମ ଅନ୍ୟ ଏକ ପୂର୍ଣ୍ଣ ସ୍ୱତନ୍ତ୍ର, ନିଷ୍କ୍ରିୟ ଓ ସ୍ଥାଣୁ ଅଦୃଷ୍ଟଶକ୍ତି ଦ୍ୱାରା ପୁଷ୍ଟ ଯୋଗୁଁ କ୍ରିୟାଶୀଳ ଅଟେ । ଏହା କର୍ମହୀନ ଅନନ୍ତ ଅସୀମ ନିର୍ବାକ ନିସ୍ପନ୍ଦ ତଥା ଅନନ୍ତ ଶକ୍ତିର ଭଣ୍ଡାର ରୂପୀ ଅବିନାଶୀ ଆତ୍ମିକ ସତ୍ତା । ଏହା ସର୍ବଥା ନିଷ୍କ୍ରିୟ ହେତୁ ''ଅକର୍ମ ଅର୍ଥାତ୍ ଆତ୍ମା ରୂପେ ସର୍ବବିଦିତ । ଏଣୁ କାୟିକ ଓ ମାନସିକ କର୍ମ ହିଁ କର୍ମ ପଦବାଚ୍ୟ । ପ୍ରାଣକର୍ମ ବିକର୍ମ ଓ ନିଶ୍ଚଳ ଆତ୍ମା ଦ୍ରଷ୍ଟା, କର୍ତ୍ତା ଓ ସାକ୍ଷୀ ସଦୃଶ ଅକର୍ମ ଅଟେ । ଏଣୁ ତଦ୍‌ବଦ୍ ବିଚାରାନୁଯାୟୀ ''କର୍ମ'' ତାମସିକ, ''ବିକର୍ମ'' ରାଜସିକ ଓ ''ଅକର୍ମ'' ସାତ୍ତ୍ୱିକ ଗୁଣାବଳୀର ଅନ୍ତର୍ଭୁକ୍ତ ।

**ବିକର୍ମ** ବା ବିଶେଷ କର୍ମ ରଜଗୁଣୀ । ଏହା ଦେହ ମଧ୍ୟରେ ସଂଚାଳିତ ତଡ଼ିତ୍ ଶକ୍ତି ଅବା କ୍ରିୟମାଣ ଶକ୍ତି । ଏହା ଦ୍ୱାରା ଶ୍ୱାସପ୍ରଶ୍ୱାସର ବେଗ ନିୟନ୍ତ୍ରିତ ହୋଇଥାଏ ଏବଂ ତଦନୁଯାୟୀ ଦେହ ମଧ୍ୟରେ ରକ୍ତପ୍ରବାହ କ୍ରିୟା ସଂଚାଳିତ ହୁଏ । ଏହି ଶକ୍ତି ପ୍ରବାହରେ ପଞ୍ଚ ମୁଖ୍ୟ ବାୟୁ ଯଥା - ପ୍ରାଣ, ଅପାନ, ସମାନ, ବ୍ୟାନ ଓ ଉଦାନ । ଉକ୍ତ ପଞ୍ଚ ଅଧିଷ୍ଠିତ ବାୟୁ ଶରୀରର ସର୍ବାଙ୍ଗରେ ପ୍ରବାହିତ ହେତୁ ହୃତପିଣ୍ଡ, ଫୁସ୍‌ଫୁସ୍ ତଥା ଧମନୀରେ ରକ୍ତ ସଂଚାଳନ କ୍ରିୟା ସଂଘଟିତ ହୋଇ ଦେହର ସର୍ବତ୍ର ପ୍ରତ୍ୟେକ ଶିରା ପ୍ରଶିରାରେ ରକ୍ତ ପ୍ରବାହକୁ ନିୟନ୍ତ୍ରଣ କରିଥାଏ ।

ଏଭଳି ଦେହ ବ୍ରହ୍ମାଣ୍ଡର ସଂରକ୍ଷଣ, ସଞ୍ଚାଳନ, ସଂବେଦନ ତଥା ସମ୍ବର୍ଦ୍ଧନା କରି ପ୍ରାଣୀକୁ ଜୀବିତ ଓ କ୍ରିୟାନ୍ୱିତ କରିଥାଏ । ଶାସ୍ତ୍ରରେ କଥିତ ଅଛି ''ଆୟୁର୍ବାୟୁ, ବଲାମ୍ ବାୟୁ , ବାୟୁଧାତା ଶରୀରୀଣ । ସର୍ବ ବିଶ୍ୱମୟମ୍ ବାୟୁ, ବାୟୁ ପ୍ରତ୍ୟକ୍ଷ ଦେବତା ।'' ଏଣୁ ଦେହାଭ୍ୟନ୍ତର ବିକର୍ମ ଅନ୍ତସ୍ରୋତଃ ପ୍ରବାହ । ଏହା ଶରୀର ତଥା ମନର ନିୟାମକ ଅଟେ । ଏହା ମସ୍ତିଷ୍କ ମଧ୍ୟରେ ସହସ୍ରାରସ୍ଥ ଜ୍ୟୋତିର୍ମୟ କୈବଲ୍ୟ ଦାୟନୀ ବିନ୍ଦୁରୂପା ପ୍ରକୃତିଠାରୁ ନିଷ୍ପନ୍ନ । ଏଣୁ ପରମାଶକ୍ତି ଦୁର୍ଗତିହାରିଣୀ ଜଗନ୍ମାତା ଦୁର୍ଗାଙ୍କୁ ଶକ୍ତି ଉପାସନା ପ୍ରସଙ୍ଗରେ ବିନ୍ଦୁବାସିନୀ ବୋଲି ଆଖ୍ୟାୟିତ ହୋଇଛି । ଏହା ଚିନ୍ମୟୀ ଶକ୍ତି ରୂପିଣୀ, ଅନ୍ତଃସଲ୍ଲିଳା ମନ୍ଦାକିନୀ, ରଜରୂପା ଏଭଳି କଥିତ ହୁଅନ୍ତି । ତା ବିହୁନେ ସୃଷ୍ଟିର ପରିପ୍ରକାଶ ଅର୍ଥାତ୍ ଉତ୍ପତ୍ତି, ସ୍ଥିତି ଓ ବିଲୟ ପ୍ରଭୃତି କାର୍ଯ୍ୟ ସମ୍ଭବ ନୁହେଁ । ଏଣୁ ଉକ୍ତ ଜ୍ୟୋତିର୍ବିନ୍ଦୁଠାରୁ କ୍ରିୟମାଣ ଶକ୍ତିର ବିଚ୍ଛୁରଣ ତଥା ଦେହାଭ୍ୟନ୍ତର ସର୍ବାଙ୍ଗରେ ସଂଚାଳିତ ହେତୁ ଜୀବନୀ ଶକ୍ତିର ଧାରଣ, ପୋଷଣ ଓ ସଂରକ୍ଷଣ ସମ୍ଭବ ହୋଇଥାଏ ।

ଉକ୍ତ ପ୍ରକୃତିରୂପା କେନ୍ଦ୍ରିତ ବିନ୍ଦୁ, କ୍ରିୟମାଣ ଶକ୍ତିର ଉତ୍ସ ଅଟେ । ସେହି ଉଭାସିତ ତେଜସ୍ୱିୟ ଜ୍ୟୋତିର୍ବିନ୍ଦୁ, ନିଷ୍କ୍ରିୟ, ନିସ୍ତବ୍ଧ ଆତ୍ମାର ଅନନ୍ତତ୍ୱ ମଧ୍ୟରେ ଯଥା ସହସ୍ରାର ତଥା ଦେହାଭ୍ୟନ୍ତରସ୍ଥ ଶୂନ୍ୟ ଓ ଦେହର ବହିର୍ଭାଗ ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତ ସର୍ବତ୍ର ପରିପୂର୍ଣ୍ଣ ଭାବେ ସଦା ବିରାଜିତ ଆତ୍ମରୂପୀ ଶୂନ୍ୟ ମଧ୍ୟରେ ବିଦ୍ୟମାନ । ଏହି ଆତ୍ମା ପରମାତ୍ମା ରୂପୀ ସଦା ସ୍ଥିର, ଶାଶ୍ୱତ, ଚିରନ୍ତନ, ପରିପୂର୍ଣ୍ଣ ନିଷ୍କ୍ରିୟ ଅଦୃଷ୍ଟ ସର୍ବତ୍ର ସମାନ ଭାବରେ ପରିବ୍ୟାପ୍ତ ସ୍ୱଚ୍ଛାତିସ୍ୱଚ୍ଛ ନିର୍ମଳ ସୂକ୍ଷ୍ମାତିସୂକ୍ଷ୍ମ ଶୂନ୍ୟ ଏବଂ ଏହାର ସ୍ୱଗୁଣାବଳୀ ଅନୁରୂପ ଅସୀମ ଓ ଅନନ୍ତ ସ୍ଥାଣୁ ଶକ୍ତିର ଭଣ୍ଡାର । ଏହାହିଁ ପରମ ପୁରୁଷ ବାସୁଦେବ, ପୁରୁଷୋତ୍ତମ ଓ ଠାକୁର ଶ୍ରୀକେଶବ । ଏହା ସ୍ରଷ୍ଟା ଓ କର୍ତ୍ତା ରୂପେ ସୁବିଦିତ । ସେ ସ୍ରଷ୍ଟା ହେଲେ ହେଁ ନିଷ୍କ୍ରିୟ ଓ ନିର୍ଲିପ୍ତ ଗୁଣାବଲମ୍ବୀ ଯୋଗୁଁ ସମସ୍ତ ସୃଷ୍ଟି ମଧ୍ୟରେ ଦ୍ରଷ୍ଟା ରୂପେ ପ୍ରତିପାଦିତ ହୋଇଥା'ନ୍ତି । ଏଣୁ ସେ ମୁଖ୍ୟତଃ ସତ୍ତ୍ୱ ଗୁଣାବଲମ୍ବୀ ଅଟନ୍ତି । ପରମପୁରୁଷ ଆତ୍ମାର କେବେହେଁ ବିଲୟ ଘଟେନା । କିନ୍ତୁ ଘଟପତନ ସଂଗେ ସଂଗେ ପ୍ରକୃତିର ବିଲୟ ଅବଶ୍ୟମ୍ଭାବୀ । କାରଣ ଯାହା ପ୍ରକାଶିତ ତାହା ଅପ୍ରକାଶିତର ପ୍ରକାଶ ମାତ୍ର । ଅପ୍ରକାଶର ପ୍ରଶାନ୍ତ ଓ ଅନନ୍ତ ଅବୟବରେ ସମସ୍ତ ସୃଷ୍ଟ  ବ୍ରହ୍ମାଣ୍ଡ ଓ ତନ୍ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ସମସ୍ତ ଓ ସବୁ ପ୍ରକାର ସୃଷ୍ଟି ପ୍ରତିଭାତ ହୋଇଅଛି । ଏଣୁ ସମସ୍ତ ପ୍ରକାଶର ପୃଷ୍ଠଭୂମି ହିଁ ଅପ୍ରକାଶ  । ଯେପରି ବିରାଟ ଉତ୍ତୁଙ୍ଗ ଦୃଶ୍ୟ ପ୍ରାସାଦର ମୂଳଦୁଆ ଅଦୃଷ୍ଟ ଅଟେ । ଏଣୁ ଅପ୍ରକାଶ ହିଁ ସବୁ ପ୍ରକାର ପ୍ରକାଶର ମୂଳ ଓ କାରଣ ସତ୍ତା ଅଟେ । ଅତଏବ ପ୍ରକାଶ ଅବଲମ୍ବନରେ ଅପ୍ରକାଶ ଉପଲବ୍ଧ ଏବଂ ପ୍ରକାଶର ଅବତାରଣାରେ ଅପ୍ରକାଶ ସହ ମିଳନ, ଏକୀକରଣ ଓ ରୂପାନ୍ତରଣ ସମ୍ଭବ ଅଟେ । ଏଣୁ ପ୍ରକାଶ ହିଁ ଅପ୍ରକାଶକୁ ଜାଣିବାର, ଚାଖିବାର ଓ ସଂଯୋଜିତ ହେବାର ପ୍ରଧାନ ଅବଲମ୍ବନ ଅଟେ । ପ୍ରକାଶ ସୀମିତ ଭାବ ଓ ଅଭିବ୍ୟକ୍ତିର ଅଧୀନ । କିନ୍ତୁ ଅପ୍ରକାଶ ଅସୀମ ଅନନ୍ତ ସ୍ୱଚ୍ଛ ନିର୍ମଳ ଅଭିବ୍ୟକ୍ତି ''ଭକ୍ତି'' ତଥା ଅବାରିତ ଅନନ୍ତ ଓ ଅନାବିଳ ସୁଖ, ଅଖଣ୍ଡ ପ୍ରଶାନ୍ତି ତଥା ଅନନ୍ତ ଆନନ୍ଦର ଅମୀୟ ଧାରା । ଏଣୁ ଆତ୍ମିକ ଉପଲବ୍ଧ ଓ ତଦ୍‌ସଦ୍ ଭାବରେ ସଂବେଦିତ ହିଁ ଅକର୍ମ ପଦବାଚ୍ୟ ।

ସୃଷ୍ଟିର ପ୍ରକଳ୍ପରେ ଅଧିଷ୍ଠିତ କର୍ମ ଓ ବିକର୍ମ ମାଧ୍ୟମରେ ଅକର୍ମର ଅନୁଗାମୀ ହେବା ପ୍ରତ୍ୟେକ ମନୁଷ୍ୟର ଐକାନ୍ତିକ ଓ ଏକକ ଧର୍ମର ଅପରିହାର୍ଯ୍ୟ ଅବଲମ୍ବନ ଅଟେ । କାରଣ ପ୍ରତ୍ୟେକ ଜୀବନୀଶକ୍ତି ଆଧାରିତ ଜୀବର ସହଜାତ କର୍ମ ଓ ବିକର୍ମ ମାଧ୍ୟମରେ ଏକମାତ୍ର ଆରାଧ୍ୟ କାମ୍ୟ ସ୍ୱଚ୍ଛନ୍ଦ ନିର୍ବିବାଦ ସୁଖ, ଶାନ୍ତି ଓ ଆନନ୍ଦର ଅନ୍ୱେଷଣ କରିବା ଏବଂ ତାହାର ଅଧିକାରୀ ହେବା । କର୍ମ ଅଭିମୁଖୀ ଜୀବ ଜାଗତିକ କର୍ମରେ ମୁଗ୍ଧ ଓ ଆବଦ୍ଧ ହେଲେ ବିକର୍ମ ଜନିତ ଆଶା, ଆକାଂକ୍ଷା, ଦମ୍ଭ, ଦର୍ପ, ଅସ୍ମିତା, କାମ, କ୍ରୋଧ ଓ ଲୋଭର ଦାସତ୍ୱ ବରଣ କରିଥାଏ । ଏଭଳି କର୍ମାନ୍ଧ ଅଜ୍ଞାନ ବ୍ୟକ୍ତି ପ୍ରଧାନ ଜନ୍ମାଧିକାର ସିଦ୍ଧ ଏକମାତ୍ର ସଂକଳ୍ପ ସୁଖ, ଶାନ୍ତି ଓ ଆନନ୍ଦ ଲାଭ

କରିବା ଆଭିମୁଖ୍ୟରୁ ବହୁ ପରିମାଣରେ ଦୂରେଇଯାଏ । ମରୀଚିକା ଯେପରି ତୃଷ୍ଣା ନିବାରଣର ମାଧ୍ୟମ ହୋଇପାରେ ନାହିଁ ସେହିପରି ବିକଳ୍ପ ଅଧୋଗାମୀ ଜୀବ ମାୟିକକର୍ମ ବନ୍ଧନରେ ଓତଃପ୍ରୋତ ଆବଦ୍ଧ ରହି ସୃଷ୍ଟିର ପରିସରଭୁକ୍ତ ହୋଇ ସ୍ରଷ୍ଟାଙ୍କୁ ଜାଣିବା, ଚାଖିବା ଓ ତାଙ୍କ ସହ ଅନୁଭବାତ୍ମକ ଭାବେ ଏକାକାର ରହି ଦେହଧାରଣ ହେତୁ ଜାଗତିକ କର୍ମମୁଖର ଜୀବନରେ ଅବସ୍ଥାନ କାଳରେ ପରମ ଓ ଚରମ ଅଶେଷ ଓ ଅପରିସୀମ ନୈସର୍ଗିକ ସୁଖ, ଶାନ୍ତି ଓ ଆନନ୍ଦର ଅଧିକାରୀ ହେବା ଜନିତ ଜନ୍ମସିଦ୍ଧ ଅଧିକାର ଓ ଉଦ୍ଦେଶ୍ୟରୁ ବଞ୍ଚିତ ରହେ । କିନ୍ତୁ ସ୍ୱଅଭ୍ୟନ୍ତରରେ ଆତ୍ମସ୍ୱରୂପ ସ୍ରଷ୍ଟା, ପ୍ରଭୁ, କର୍ତ୍ତା ଓ ସାକ୍ଷୀ ପରମେଶ୍ୱର କେଶବଙ୍କ ଅନୁଗାମୀ ରହି ବ୍ୟକ୍ତି ଦେହ ଗୁଣ ଧର୍ମ ଯୋଗୁଁ ଦେହୋଦ୍ଭବ କର୍ମ ଓ ବିକର୍ମରେ ଆଚରଣ ବଦ୍ଧ ରହି ଜଗତରେ କାଳାତିପାତ କଲେ ହେଁ ଉକ୍ତ ବ୍ୟକ୍ତି ଅନ୍ୟମାନଙ୍କ ଭଳି ସମସ୍ତ ଜାଗତିକ କର୍ମ ସ୍ୱାଭାବିକ ଭାବରେ ସଂପାଦନ କରି ମନସ୍ଥିତିରେ ଆତ୍ମ ସଂଲୀନ ମାନସ ହେତୁ ନିର୍ଗତ ସ୍ୱଅନୁଭୂତି ଓ ଅନ୍ତଃସତ୍ତ୍ୱା ଅବସ୍ଥା ଯୋଗୁଁ ଯେ କୌଣସି କର୍ମାଭିମାନ ପୋଷଣ କରନ୍ତି ନାହିଁ କି କୌଣସି କର୍ମର କର୍ତ୍ତା ଆଧାରିତ ପରିଣାମ ଭୋଗ କରନ୍ତି ନାହିଁ । ଏହାହିଁ ଉକ୍ତ ସ୍ଥିତି ସଂପନ୍ନ ବ୍ୟକ୍ତିର ଅନୁସୂୟା ଓ ଅକର୍ମ ଆଧାରିତ ନିର୍ଲିପ୍ତ ଅବସ୍ଥା ଏବଂ ସ୍ୱଅନ୍ତର୍ଗତରେ ଆତ୍ମସ୍ୱରୂପ ପରମପିତା କେଶବଙ୍କ ସହ ସଂଯୋଜିତ ଅଙ୍ଗାଙ୍ଗୀ ଭାବେ ଏକୀକୃତ ଅବସ୍ଥା ଲାଭ ହୋଇଥିବାର ପ୍ରତିପାଦିତ ହୁଏ ।

ଅକର୍ମ, ଦୈହିକ ଅବା ମାନସିକ କର୍ମ ତଥା ଦେହାଭ୍ୟନ୍ତର ସ୍ୱୟଂକ୍ରିୟ ଶ୍ୱାସପ୍ରଶ୍ୱାସ କ୍ରିୟା ତଥା ତଦ୍ ଆଧାରିତ ରକ୍ତ ସଂଚାଳନ ଓ ଆନୁସଂଗିକ କ୍ରିୟା ଜନିତ ବିକର୍ମ ପ୍ରତି ଉଦାସୀନ ଓ ନିର୍ଲିପ୍ତ ରହି ବ୍ୟକ୍ତି ନିଜ ମଧ୍ୟରେ ବୁଡ଼ି ସ୍ୱଦେହାନ୍ତର୍ଗତ ତଦ୍ ଊର୍ଦ୍ଧ୍ୱଗାମୀ କର୍ମହୀନ ନିଶ୍ଚଳ ସ୍ୱଚ୍ଛ ଅନାବିଳ ଶାନ୍ତ ଓ ଶାଶ୍ୱତ ସର୍ବତ୍ର ସୁପ୍ରତିଷ୍ଠିତ ଚିରନ୍ତନ ଆତ୍ମିକ ସତ୍ତା କେଶବ ଅନୁଗାମୀ ଓ ଅନୁଧ୍ୟାୟୀ ରହି ପରମାନନ୍ଦ ରୂପକ ସର୍ବଦା ଅମୂଲ୍ୟ ଅମୀୟ ପିୟୁଷ ପାନ କଲେ ଏ ଜଗତ କଳୁଷପଙ୍କରେ ଆରୋପିତ ରହି କାଳକ୍ଷେପଣ କଲେହେଁ ସେ ଅବାଙ୍ମାନସ ଗୋଚର ପରଂବ୍ରହ୍ମରେ ସଦା ବିହରଣ କରି ପରଂବ୍ରହ୍ମଙ୍କ ସହ ଏକୀଭୂତ ପ୍ରୀତି ଯାହାକି ''ବାସୁଦେବ ପ୍ରୀତି'' ପଦବାଚ୍ୟ ତାହାର ବାସ୍ତବ ରୂପାୟନ ଉକ୍ତ ବ୍ୟକ୍ତି ପକ୍ଷେ ସମ୍ଭବ ଓ ସିଦ୍ଧ ହୋଇ ପାରିବ । ଫଳରେ ଦୁର୍ଲଭ ମନୁଷ୍ୟ ଜନ୍ମ ସାର୍ଥକ ହୋଇପାରିବ । ଏଣୁ ଅକର୍ମ ଅର୍ଥାତ୍ ତନ୍ମନା କୂଟସ୍ଥ ଦିବ୍ୟଦୃଷ୍ଟିର ଅବଲମ୍ବନରେ ନିଜ ମଧ୍ୟରେ ବୁଡ଼ି ରହି ଆତ୍ମ ଅଣୁ ନିବେଶ ସହ ଆତ୍ମବିଭୋର ରହି ସୃଷ୍ଟିର ପ୍ରତିପାଦିତ ଜୀବ ଗୁଣୋଦ୍ଭବ କର୍ମ ଓ ବିକର୍ମରେ ସଂଯୋଜିତ ରହି ଏ ମର ଶରୀରରେ ଅକର୍ମ ରୂପକ ଅମରତ୍ୱର ଆସ୍ୱାଦନ ନିଶ୍ଚୟ ସମ୍ଭବ ହୋଇ ପାରିବ । ଏଣୁ ଭାଗବତରେ ଉଦ୍ଦିଷ୍ଟ ଭାବେ ଏଭଳି ଉଲ୍ଲିଖିତ ''ଅକର୍ମେ ବାସୁଦେବ ପ୍ରୀତି'' ଉକ୍ତିର ଯଥାର୍ଥତା, ରୂପାୟନ ଓ ସାର୍ଥକତା ସହଜାତି-ସହଜରେ ଉପଲବ୍ଧ କରିହେବ ।

ନିଜ ଖିଆଲରେ ଖିଆଲି ହୋଇ ଚଳିଲେ ବୁଡ଼େ ଭେଳା ।
ମହାକାଳ ସେ ପୁରୁଷୋତ୍ତମ କରନ୍ତି ବ୍ୟକ୍ତ ଲୀଳା ।।

ଯାହା ଇଚ୍ଛାରେ ଜନମ ଲଭି ଖେଳୁଛି ଜୀବ ସୁଖେ ।
ତାହାରି ଇଚ୍ଛା ଅନ୍ତରେ ମାନି ପ୍ରକାଶ କର ମୁଖେ ।।

# ଚରମର ପ୍ରଚ୍ଛଦପଟ ସଂପର୍କରେ :

*('ଚରମର ପ୍ରଚ୍ଛଦପଟ ସଂପର୍କରେ' ଏକ ନିୟମିତ ଧାରାବାହିକ ସ୍ତମ୍ଭ ଏ ଯାବତ୍ ପ୍ରତ୍ୟେକ ପୁଷ୍ପ ଓ ପାଖୁଡ଼ାରେ ପତ୍ରସ୍ଥ ହୋଇ ଆସୁଛି । ଏହା ମାଧ୍ୟମରେ ସତ୍ୟସନାତନ କ୍ଷେତ୍ର, ସତ୍ୟସନାତନ ପୁରୁଷ, ସତ୍ୟସନାତନ ଧର୍ମ ଏବଂ ସତ୍ୟ ଭକ୍ତ, ଅନୁଗତ ଭାଇଭଉଣୀମାନେ ଏହାର ନିୟମିତ ପଠନ ଦ୍ୱାରା ଚରମର ଆଭିମୁଖ୍ୟ ତଥା ଯୁଗୋପଯୋଗୀ ଅଧ୍ୟାତ୍ମଶିକ୍ଷା ଲାଭ କରିପାରିବେ ବୋଲି ସଂପାଦନା ବିଶ୍ୱାସ କରେ ।)*

## ଅବ୍ୟକ୍ତରୁ ବ୍ୟକ୍ତ

ଅବ୍ୟକ୍ତମଣ୍ଡଳ ବା ଆଦି କାରଣଜଗତ ସଂପର୍କରେ ଚରମ ମର୍ତ୍ତ୍ୟାବତରଣ ସଂଖ୍ୟା (ପ୍ରଥମ ସଂଖ୍ୟା)ରେ ଜୀବନ ଦେବତା ପରମ ପ୍ରେମମୟ ଠାକୁର 'ଚରମର ପ୍ରଚ୍ଛଦପଟ ସଂପର୍କରେ ଦୁଇପଦ' ଶୀର୍ଷକରେ ଯେଉଁ ସୂଚନା ଦେଇଛନ୍ତି, ତାହାର ସରଳୀକୃତ ଆଲୋଚନାରେ ପୂର୍ବରୁ ଆମେ କହିଛୁଁ : ଅବ୍ୟକ୍ତମଣ୍ଡଳ ବା ଅନାଦି କାରଣ ଜଗତରେ ବିନା କାରଣରେ କାର୍ଯ୍ୟ ସଂପାଦନ ହୋଇପାରେ (ନ କାରଣେନ କାର୍ଯ୍ୟାଣି ଭବିତବ୍ୟ) । ଚରମ: ୧ମ ପୁଷ୍ପ: ୨ୟ ପାଖୁଡ଼ା: ୧୨ ପୃଷ୍ଠା: ୧ମ ପରିଚ୍ଛେଦ ଦ୍ରଷ୍ଟବ୍ୟ)।

ଓଁକାରମଣ୍ଡଳ ବା ସୂକ୍ଷ୍ମଜଗତରେ ନିର୍ଗୁଣବ୍ରହ୍ମ ତ୍ରିଗୁଣରେ ପ୍ରକଟ ହୋଇ ସୂକ୍ଷ୍ମରାଜ୍ୟରେ ସତ୍ତ୍ୱ (ବିଷ୍ଣୁ), ରଜ (ବ୍ରହ୍ମା), ଓ ତମ (ଶିବ) ରୂପରେ ପାଳନ, ସୃଜନ ଏବଂ ସଂହାର ଦାୟିତ୍ୱ ବହନ କରନ୍ତି । ଅବ୍ୟକ୍ତ ମଣ୍ଡଳରେ ବ୍ରହ୍ମ ଅବ୍ୟକ୍ତରୂପରେ ବ୍ୟକ୍ତ ହୋଇ ତ୍ରିଗୁଣର ସମତା (ସାମ୍ୟ) ଓ ଚରମତ୍ୱ ହେତୁ ନିର୍ଗୁଣ ରୂପେ ନିଷ୍କ୍ରିୟ, ନିଷ୍କଳ, ନିରାମୟ, ନିରାକାର ଅବସ୍ଥାରେ କେବଳ ଇଚ୍ଛାଶକ୍ତି ବଳରୁ ଯାହା ନିର୍ଦ୍ଦିଷ୍ଟ କରି ବ୍ୟବସ୍ଥା ହିଁ କରିଥାଆନ୍ତି । ଏହି ବିଧିନିର୍ଦ୍ଦିଷ୍ଟ ବିଧାନରେ ଶକଟକମଣ୍ଡଳ ବା ସ୍ଥୂଳଜଗତରେ ସବୁ କିଛି ଯଥାରୀତି, ନିର୍ଭୁଲ ନିଷ୍କଳଙ୍କ ଭାବରେ କାଳକ୍ରମେ (ସମୟାନୁପାତରେ) ସଂଘଟିତ ହୋଇଯାଏ, ହେଉଛି ମଧ୍ୟ ।

ଅବ୍ୟକ୍ତମଣ୍ଡଳ ବା ଅନାଦି କାରଣଜଗତର ରହସ୍ୟ ଅଭେଦ୍ୟ, ଅଜ୍ଞାତ । ପରମ କାରୁଣିକ କରୁଣାବତାର ଶ୍ରୀ ଶ୍ରୀ ଶ୍ରୀ ଠାକୁର ଅପାର କୃପା ବହି ଆମକୁ ଯେତିକି ସୂଚନା ଓ ସଂକେତ ମାଧ୍ୟମରେ ଜ୍ଞାତ କରିଅଛନ୍ତି, ସେତିକି ମାତ୍ର ଆମର ପୁଞ୍ଜି । ଏହି ସୀମିତ ପୁଞ୍ଜିକୁ ସମ୍ବଳ କରି ଅସୀମ, ଅନନ୍ତ, ଅବ୍ୟକ୍ତ, ଅକ୍ଷର, ଅବ୍ୟୟ, ଅକ୍ଷୟର ଆଲୋଚନା ସର୍ବଦା ଓ ସର୍ବଥା ଅସମ୍ଭବ । ମହାଶୂନ୍ୟର ଉର୍ଦ୍ଧ୍ୱରେ ଅବ୍ୟକ୍ତମଣ୍ଡଳ ବା ଆଦି-ଅନାଦି କାରଣ ଜଗତ ଅବସ୍ଥିତ । ସେଠାରେ ବାୟୁ ଚଳାଚଳ ମଧ୍ୟ ନାହିଁ । ବ୍ରହ୍ମା, ବିଷ୍ଣୁ, ଶିବଙ୍କର ମଧ୍ୟ ତାହା ଅଗମ୍ୟ, ଅଜ୍ଞାତ । ଚନ୍ଦ୍ର, ସୂର୍ଯ୍ୟ, ଇନ୍ଦ୍ର, ବରୁଣ ଅଗ୍ନିଙ୍କର ତାହା ଅଭେଦ୍ୟ । ଗ୍ରହଗଣ, ନକ୍ଷତ୍ରଗଣ, ଦେବଗଣ, ଋଷିଗଣ ଓ ମୁନିଗଣଙ୍କର ଅଗୋଚର । ସେହି ମଣ୍ଡଳରେ ସ୍ଥିତ ଅବ୍ୟକ୍ତ ରୂପୀ ବ୍ୟକ୍ତବ୍ରହ୍ମଙ୍କର ସତ୍ତା ଅଛି ସତ, ମାତ୍ର ଉଚ୍ଚତା ନାହିଁ, ଲମ୍ବ ପ୍ରସ୍ଥ ନାହିଁ । ତେଣୁ ସେ ଅମାପ, ଅସୀମ, ଅନନ୍ତ । ତାଙ୍କର ହସ୍ତ, ପଦ, ମୁଖ, ନୟନ, କର୍ଣ୍ଣ, ନାସା, ଶିର ଇତ୍ୟାଦି ଅବୟବମାନ ନାହିଁ । ସେ ଅକ୍ଷର, ଅବର୍ଣ୍ଣ, ଅଜ୍ୟୋତି, ଅଜପା, ଅରୂପ ଓ ଅନାମ । ତାଙ୍କର ଅଳକୂଳ ନାହିଁ । ମାତ୍ର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଦି ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ତାଙ୍କରି ଗର୍ଭରେ ଆତଯାତ । ସେ ସର୍ବତ୍ର ସର୍ବଦା ପରିବ୍ୟାପ୍ତ । ସେହି ବ୍ୟକ୍ତରୂପ ଅବ୍ୟକ୍ତବ୍ରହ୍ମଙ୍କ ଗର୍ଭରୁ ସକଳ ଆଜ୍ଞା ପ୍ରକାଶିତ । ସକଳ ସ୍ଥାବରଅସ୍ଥାବର, ଅଣୁପରମାଣୁ, କୀଟପତଙ୍ଗ, ସରୀସୃପ, ପଶୁପକ୍ଷୀ, ଜୀବଜଗତ, ବୃକ୍ଷଲତା, ପଞ୍ଚଭୂତାଦି ସକଳ ତାଙ୍କରି ଆଜ୍ଞାରେ ତାଙ୍କରି ଗର୍ଭରେ ଜାତ, ସ୍ଥିତ ଏବଂ ଲୟପ୍ରାପ୍ତ । ସେହି ଅବ୍ୟକ୍ତବ୍ରହ୍ମଙ୍କ ଆଜ୍ଞାରେ ଆପଣା ଗର୍ଭରେ ଆପଣା ଆଜ୍ଞାରେ ଯାହା ସଂଘଟିତ ହେଉଛି, ସୂକ୍ଷ୍ମଜଗତ ବା ଓଁକାରମଣ୍ଡଳରେ ବ୍ରହ୍ମା, ବିଷ୍ଣୁ, ଶିବ ସୂକ୍ଷ୍ମରେ ତାହା କାର୍ଯ୍ୟକାରୀ କରୁଅଛନ୍ତି ଏବଂ ସ୍ଥୂଳଜଗତ ବା ଶକଟକ ମଣ୍ଡଳରେ ସ୍ଥୂଳ ରୂପରେ ତାହା ଘଟି ଯାଉଥିବାର ଆମ୍ଭେମାନେ ପ୍ରତ୍ୟକ୍ଷ କରୁଅଛୁଁ ।

ଏହି ଅବ୍ୟକ୍ତ ପୁରୁଷ ହିଁ ପୁରୁଷୋତ୍ତମ । ସେ ବ୍ରହ୍ମା, ବିଷ୍ଣୁ, ଶିବଙ୍କର ବହୁ ଊର୍ଦ୍ଧ୍ୱରେ । ସେ ସଚ୍ଚିଦାନନ୍ଦ ସ୍ୱରୂପ । ତାଙ୍କ ଠାରୁ ହିଁ ସକଳ ତତ୍ତ୍ୱଜ୍ଞାନର ଉଦ୍ଭବ । ତେଣୁ ଶାସ୍ତ୍ର କହେ : ସର୍ବ ଶାସ୍ତ୍ର ଓ ସର୍ବ ବିଦ୍ୟା ଉଚ୍ଛିଷ୍ଟ ହୋଇପାରେ ମାତ୍ର ଅବ୍ୟକ୍ତ ଚୈତନ୍ୟପୁରୁଷଙ୍କର ବ୍ରହ୍ମମୁଖରୁ ଉଦ୍ଭବ ଶାସ୍ତ୍ର କଦାପି ଉଚ୍ଛିଷ୍ଟ ହୋଇ ନ ପାରେ ।

**''ଉଚ୍ଛିଷ୍ଟଂ ସର୍ବ ଶାସ୍ତ୍ରାଣି ସର୍ବ ବିଦ୍ୟା ମୁଖେ ମୁଖେ ।**

**ନୋଚ୍ଛିଷ୍ଟଂ ବ୍ରହ୍ମଣୋଜ୍ଞାନମବ୍ୟକ୍ତଂ ଚେତନାମୟ ॥''**

ଚେତନାମୟ ଅବ୍ୟୟ ବ୍ରହ୍ମଜ୍ଞାନ ହିଁ ତତ୍ତ୍ୱ । ଏହି ତତ୍ତ୍ୱର ଗୋଟିଏ ଶାଖା ସୃଷ୍ଟିତତ୍ତ୍ୱ । ସୃଷ୍ଟିତତ୍ତ୍ୱ ପ୍ରକରଣ ଅତ୍ୟନ୍ତ ଗୁହ୍ୟ, ତାହା ଅପ୍ରକାଶ୍ୟ । କେବଳ ଚରମର ପ୍ରଚ୍ଛଦପଟ ସଂପର୍କରେ ସ୍ଥୂଳ ଜ୍ଞାନ ବିତରଣ ଉଦ୍ଦେଶ୍ୟରେ ପରମ ପ୍ରେମମୟ ଜୀବନ ଦେବତା ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଜ୍ଞା, ଆଦେଶ ଓ ଆଶୀର୍ବାଦରୁ ଏଠାରେ ଯତ୍‌କିଞ୍ଚିତ୍ ପ୍ରକାଶ କରାଯାଉଛି । ଏହା ସ୍ୱୟଂ ସଂପୂର୍ଣ୍ଣ ନୁହେଁ, କାରଣ ଏହାକୁ ପୂର୍ଣ୍ଣଭାବେ ବାକ୍ୟରେ ପ୍ରକାଶ କରାଯାଇ ପାରେନା । ଭକ୍ତ, ଅନୁଗତ, ଶିଷ୍ୟ, ପାଠକପାଠିକା, ଭାଇଭଉଣୀ ଯେଉଁମାନେ ପ୍ରଭୁଙ୍କର କୃପାପାତ୍ର ହେବେ, କେବଳ ସେହିମାନେ ହିଁ ତାଙ୍କରି ସୁଦୟାରୁ ଉକ୍ତ ତତ୍ତ୍ୱର ପରିଚୟ ପାଇ ଏହାକୁ ଭେଦ କରିପାରିବେ । ଏହା ଭେଦ କରିବା ସାଧନା ସାପେକ୍ଷ ହେଲେ ହେଁ ସାଧ୍ୟାତୀତ ।

ଅବ୍ୟକ୍ତବ୍ରହ୍ମ ନିର୍ଗୁଣ । ଏହି ନିର୍ଗୁଣ ବ୍ରହ୍ମ ସୃଷ୍ଟି କାରଣ ନିମନ୍ତେ ଦେନି ଖଣ୍ଡ ହୋଇ ପ୍ରକୃତି ପୁରୁଷ ରୂପରେ ପ୍ରକଟ ହେଲେ । ପୁରୁଷ ନିର୍ଗୁଣ ଓ ନିଷ୍କ୍ରିୟ । ପ୍ରକୃତି ସଗୁଣ ଓ କ୍ରିୟାଶୀଳ । ମହାଶୂନ୍ୟରେ ନିସ୍ପୃହ ନିର୍ଗୁଣ ଆନନ୍ଦମୟ । ଜ୍ୟୋତି ବିନ୍ଦୁ ଚିଦାନନ୍ଦ ସ୍ୱରୂପ । ତାଙ୍କରିଠାରୁ ଚତୁର୍ବିଂଶତି ତତ୍ତ୍ୱ ଧରି ଜୀବର ଜନ୍ମ । ସେହି ଜୀବ କାମ କଳ୍ପତରୁ ନାମ ବହି ପରମପୁରୁଷଙ୍କର ଆଶ୍ରୟରେ ରହି ତାଙ୍କରି ଭରସା ଲାଭ କଲା । ସେ ଜୀବର ପ୍ରବଳ ଇଚ୍ଛା ଶକ୍ତିରୁ ମହିମା ବୀଜରୁ ଅନାହତ ଶବ୍ଦ ଅଶବ୍ଦ ଘରୁ ବିସ୍ତାର ଲାଭ କଲା । ଏହି ଇଚ୍ଛାରୁ ପ୍ରକୃତି ପୁରୁଷର ଅପୂର୍ବ ମିଳନ ଘଟିଲା । ବ୍ରହ୍ମପୁରୁଷ ପ୍ରକୃତି ପୁରୁଷର ମିଳନ ଘଟାଇ ସତ୍ତ୍ୱ, ରଜ, ତମ ତ୍ରିଗୁଣ ନାଶ କଲେ । କିନ୍ତୁ ପ୍ରକୃତି ପୁରୁଷର ମିଳନ ଯୋଗରୁ କ୍ରମଶଃ ବିକୃତି ଘଟିଲା । ତ୍ରିଗୁଣର ତାରତମ୍ୟ ଦେଖାଦେଲା । ଏହି ଗୁଣ ବୈଷମ୍ୟରୁ ସୃଷ୍ଟି ପ୍ରକରଣ ଆରମ୍ଭ ହେଲା । ଏହାପରେ ଅନାମ ନିରାକାର ପୁରୁଷ ଓଁକାର ସୃଷ୍ଟି କଲେ । ଓଁକାର ମଣ୍ଡଳରେ ରଜଗୁଣରେ ବ୍ରହ୍ମଙ୍କ ନାଭିରୁ ପଦ୍ମପୁଷ୍ପର ସୃଷ୍ଟି ହେଲା । ବ୍ରହ୍ମ ପଦ୍ମଯୋନି ନାମ ଧାରଣ କଲେ । ବ୍ରହ୍ମଙ୍କର ଆଦେଶରେ ସେ ସୃଷ୍ଟି ରଚନା କଲେ, ସେ ହେଲେ ସୃଜୀକର ।

ଅବ୍ୟକ୍ତମଣ୍ଡଳ ବା ଅନାଦି କାରଣଜଗତରୁ ଇଚ୍ଛାମୟଙ୍କର ଇଚ୍ଛାରେ ସୂକ୍ଷ୍ମଜଗତ ବା ଓଁକାରମଣ୍ଡଳରେ ସେହି ଇଚ୍ଛା ପୂର୍ଣ୍ଣ ହୁଅନ୍ତେ ସ୍ଥୂଳଜଗତ ବା ଶକଟକମଣ୍ଡଳରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦି ତ୍ୱରାନ୍ୱିତ ଭାବରେ ସ୍ଥାପିତ ହେଲା । କ୍ରମଶଃ ଜଳ, ସ୍ଥଳ, ଆକାଶ ଆନନ୍ଦର ସହିତ ବ୍ରହ୍ମା ସୃଜନ କଲେ । ପଞ୍ଚମହାଭୂତ, ତ୍ରିଗୁଣ, କାଳ, କରାଳ ଇତ୍ୟାଦିର ଉତ୍ପତ୍ତି ହେଲା । ଚାରିଯୁଗ, ଚାରିବେଦ ସୃଷ୍ଟି କଲେ । ବିନ୍ଦୁ ମାତ୍ରକ ଅକ୍ଷରରେ କ୍ରମେ ଶବ୍ଦ ଉତ୍ପତ୍ତି ହେଲା । ତ୍ରିବିନ୍ଦୁ ଓ ତ୍ରିବୀଜ-ହ୍ଲୀଂ କ୍ଲୀଂ ଶ୍ରୀଂ ଉତ୍ପନ୍ନ ହେଲା । ଓଁକାରମଣ୍ଡଳରେ ବ୍ରହ୍ମା, ବିଷ୍ଣୁ ଓ ଶିବ ତ୍ରିଗୁଣର ଆଧାର ହେଲେ । ଏହାପରେ ପଞ୍ଚଭୂତର ମିଳନରେ ଓଁକାରମଣ୍ଡଳ ସ୍ଥିତ ଯୋଗମାୟା କାଳ ବିସ୍ତାର କଲେ । ପ୍ରକୃତି ପୁରୁଷ ମିଳିତ ହୋଇ ମାୟା ପ୍ରକାଶ କଲେ । ବରୁଣ, କୁବେର, ଦଶଦିଗପାଳ, ଅଗ୍ନି, ଯମ, ନର, ବାନର, କୀଟପତଙ୍ଗ, ସ୍ଥାବରଜଙ୍ଗମ, ବୃକ୍ଷଲତା, ଫୁଲଫଳ ଇତ୍ୟାଦି ସକଳ ଜନ୍ମ ଲାଭ କଲେ ।

ଓଁକାରମଣ୍ଡଳ ବା ସୂକ୍ଷ୍ମଜଗତର ନିର୍ଦ୍ଧାରଣ ଅନୁସାରେ ଉତ୍ପନ୍ନ ତ୍ରିଗୁଣ ସତ୍ତ୍ୱ, ରଜ, ତମରେ ସଂସାର ପୂର୍ଣ୍ଣ ହେଲା । ଉଣା ଅଧିକେ ପିଣ୍ଡମାନେ ତାହା ଆନନ୍ଦରେ ପ୍ରାପ୍ତ ହୋଇ ମାୟାଗ୍ରସ୍ତ ହେଲେ । ଚଉଦ ବ୍ରହ୍ମାଣ୍ଡକୁ ମାୟା ମହା ଆନନ୍ଦରେ ଆବୋରି ବସିଲା । ନିତ୍ୟ, ଅନିତ୍ୟ, ବିଦ୍ୟା, ଅବିଦ୍ୟା, ସତ୍ୟ, ଅସତ୍ୟ ଇତ୍ୟାଦି ଏକରୁ ଅନେକରେ ପରିଣତ ହେଲା । ଅବ୍ୟକ୍ତମଣ୍ଡଳସ୍ଥ ଜ୍ୟୋତିର୍ମୟ ବ୍ରହ୍ମ ନିରଞ୍ଜନ ଏହି ରୂପେ ପ୍ରକୃତି-ପୁରୁଷ, ବ୍ରହ୍ମା, ବିଷ୍ଣୁ, ଶିବ, ଯୋଗମାୟା, କାଳ, ତ୍ରିଗୁଣ ଇତ୍ୟାଦିକୁ ଆବୋରି ସବୁରି ମଧ୍ୟରେ ଅଧିଷ୍ଠିତ ହୋଇ ରହିଲେ ହେଁ, ସାଧାରଣରେ ସେ ଅପ୍ରକଟ, ଅବ୍ୟକ୍ତ, ଅପ୍ରକାଶ୍ୟ ହୋଇ ରହିଲେ ।

ପ୍ରକୃତି - ପୁରୁଷ ଅନାଦି ଅନନ୍ତ ଅଟନ୍ତି । ଦେନିଏ ନିତ୍ୟ ଓ ସତ୍ୟ, ମାତ୍ର ଲିଙ୍ଗହୀନ । ଚରାଚର ଜଗତରେ ତାଙ୍କର ନିତ୍ୟ ସ୍ଥିତି ରହିଛି । ଏପରିକି ପ୍ରଳୟ କାଳରେ ମଧ୍ୟ ପ୍ରକୃତି-ପୁରୁଷଙ୍କର ବିଳୟ ହୁଏ ନାହିଁ । ଏହି ଉଭୟ ପ୍ରକୃତି ଓ ପୁରୁଷଙ୍କର ମିଳନ ନ ହେଲେ କିଛି ହିଁ ସୃଷ୍ଟି ହୁଏ ନାହିଁ । ପୁରୁଷ ହିଁ ଈଶ୍ୱର । ସେ ହିଁ ଅକ୍ଷର । ପ୍ରକୃତି ମଧ୍ୟ ଅକ୍ଷର । ପ୍ରକୃତିର ସ୍ୱତନ୍ତ୍ର ସ୍ଥିତି ସର୍ବଭୂତରେ ବିଦ୍ୟମାନ । ଅଷ୍ଟରୂପରେ ଜଗତର ସୃଷ୍ଟି ହୁଏ, ତେଣୁ ଅଷ୍ଟମାତୃକା ଆରାଧନାର ବିଧାନ ରହିଛି । ପ୍ରକୃତି ହିଁ ନିତ୍ୟଶକ୍ତି ଓ ଅବିକୃତ । ଏହି ଅବିକୃତି ହିଁ ପ୍ରକୃତିର ସହିତ ତ୍ରିଗୁଣ ସମାନ ରହିଥାଏ ସତ, ମାତ୍ର ତ୍ରିଗୁଣ ପ୍ରାକୃତିକ ଆଧାରରେ ବିଷମ ମାତ୍ରା ସୃଷ୍ଟି କରି ମାୟାଛନ୍ନ ଓ ମୋହଗ୍ରସ୍ତ କରି ରଖେ । ଏହା ସେହି ପ୍ରକୃତିରୂପିଣୀ ଯୋଗମାୟାଙ୍କର ଲୀଳା । ଲୀଳାମୟ ଅବ୍ୟକ୍ତ ବ୍ରହ୍ମଙ୍କର ନିର୍ଦ୍ଦେଶରେ ଯୋଗମାୟା ଏହି ଲୀଳା ଭିଆଇଥାନ୍ତି । ତେଣୁ ପ୍ରକୃତି ସହ ମାୟା ଜଡ଼ିତ ହୋଇ ତ୍ରିଗୁଣର ତାରତମ୍ୟ ବିଧାନ କରି ବିକୃତ ହୁଏ । ଏହି ପର୍ଯ୍ୟାୟରେ ପ୍ରକୃତିର ବିକୃତି ଘଟେ ଏବଂ ତାହା ଅନିତ୍ୟ ଓ ଅସତ୍ୟ ପ୍ରତିପାଦିତ ହୁଏ । ନିର୍ଗୁଣ, ନିର୍ଲିପ୍ତ ପୁରୁଷର ସଗୁଣ ପ୍ରକୃତି ସହିତ ମିଳନରୁ ହିଁ ବିଭିନ୍ନ ସୃଜନ କ୍ରିୟା ସଂପାଦିତ ହୁଏ । ପୁରୁଷ ଓ ପ୍ରକୃତିର ମିଳନରୁ ଯେଉଁ ଘାତ ପ୍ରତିଘାତ ସୃଷ୍ଟି ହୁଏ, ତହିଁର ଫଳ ସ୍ୱରୂପ ପୃଥିବୀ ବା ଜଡ଼ଜଗତରେ ସୃଜନ କ୍ରିୟା ସମ୍ଭବ ହୁଏ । ଯେପରି ଅନ୍ଧର ସ୍କନ୍ଧରେ ବସି ଛୋଟା ଗମନ କରେ, ସେହିପରି କର୍ମର କାନ୍ଧରେ ବସି ଜ୍ଞାନ ପଥ କଢ଼ାଇ ନିଏ । କର୍ମ ହିଁ ଜଡ଼ ଏବଂ ଜ୍ଞାନ ହିଁ ଚେତନା ।

ଅବ୍ୟକ୍ତଙ୍କ ଲୀଳାରୁ ଓଁକାର ଏବଂ ଓଁକାରରୁ ପ୍ରକୃତିର ଜନ୍ମ । ଓଁକାର ନିର୍ଗୁଣ । ପ୍ରକୃତି ସଗୁଣ । ପୁନଶ୍ଚ ପ୍ରକୃତି ପୁରୁଷ ମିଳନରୁ ଚୈତନ୍ୟ ଶକ୍ତି ଉଦୟ ହୁଏ । ପରମ ପୁରୁଷ ଓ ପୁରୁଷ + ପ୍ରକୃତି = ନିର୍ଗୁଣ ଏବଂ ସଗୁଣ+ନିର୍ଗୁଣ=ଚୈତନ୍ୟ ଶକ୍ତି ଏବଂ ତ୍ରିଗୁଣ=ସତ୍ତ୍ୱ, ରଜ, ତମ । ପ୍ରକୃତି ପୁରୁଷର ମିଳନରୁ ଏ ଜୀବର ମଧ୍ୟ ସୃଷ୍ଟି । ଏ ଜୀବ ତ୍ରିଗୁଣର ବୈଷମ୍ୟରୁ ମାୟା ବିଜଡ଼ିତ । ମୋହଗ୍ରସ୍ତ ଜୀବ ମୋହ ଓ ଭ୍ରମରେ ପଡ଼ି ସ୍ୱରୂପ କିମ୍ବା ବ୍ରହ୍ମାଣ୍ଡକୁ ଚିହ୍ନିପାରେ ନାହିଁ ।

''ମୂର୍ଖ ପ୍ରାଣୀ ମାୟା ମୋହେ ଭ୍ରମେ ଏଣେ ତେଣେ
ସ୍ୱନାଭି କସ୍ତୁରୀ ମୃଗ ଖୋଜେ ଯେହ୍ନେ ବଣେ ।।''

କିନ୍ତୁ ସର୍ବ ଜୀବ ଦେହରେ ବ୍ରହ୍ମାଣ୍ଡ ଲକ୍ଷଣ ଅବସ୍ଥିତ । ମାୟାଗ୍ରସ୍ତ ସାକାର ଶରୀରର ବିନାଶ ଅଛି ସତ, କିନ୍ତୁ ତା'ର ସୂକ୍ଷ୍ମ ନିରାକାର ଶରୀର ଅବିନାଶୀ । ଏହା ନମସ୍କାରର ଯୋଗ୍ୟ ।

''ବ୍ରାହ୍ମଣ ଲକ୍ଷଣଂ ସର୍ବଂ ଦେହ ମଧ୍ୟେ ବ୍ୟବସ୍ଥିତଂ ।
ସାକାରସ୍ଥ ବିନଶ୍ୟନ୍ତି ନିରାକାର ନମସ୍ୟନ୍ତି ।।''

ଏହି ସାକାର ଶରୀରରେ ଷଡ଼ଚକ୍ର ଭେଦି ରହିଛି । ଏହାରି ମଧ୍ୟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଅଛି । ଏହି ତ୍ରିପୁରରୁ ଏକବିଂଶ ପୁର ହୋଇଛି । ସ୍ୱର୍ଗ ସାତ ପୁର - କଣ୍ଠରୁ ଶିର ପର୍ଯ୍ୟନ୍ତ, ମର୍ତ୍ତ୍ୟ ସାତପୁର - ନିତମ୍ବ ଠାରୁ କଣ୍ଠ ପର୍ଯ୍ୟନ୍ତ ଏବଂ ପାତାଳ ସାତପୁର - ଚରଣରୁ ନିତମ୍ବ ପର୍ଯ୍ୟନ୍ତ । ଏହି ଏକୋଇଶ ପୁରର ସ୍ୱତନ୍ତ୍ର ନାମ ମଧ୍ୟ ଅଛି - ଅତଳ, ବିତଳ, ସୁତଳ, କିତଳ, ପାତଳ, ରସାତଳ ଓ ତଳାତଳ ହିଁ ସପ୍ତପାତାଳ । ଅମର, ଗନ୍ଧର୍ବ, ନର, ସତ୍ୟ, ମୃତ୍ୟୁ, କ୍ରୀଡ଼ା ଓ ଲୀଳା - ଏ ସପ୍ତ ମର୍ତ୍ତ୍ୟ । ନୀଳ, ନୀଳାଚଳ, ଚଳ, ସାର, ଯୋଗ, କ୍ଷାର, ବୈକୁଣ୍ଠ - ଏ ସପ୍ତ ସ୍ୱର୍ଗ ଅଟେ । ଏ ପିଣ୍ଡରେ ସର୍ବ ଦେବତା ବିଦ୍ୟମାନ ଅଛନ୍ତି ।

''ଦେହସ୍ଥା ସର୍ବ ବିଦ୍ୟାଂଶ୍ଚ ଦେହସ୍ଥା ସର୍ବ ଦେବତା
ଦେହସ୍ଥା ସର୍ବ ତୀର୍ଥମାନ୍ ଗୁରୁବାକ୍ୟ ନ ଲଭ୍ୟନ୍ତେ ।।''

ଏ ପିଣ୍ଡରେ ଯାହା ସବୁ ଅଛି, ସେ ସବୁ ଆମେ ସ୍ଥୂଳ ଦୃଷ୍ଟିରେ ସଚରାଚର ଜଗତରେ ପ୍ରତ୍ୟକ୍ଷ କରୁଁ ବା ଦେଖିଥାଉଁ । ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ବାକ୍ୟ ଦ୍ୱାରା କୃପାପ୍ରାପ୍ତ ହେଲେ ଶିଷ୍ୟ ଦକ୍ଷ ଅନୁଗତ ଦେହରେ ସ୍ଥିତ ସର୍ବବିଦ୍ୟା, ସର୍ବ ଦେବତା ତଥା ସକଳ ତୀର୍ଥ ଲାଭ ଓ ଦର୍ଶନ କରିପାରେ ।

କର୍ମଧାରା କର ନିସ୍ତାର ସବ ।
ସବୁ ଶୁଭମଣି ସନ୍ତୋଷେ ରହ ।।




*'ଆମର ଲକ୍ଷ୍ୟ-ଚରମ ପ୍ରାପ୍ତି' । ଆମେ ପ୍ରତ୍ୟେକ ପରମଧାମ ଚରମ ପ୍ରାପ୍ତି ନିମନ୍ତେ ଆଶା ଆକାଂକ୍ଷା ପୋଷଣ କରିଛୁ । ଏ ମଧ୍ୟରେ ବିଗତ ବର୍ଷ-ଊନଚତ୍ୱାରିଂଶତ୍ (୩୯ତମ) କେଶବାବ୍ଦରେ ଚରମର ପ୍ରଥମ ପୁଷ୍ପ ତିନିଗୋଟି ପାଖୁଡ଼ା ବିଶ୍ୱ ଆଧ୍ୟାତ୍ମିକ ଜନଜୀବନ ଓ ଧର୍ମସାହିତ୍ୟକୁ ଉପହାର ଦେଇଛି ।*

ମନ ଯାହା ଚାହେଁ, ତାହା କ'ଣ ସେ ସବୁ ସମୟରେ ଠିକ୍ ମତେ ପାଇଥାଏ ? ତଥାପି, ମନର ମୂଳେ ଏ ଜଗତ ଏକଥା କହିବାର ତାତ୍ପର୍ଯ୍ୟ: ଚରମର ପ୍ରତି ପୁଷ୍ପର ପ୍ରତ୍ୟେକ ପାଖୁଡ଼ା ଏବଂ ଅନିର୍ବାଣ ଦୀପଶିଖା, ଚିନ୍ତନ, ଜରିଆ କୁଳିଆ, ଜ୍ଞାନାଞ୍ଜନ, ମଣୋହି, ମାଳିକା ପ୍ରବାଦୀୟ ଉତ୍ସବାନୁଷ୍ଠାନର ସ୍ମରଣିକା ଇତ୍ୟାଦି ବହୁ ସଂଖ୍ୟାରେ କ୍ଷିତିଜ୍ୟୋତି ଆଶ୍ରମର ଚରମ କାର୍ଯ୍ୟାଳୟରେ ଗଚ୍ଛିତ ହୋଇ ରହିଛି । ପୁଣି ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଆବିର୍ଭାବ ତିଥି ଉତ୍ସବ ଉପଲକ୍ଷ୍ୟରେ ପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ - ''ଜରିଆତୀର୍ଥ'' ମୁଦ୍ରିତ ହୋଇ ପ୍ରକାଶ ଅପେକ୍ଷାରେ ।

ନତି ସ୍ୱୀକାର କରି ମଧ୍ୟ ଆମ୍ଭେମାନେ ଯଦି ଉନ୍ନତି କରି ନ ପାରୁଁ, ତେବେ କ'ଣ ବ୍ରହ୍ମପୁରୁଷଙ୍କୁ ଦୋଷ ଦେବା କି ? ସାଂସାରିକ ଓ ବୈଷୟିକ ଜୀବନରେ ପରିବାର ପୋଷଣ ନିମନ୍ତେ ବିଷୟବୁଦ୍ଧି ନେଇ ଆମେ କେତେ ବ୍ୟୟ / ଅପବ୍ୟୟ କରୁଥାଉଁ । ପରମପଦ ଓ ଚରମ ପ୍ରାପ୍ତିର ଆଶା ପୋଷଣ କରି 'ଚରମ' ପତ୍ରିକାର ପ୍ରସାର/ ପ୍ରଚାର ନିମନ୍ତେ ସ୍ୱଉପାର୍ଜନରୁ କିଛି ବ୍ୟୟ କଲେ କ'ଣ ତାହା ଅପବ୍ୟୟ ହୋଇଯିବ କି ??

କର୍ତ୍ତବ୍ୟର ଆହ୍ୱାନକୁ ଆଜ ଦେଖାଇ ଟାଳି ଦେଲେ କି ଲାଭ ମିଳିବ ? ତେଣୁ ଆଜି ଚରମର ସଙ୍କେତ ଆମ ସମସ୍ତଙ୍କ ପାଇଁ, ପ୍ରତ୍ୟେକଙ୍କ ପାଇଁ -

(କ) ପ୍ରତ୍ୟେକ ସନ୍ଦେଶପତ୍ରଧାରୀ ନିଶ୍ଚିତ ଭାବରେ ଗୋଟିଏ ଗୋଟିଏ ଚରମର ପ୍ରତ୍ୟେକ ପୁଷ୍ପ / ପାଖୁଡ଼ା କ୍ରୟ କରିବା ।

(ଖ) ପ୍ରତ୍ୟେକ ସନ୍ଦେଶପତ୍ରଧାରୀ ଆପଣାର ବନ୍ଧୁବାନ୍ଧବ, ପଡ଼ିଶାଙ୍କୁ ଚରମର ପ୍ରତ୍ୟେକ ପୁଷ୍ପର ପ୍ରତ୍ୟେକ ପାଖୁଡ଼ା କ୍ରୟ କରିବା ନିମନ୍ତେ ପ୍ରବର୍ତ୍ତାଇବା ।

(ଗ) ନିଜ ନିଜର ପରିବେଶରେ ଚରମ ପତ୍ରିକା ବିକ୍ରୟ କରିବା ଓ କ୍ରୟ ଲବ୍ଧ ଧନ ଯଥା ସମୟରେ କାଳବିଳମ୍ବ ନ କରି ଚରମ କାର୍ଯ୍ୟାଳୟରେ ଜମା ଦେବା ।

(ଘ) ଚରମର ବାର୍ଷିକ ଗ୍ରାହକ ସଂଗ୍ରହ କରିବା ଓ ବାର୍ଷିକ ଗ୍ରାହକ ଦେୟ ଟ.୯୦.୦୦ (ନବେଟଙ୍କା

ମାତ୍ର) ରସିଦ୍ ମାଧ୍ୟମରେ ସଂଗ୍ରହ କରି ସଂଗୃହୀତ ଅର୍ଥ କାଳବିଳମ୍ବ ନ କରି ଯଥା ସମୟରେ ଚରମ କାର୍ଯ୍ୟାଳୟରେ ଜମା ଦେବା ।

ଭକ୍ତର ଆକର୍ଷଣ ଯୁଗେ ଯୁଗେ ଥାଏ - ଆଜି ବି ଅଛି । ସେହି ଅବ୍ୟକ୍ତ ଆକର୍ଷଣରେ / ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଶୀର୍ବାଦ ଓ ଆଜ୍ଞାରୁ ଚରମ ପ୍ରକାଶନ ସଂସ୍ଥା ନିମନ୍ତେ ନିମ୍ନମତେ ଅର୍ଥ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି -

(କ) ପୃଷ୍ଠପୋଷକ / ଆଜୀବନ ଦେୟ - ଟ. ୫,୦୦୦.୦୦ (ପାଞ୍ଚହଜାର ଟଙ୍କା)

(ଖ) ବାର୍ଷିକ ଦେୟ ଟ. ୯୦.୦୦ (ନବେ ଟଙ୍କା)

ବହୁ ଆଗ୍ରହୀ ଭକ୍ତ, ଅନୁଗତ, ଗୁରୁଭାଇଭଉଣୀ ସ୍ୱେଚ୍ଛାକୃତ ଭାବରେ ଉପର ଲିଖିତ ତିନି ଶ୍ରେଣୀର ସଭ୍ୟ / ଗ୍ରାହକଭୁକ୍ତ ହୋଇ ଚରମ କାର୍ଯ୍ୟାଳୟରେ ନିଜ ନିଜର ଦେୟ ଗଚ୍ଛିତ କଲେଣି । ଚରମର ଏହି ଆହ୍ୱାନ ଆମ ପ୍ରତ୍ୟେକଙ୍କ ପାଇଁ ଏକ ତ୍ୟାଗ ନିଷ୍ଠାର ପରୀକ୍ଷା । ଆସନ୍ତୁ ଆନ୍ତରିକତାର ସହିତ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା । ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଦିବ୍ୟ କରୁଣାଧାରାରେ ସିକ୍ତ ହୋଇ ପ୍ରେମାସ୍ପଦ ହେବା । ତ୍ୟାଗର ସୀମା ନ ଥାଏ, ନାହିଁ । ନିଷ୍ଠାର ସହିତ ତ୍ୟାଗ କରି ଚାଲିଲେ, ବିଷୟାବନ୍ଧନରୁ ମୁକ୍ତ ହେବା, ଭକ୍ତ ହୋଇଯିବା ।

ନବ ପ୍ରଭାତର ସମୟ । ନବୀନ ସୂର୍ଯ୍ୟାଲୋକରେ ଜଗତ ଉଦ୍ଭାସିତ । ଏ ବେଳେ ସୁସୁପ୍ତି ଶୋଭା ପାଏନା, ଉଠ, ଜାଗିଉଠ, ଚରମ ପ୍ରାପ୍ତି ପଥରେ ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ଆଗେଇ ଚାଲ । ତ୍ୟାଗ, ନିଷ୍ଠା, ଆନ୍ତରିକତାର ହିସାବ କରିବା ଶୋଭା ପାଏନା । ''ରହି ନାହିଁ କିଛି ରହିବ ନାହିଁ, କେବଳ ଅଛନ୍ତି ନିକଟେ ସାଇଁ ।'' ଗୁରୁସ୍ୱାମୀଙ୍କୁ ନିକଟରେ ପାଇ ବୀର ହେବା ପରିବର୍ତ୍ତେ ଭୀରୁ ହେବୁ କାହିଁକି ? ତ୍ୟାଗ କରୁ କରୁ ପୂର୍ଣ୍ଣ ସମର୍ପଣ ଭାବ ଆସିଯାଏ, ଆସିଯିବ । ତେଣିକି, ଚରମ ପଥ ପରିଷ୍କାର ହୋଇଯିବ । ନିର୍ଭର କରିବା, ନିର୍ଭୀକ ହେବା । ନିମିତ୍ତ ମାତ୍ର ହୋଇ, ନମ୍ରତାର ସହିତ ତାଙ୍କରି ଇଚ୍ଛା ପୂରଣ ନିମନ୍ତେ ନିରଳସ ନିଷ୍ଠା ସମ୍ପନ୍ନ କାମରେ ଲାଗିଯିବା ।

ଖିଆଲି ହୋଇ ଖିଆଲରେ ପ୍ରାପ୍ତ ଯୋଗକୁ ହରେଇବା ନାହିଁ । ସଂହତି ରକ୍ଷା କରି ସଂଘ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି ସୁସଂଯତ ସୁସଂହତ ହୋଇ କର୍ମଯୋଗରେ ଲାଗିଯିବା ।

ଇଂରାଜୀ ବରଷ ଭାରି ମଉଜ ।
ଓଡ଼ିଆ ମାଳିକା ନାମରେ ହେଜ ।।

# ଆଶ୍ରମ ସନ୍ଦେଶ

*ଚରମ-ପ୍ରଥମପୁଷ୍ପ-ତୃତୀୟ ପାଖୁଡ଼ାରେ ଏପ୍ରିଲ **୧୯୯୪ ପର୍ଯ୍ୟନ୍ତ** 'ଆଶ୍ରମ ସନ୍ଦେଶ' ସ୍ତମ୍ଭରେ ସଂକ୍ଷିପ୍ତ ବିବରଣୀ ଶ୍ରଦ୍ଧେୟ ଗୁରୁଭାଇ/ଭଉଣୀ ତଥା ପତ୍ରିକାର ଗ୍ରାହକ, ପାଠକ/ପାଠିକା, ପୃଷ୍ଠପୋଷକ, ଅନୁଗତ ଭକ୍ତମଣ୍ଡଳୀଙ୍କ ଗୋଚରାର୍ଥେ ପ୍ରସ୍ତୁତ ହୋଇଥିଲା । ଏବେ ଚରମର ଦ୍ୱିତୀୟ ପୁଷ୍ପ-ପ୍ରଥମ ପାଖୁଡ଼ାରେ ୧୯୯୪ ମେ' ମାସଠାରୁ ଅଦ୍ୟାବଧି ସଂକ୍ଷିପ୍ତ ବିବରଣୀ ସମଗ୍ର ଶ୍ରଦ୍ଧାଳୁଙ୍କ ଅବଗତି ନିମନ୍ତେ ପ୍ରସ୍ତୁତ କରାଗଲା ।*

ତା୧୦।୫।୯୪ ରିଖ : (ମଙ୍ଗଳବାର) ଭଳିଶାଖାର ଦ୍ୱିତୀୟ ବାର୍ଷିକୋତ୍ସବ ତଥା ଅଚ୍ୟୁତଗୁପ୍ତ ବ୍ରହ୍ମସଂଘର ୩୫ ତମ ସତ୍‌ସଙ୍ଗ ମହାସମାରୋହରେ ପାଳିତ ହୋଇଛି । ସଂଧ୍ୟା ଅଧିବେଶନର ଅବ୍ୟବହିତ ପୂର୍ବରୁ ଆକସ୍ମିକ ବର୍ଷା ହେତୁ ସତ୍‌ସଂଗ ବାଧାପ୍ରାପ୍ତ ହେଲେ ହେଁ ସନାତନୀ କେତନ ଉତ୍ତୋଳନ, ଆସବାୟ ମନ୍ତ୍ର ଧ୍ୱନି, ଗୁରୁବନ୍ଦନା,ପ୍ରାର୍ଥନା, ମହାମନ୍ତ୍ର, ବିରତି ପୂଜା ବିଧି, ଶାନ୍ତିର୍ବଚନ ଆଦି ଯଥାରୀତି ପାଳନ କରାଯାଇଛି ।

ତା ୧୩।୫।୯୪ ରିଖ : **(ଶୁକ୍ରବାର) ଅକ୍ଷୟ ତୃତୀୟା : ବି.ଭ୍ରା.ଦି.ପର ବାର୍ଷିକୋତ୍ସବ । ପରମ କାରୁଣିକ ଜୀବନ ଦେବତା ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଇଚ୍ଛାରୁ ଏହି ଉତ୍ସବ ପ୍ରତ୍ୟେକ ଶାଖା ତଥା** କେନ୍ଦ୍ରରେ ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁଯାୟୀ ବିପୁଳ ଭକ୍ତ ସମାବେଶରେ ଆନନ୍ଦୋଚ୍ଛଳ ପୂତ ପବିତ୍ର ଅଧ୍ୟାତ୍ମ ପରିବେଶରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏତଦ୍‌ବ୍ୟତୀତ ବରାହୀପୁର ଏବଂ କୁଳିଆ ଶାଖାର ବାର୍ଷିକୋତ୍ସବ ମଧ୍ୟ ଯଥାରୀତି ପାଳିତ ହୋଇଛି ।

ତା ୨୫।୫।୯୪ ରିଖ : **(ବୁଧବାର) ଚନ୍ଦନ ପୂର୍ଣ୍ଣିମା : ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ବାର୍ଷିକୋତ୍ସବ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗାର କ୍ଷିତିଜ୍ୟୋତି ଆଶ୍ରମ ପରିସରରେ** ବିପୁଳ ଜନ ସମାବେଶରେ ଆନନ୍ଦ ଉତ୍ସାହପୂର୍ଣ୍ଣ ବାତାବରଣରେ ମହା ସମାରୋହରେ ପାଳିତ ହୋଇଯାଇଛି । ସୁଦୂର ମୟୁରଭଂଜ, କେନ୍ଦୁଝର, ବାଲେଶ୍ୱର, ଢେଙ୍କାନାଳ, ଫୁଲବାଣୀ ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଗୁରୁଭାଇଭଉଣୀମାନେ ଏହି ଉପଲକ୍ଷ୍ୟରେ ଆଶ୍ରମରେ ସମବେତ ହୋଇ ପରିବେଶକୁ ଉତ୍ସବ ମୁଖର କରିଥିଲେ । ପୂର୍ଣ୍ଣିମା ସଂଧ୍ୟାର ଅଧିବେଶନରେ ସ୍ଥାନୀୟ ବିଧାୟକ ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ନିମନ୍ତେ ଗୁରୁଭାଇମାନଙ୍କୁ ପରିଷଦ୍ ତରଫରୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ଓ ପ୍ରଶଂସାପତ୍ର ବିତରଣ କରିଛନ୍ତି ।

ତା ୫।୬।୯୪ ରିଖ : **(ରବିବାର) : ଅପରାହ୍ନରେ ଶ୍ରୀ ଶ୍ରୀ ଠାକୁରଙ୍କ ଉପସ୍ଥିତିରେ ପରିଷଦ୍‌ର କାର୍ଯ୍ୟ ନିର୍ବାହୀ ସଭାର ବୈଠକ ବସି ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ନିର୍ବାହୀ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭାଙ୍ଗି ଦିଆଯାଇଛି । ସାନି ସଭା ଗଠନ ପର୍ଯ୍ୟନ୍ତ ପ୍ରଭୁପାଦ ସ୍ୱୟଂ ସମସ୍ତ ଦାୟିତ୍ୱ ନିଜର ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳନା କରିବା ନିଷ୍ପତ୍ତି ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଅଛି ।**

ତା ୧୧।୬।୯୪ ଖ୍ରି : (ଶନିବାର) : କାଳିଅଣ୍ଡି ଶାଖାର ଦ୍ୱିତୀୟ ବାର୍ଷିକୋତ୍ସବ ତଥା ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ୩୬ ତମ ସତ୍‌ସଙ୍ଗ ଜ୍ୟେଷ୍ଠ ଶୁକ୍ଳା ଦ୍ୱିତୀୟା ତିଥିରେ ମହାସମାରୋହରେ ବିପୁଳ ଭକ୍ତ ଅନୁଗତ ଭାଇଭଉଣୀଙ୍କର ସମାବେଶରେ ଯଥାରୀତି ପାଳିତ ହୋଇଅଛି । ସାୟଂ ଘ.୫.୩୦ମି: ରୁ ସତ୍‌ସଙ୍ଗ ଅଧିବେଶନ ରାତ୍ର ଘ.୧୨.୪୫ ମି: ପର୍ଯ୍ୟନ୍ତ ସୁଶୃଙ୍ଖଳ ଭାବରେ ଅନୁଷ୍ଠିତ ହୋଇଅଛି ।

ତା ୧୬।୭।୯୪ ଖ୍ରି : (ଶନିବାର) : କ୍ଷିତିଜ୍ୟୋତି ଆଶ୍ରମ,ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗାର ବାପୁଜୀ ଶିଶୁମନ୍ଦିରର ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ଘ.୧୦.୩୦ମି. ରୁ ଅପରାହ୍ନ ଘ.୨.୩୦ମି. ପର୍ଯ୍ୟନ୍ତ ଆଶ୍ରମର ପ୍ରଥମାଚାର୍ଯ୍ୟ ଦିବଂଗତ ଜତୀଶଦା' ଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଭାବଗମ୍ଭୀର ପରିବେଶରେ ଶହ ଶହ ଭାଇଭଉଣୀଙ୍କ ସମାବେଶରେ ଯଥାରୀତି ପାଳିତ ହୋଇଛି । ପ୍ରଭୁପାଦ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟ ଉପସ୍ଥିତିରେ ବିଭୁତି ଭାଇଙ୍କ ଦ୍ୱାରା ପିଣ୍ଡଦାନ ଏବଂ ଶ୍ରାଦ୍ଧପୂଜା ସମାପନ କରାଯାଇଛି । ଜତୀଶଦା'ଙ୍କର ସ୍ମୃତିଚାରଣ କରି ଆଚାର୍ଯ୍ୟ ମହାଶୟ, କେଶବ ଦାସ ବୃନ୍ଦାବନ, ତତ୍ତ୍ୱବାହୀ କୁଶଭାଇ ଓ ସଂପାଦକ ଧୀରଭାଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । ପୂର୍ବରୁ ନକଲ କରାଯାଇଥିବା ଜତୀଶଦା'ଙ୍କର କଣ୍ଠସ୍ୱର ଟେପ୍ ରେକର୍ଡର ମାଧ୍ୟମରେ ସମବେତ ଭାଇଭଉଣୀମାନଙ୍କୁ ଡ଼ାକବାକି ଯନ୍ତ୍ର ଦ୍ୱାରା ଶ୍ରାଦ୍ଧସ୍ଥଳରେ ଶୁଣାଇ ଦିଆଯାଇଛି । ପ୍ରାରମ୍ଭରେ ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ମହାମନ୍ତ୍ର ଆଦି ଯଥାରୀତି କରିବା ପରେ ବୃନ୍ଦାବନଭାଇ ଜତୀଶଦା'ଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରାଦ୍ଧ ନିବେଦନ, ମହାମନ୍ତ୍ର ଗାନ ପରେ ସମବେତ ଭାଇଭଉଣୀମାନେ ପ୍ରଭୁଙ୍କ ପାଦପୀଠରେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରି ପ୍ରସାଦ (ଭୋଗ) ସେବା ପରେ ପୂତପବିତ୍ର ପରିବେଶ ମଧ୍ୟରେ ଶ୍ରାଦ୍ଧ କାର୍ଯ୍ୟକ୍ରମ ସମାପନ ହୋଇଛି ।

ତା ୨୬।୭।୯୪ ଖ୍ରି : (ସୋମବାର) : ପୂର୍ବାହ୍ନରେ ପରମ ଦେବତା ଶ୍ରୀଶ୍ରୀଶ୍ରୀ ଠାକୁର ଏକ ଅଣଆନୁଷ୍ଠାନିକ ଭକ୍ତ ସମାବେଶରେ କ୍ଷିତିଜ୍ୟୋତି ଆଶ୍ରମ ପରିସର ଆପଣା ବୈଠକଖାନାରେ 'ଅନିର୍ବାଣ ଦୀପଶିଖା' ଉନ୍ମୋଚନ କରି ତାହା ବିକ୍ରୟ ନିମନ୍ତେ ଆଜ୍ଞା, ଆଦେଶ ଓ ଆଶୀର୍ବାଦ ଦେଇଛନ୍ତି ।

ତା ୨୧।୮।୯୪ ଖ୍ରି : (ରବିବାର) : ରକ୍ଷାବନ୍ଧନ ପୂର୍ଣ୍ଣିମା : ଏହି ଅବସରରେ ଆପଣାର ଜୀବନ ଦେବତା ପରମ ପ୍ରେମମୟ ଦୟାବତାର ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ହସ୍ତରେ ରକ୍ଷାବନ୍ଧନ କରିବା ଆଶାରେ ପୂର୍ବଦିନଠାରୁ ଦୂରଦୂରାନ୍ତ ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝରରୁ ତଥା ଆଖପାଖ ଅଞ୍ଚଳରୁ ଆସିଥିଲେ । ସେହି ପ୍ରାତଃରୁ ଆଶ୍ରମ ପରିସରରେ ଭକ୍ତ, ଶିଷ୍ୟ, ଦାସ, ସେବକ, ଅନୁଗତ ଭାଇଭଉଣୀ ତଥା ଦିବ୍ୟାତ୍ମା ଜନସାଧାରଣଙ୍କର ବିପୁଳ ଜନସମାବେଶ ପରିସରକୁ ଆନନ୍ଦମୁଖର ଲୋକାରଣ୍ୟରେ ପରିଣତ କରିଥିଲା । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କୁ ଖୋଲାମଞ୍ଚରେ ଦର୍ଶନ, ପାଦପୀଠରେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ, ପ୍ରଭୁଙ୍କ ଦକ୍ଷିଣହସ୍ତରେ ରାକ୍ଷୀବନ୍ଧନ କରିଅଛନ୍ତି । ଏତଦ୍‌ବ୍ୟତୀତ ପ୍ରଭୁଙ୍କ ସମକ୍ଷରେ ଭାଇଭଉଣୀମାନେ ପରସ୍ପର ହାତରେ ରାକ୍ଷୀ ବାନ୍ଧି ଅପୂର୍ବ ଦିବ୍ୟଭ୍ରାତୃତ୍ୱ ପ୍ରେମରେ ଅବଗାହନ ସହ ପ୍ରଭୁଙ୍କର କଲ୍ୟାଣ ଲାଭ କରି ନିଜ ନିଜକୁ ଧନ୍ୟ କରିଛନ୍ତି ।

ତା ୯।୯।୯୪ ରିଖ : (ଶୁକ୍ରବାର) ଗଣେଶ ଚତୁର୍ଥୀ : ପୂର୍ବାହ୍ଣ ଘ୯ଣ୍ଟାରୁ ମଧ୍ୟାହ୍ନ ଘ.୧୨.୩୦ମି. ପର୍ଯ୍ୟନ୍ତ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଉପସ୍ଥିତିରେ ଆଚାର୍ଯ୍ୟ ମହାଶୟ ସମସ୍ତ ଶାଖାର ମୁଖ୍ୟ, ଉପମୁଖ୍ୟ, ପୂଜକ ଓ ସହପୂଜକମାନଙ୍କୁ ଠାକୁରଙ୍କର ଶୁଭ ୪୦ ତମ ଆବିର୍ଭାବ ତିଥି ଉପଲକ୍ଷେ ଭାଗବତ ପାରାୟଣ, ପୂଜାବିଧି ଇତ୍ୟାଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସୂଚନା ଦେଇଥିଲେ । ସମାବେଶରେ ବିଭିନ୍ନ ଶାଖାରୁ ଆଗତ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ଦିବ୍ୟାତ୍ମା ଯୋଗ ଦେଇଥିଲେ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶରେ ଆଶ୍ରମ ତରଫରୁ ପ୍ରତ୍ୟେକ ଶାଖାକୁ ସମ୍ପୂର୍ଣ୍ଣ ଭାଗବତର ଉପହାର ଦିଆଯାଇଛି ।

ତା୧୧।୯।୯୪ ରିଖ : (ରବିବାର) ପୂର୍ବାହ୍ଣ ଘ.୧୦ଣ୍ଟାରୁ ମଧ୍ୟାହ୍ନ ଘ୧ଣ୍ଟା ପର୍ଯ୍ୟନ୍ତ ବିଶେଷ ଭାବରେ ଆହୂତ ଗୁରୁଭାଇ ଭଉଣୀମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇ କ୍ଷେତ୍ର ଓ ଗଠନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇ ଅଖଣ୍ଡଦୀପ ଓ ବାପୁଜୀ ଶିଶୁ ମନ୍ଦିରର ଖର୍ଚ୍ଚ ତୁଲାଇବା ନିମନ୍ତେ ଅର୍ଥ ସଂଗ୍ରହର ନିଷ୍ପତ୍ତି ନିଆଯାଇଅଛି । ଆଚାର୍ଯ୍ୟ ମହାଶୟ ଗୁରୁବନ୍ଦନା ଓ ପ୍ରାର୍ଥନା ପରିଚାଳନା କରିବା, ସଂପାଦକ ଧୀରଭାଇ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିବା, ବୃନ୍ଦାବନ ଭାଇ ତ୍ୟାଗ ଓ ନିଷ୍ଠା ସମ୍ବନ୍ଧରେ ଆପଣାର ଭାବ ବ୍ୟକ୍ତ କରିଥିଲେ । ଏହାପରେ ଉପସ୍ଥିତ ଭାଇ/ଭଉଣୀମାନେ ନିଜ ନିଜର ମାସିକ ଅନୁଦାନ ଦେଇଥିଲେ/ ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ।

ତା ୧୪।୯।୯୪ ରିଖ : ଅପରାହ୍ଣ ଘ୪ଣ୍ଟା ସମୟରେ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟରେ ପରିଷଦ୍‌ର ପ୍ରତିଷ୍ଠାତା ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଉପସ୍ଥିତିରେ ଏକ ଅଧିବେଶନ ଅନୁଷ୍ଠିତ ହୋଇ (ଗତ ତା ୫.୬.୯୪ରିଖ ପରିଷଦ୍‌ରେ କାର୍ଯ୍ୟନିର୍ବାହୀ ସଭାକୁ ଭଙ୍ଗସହ) ୧୯୯୪-୯୫ ମସିହା ନିମନ୍ତେ ନୂତନ କାର୍ଯ୍ୟ ନିର୍ବାହୀସଭା ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ତରଫରୁ ଧୀରଭାଇ ସମସ୍ତଙ୍କ ଉପସ୍ଥିତିରେ ଘୋଷଣା କରିଛନ୍ତି । ନିଷ୍ଠା ଓ ତ୍ୟାଗର ସହିତ କାମ କରି ଚାଲିବା ନିମନ୍ତେ ପ୍ରଭୁପାଦ ଗୁରୁସ୍ୱାମୀ ସମସ୍ତଙ୍କୁ ଆଶୀର୍ବାଦ ଦେଇଛନ୍ତି ।

ତା୧୯।୯।୯୪ ରିଖ : (ସୋମବାର) ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା : ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ୪୦ ତମ ଶୁଭ ଆବିର୍ଭାବ ଉତ୍ସବ କେନ୍ଦ୍ର ତଥା ସମସ୍ତ ଶାଖାରେ ମହାସମାରୋହ ଓ ବିପୁଳ ଆନନ୍ଦ ଉତ୍ସବ ମଧ୍ୟରେ ପାଳିତ ହୋଇଛି । ଏହି ଉପଲକ୍ଷେ ୯ଦିନ, ୭ଦିନ, ୫ଦିନ, ୩ଦିନ ଓ ଏକଦିନ ବ୍ୟାପୀ ଭାଗବତ ପାରାୟଣ ପ୍ରତ୍ୟେକ ଶାଖାରେ ଅନୁଷ୍ଠିତ ହୋଇଛି ।

ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତି ଆଶ୍ରମରେ ଏକ ନିର୍ଦ୍ଦିଷ୍ଟ ଦିନରେ ଠାକୁରଙ୍କର ଶୁଭ ଆବିର୍ଭାବ ଉତ୍ସବ ମହାଡ଼ମ୍ବରରେ ପାଳନ କରାଯିବାର ସ୍ଥିର ହୋଇ ଏଥି ନିମନ୍ତେ ଅର୍ଥ ଅର୍ଘ୍ୟ ସଂଗ୍ରହ କରିବା ନିମନ୍ତେ ପ୍ରତ୍ୟେକ ଶାଖାକୁ ଜଣାଇ ଦିଆଯାଇଛି ।

ଆପଣା ଇଚ୍ଛା ତା'ଠାରେ ରୋପି ବାନ୍ଧ କଲେ ଜୀବ ।<br>
ଶବ ପାଲଟି ଯିବରେ ଜୀବ ଦୂରେଇ ଗଲେ ଶିବ ॥

ଆମର ଲକ୍ଷ୍ୟ : ଚରମପ୍ରାପ୍ତି